

ଆଇପିଏଲ୍ ନିଲାମୀ: ଗ୍ରୀନ୍ ସବୁଠୁ ଦାମୀ

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-171 •WEDNESDAY •17 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୭୧ •ବୁଧବାର •୧୭ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ‘ମନରେଗା’ର ନାମ ପରିବର୍ତ୍ତନ

# ସଂସଦରେ ହଙ୍ଗାମା

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ହ୍ରାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା ସ୍କିମର ନାମ ବଦଳାଇବାକୁ ନେଇ ବିରୋଧୀ ଦଳ ଆଜି ସଂସଦ ଭିତରେ ଓ ବାହାରେ ପ୍ରବଳ ହଙ୍ଗାମା କରିଛନ୍ତି। ଏହା ବଦଳରେ ଆସିବାକୁ ଥିବା ନୂଆ ସ୍କିମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇଥିବାରୁ ସେମାନେ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ଜାତିର ପିତାଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ଆଜି

## ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନକୁ ସହିବୁ ନାହିଁ: ବିରୋଧୀ

## ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି ମୋଦୀ ସରକାର: ମନ୍ତ୍ରୀ

## ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ

ଲୋକସଭାରେ ସରକାର ଏସଂକ୍ରାନ୍ତ ବିଲ୍ ଆଗତ କରିବା ମାତ୍ରେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଏହି ବିଲ୍ ଆଗତ କରିବା ସହିତ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ ଯେ ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ବିଶ୍ୱାସ କରିବା ସହିତ ଏହାର ଅନୁକରଣ ମଧ୍ୟ କରୁଛନ୍ତି। ଗ୍ରାମାଞ୍ଚଳ ବିକାଶ ପାଇଁ ପୂର୍ବ ସରକାର ଯାହା କରିଥିଲେ ତାଠାରୁ ଅଧିକ ବିକାଶ କରିଛନ୍ତି ମୋଦୀ ସରକାର। କିନ୍ତୁ ବିରୋଧୀ ଦଳର ସଭ୍ୟମାନେ କିଛି ଶୁଣିନଥିଲେ। ସେମାନେ ଏହାର ଦୃଢ଼ ବିରୋଧ କରିବା ସହିତ ଅଧିକ ତର୍ଜମା ପାଇଁ ସଂସଦୀୟ କମିଟିକୁ ପଠାଇବା ଲାଗି ଦାବି କରିଥିଲେ। ସେମାନେ ହାତରେ ଗାନ୍ଧୀଙ୍କ ଫଟୋ ଧରି ସରକାରଙ୍କ ନୂଆ ଉଦ୍ୟମର ପ୍ରତିବାଦ କରିଥିଲେ।

ଏହାପରେ ବିରୋଧୀ ଦଳର ସଭ୍ୟମାନେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି ଧାରଣା ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଡିଏମକେର ଟିଆର ବାଲୁ, ଆର୍‌ଏସପିର ଏନକେ ପ୍ରେମଚନ୍ଦ୍ରନ ସମେତ ବିଭିନ୍ନ ଦଳର ନେତା ସାମିଲ ହୋଇଥିଲେ। ‘ଗାନ୍ଧୀଜୀ କୋ ଅପମାନ, ନହିଁ ସହେଗା ହିନ୍ଦୁସ୍ତାନ’ ଭଳି ସେମାନେ ସ୍ଲୋଗାନ ଦେଇଥିଲେ। ସରକାରଙ୍କର ନାମ ବଦଳା ନୀତିର ତୀବ୍ର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ବିଭିନ୍ନ ସ୍କିମର ନାମ ବଦଳାଇବା ସରକାରଙ୍କର ନିଶା ହୋଇଗଲାଣି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଏତେ ଅସହିଷ୍ଣୁତା କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କୌଣସି ସ୍କିମର ନାମ ପରିବର୍ତ୍ତନ କଲେ, ଏଥିରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସରକାର କାହିଁକି ଏମିତି କରୁଛନ୍ତି, ତାହା ସେ ବୁଝିପାରୁ ନାହାନ୍ତି। ସେ କହିଲେ ଯେ ମନରେଗାରେ ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ବର୍ଷକୁ ଶହେ ଦିନର ନିଯୁକ୍ତି ପାଇଁ ଗ୍ୟାରେଣ୍ଟି ଦିଆଯାଇଛି। କିନ୍ତୁ ନୂଆ ସ୍କିମରେ ଏହି ଅଧିକାରକୁ ଦୁର୍ବଳ କରି ଦିଆଯାଇଛି। ସେ କହିଲେ ଯେ ନୂଆ ସ୍କିମରେ କାର୍ଯ୍ୟଦିବସକୁ ବୃଦ୍ଧି କରାଯାଇଛି। ତେବେ ମଜୁରି କାହିଁକି ବଢ଼ାଇଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମନରେଗାରେ କାର୍ଯ୍ୟ ସଂପର୍କରେ ପଞ୍ଚାୟତ ନିଷ୍ପତ୍ତିନେଉଥିଲା, କିନ୍ତୁ ଏବେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ।

ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏସଂକ୍ରାନ୍ତ ବିଲର ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଆରମ୍ଭରୁ ପ୍ରଧାନମନ୍ତ୍ରୀ ମୋଦୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ବିରୋଧ କରି ଆସୁଛନ୍ତି। ଗାନ୍ଧୀଙ୍କ ନାମରେ ଥିବା ସ୍କିମଗୁଡ଼ିକୁ ଦୁର୍ବଳ କରିବା ଲାଗି ସେ ୨୦୧୪ରୁ ଚକ୍ରାନ୍ତ ଚଳାଇଛନ୍ତି। ▶ପୃଷ୍ଠା-୭

# ଅଲୋଡ଼ା ରେକର୍ଡ: ‘ଟଙ୍କା’ର ଅବମୂଲ୍ୟାୟନ ସର୍ବାଧିକ

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଦୁର୍ବଳ ହେଉଛି ଭାରତୀୟ ମୁଦ୍ରା ‘ଟଙ୍କା’। କାରଣ ‘ଟଙ୍କା’ ମୂଲ୍ୟରେ ଅବମୂଲ୍ୟାୟନ ଧାରା ଜାରି ରହିଛି। ଫଳରେ ଏହି ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୧ ଟଙ୍କା ସ୍ତର ଟପିଛି। ଏମିତିକି ଭାରତୀୟ ଟଙ୍କା ଚଳିତ ବର୍ଷ ଏସିଆରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଜାନୁଆରୀରୁ ଡିସେମ୍ବର ୧୫ ମଧ୍ୟରେ ଟଙ୍କା ମୂଲ୍ୟରେ ସର୍ବାଧିକ ୬ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି।

## ୧ ଡଲାର୍ = ୯୧.୦୭ ଟଙ୍କା



### ବର୍ଷକରେ ଟଙ୍କା ମୂଲ୍ୟ ୬%ରୁ ଅଧିକ ଖସିଛି

ତେବେ ଏଥିରେ କୌତୂହଳର ବିଷୟ ହେଉଛି ଯେ, ପଡୋଶୀ ପାକିସ୍ତାନ, ବାଙ୍ଗଲାଦେଶ ଏବଂ ଶ୍ରୀଲଙ୍କା ମୁଦ୍ରା ତୁଳନାରେ ମଧ୍ୟ ଟଙ୍କା ୨୦୨୫ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଅର୍ଥାତ୍ ୨୦୨୫ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ଘଟିଛି।

ଭାରତର ରପ୍ତାନି ସହ ପ୍ରତିଯୋଗିତା କରୁଥିବା ପ୍ରମୁଖ ଏସୀୟ ଦେଶଗୁଡ଼ିକର ମୁଦ୍ରା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ଭାରତୀୟ ଟଙ୍କା, ଭିଏତନାମ୍‌ର ଡଙ୍ଗ ଏବଂ ଇଣ୍ଡୋନେସିଆନ୍ ରୂପିୟା ଚଳିତ ବର୍ଷ ଡଲାର ତୁଳନାରେ ଅଧିକ ହ୍ରାସ ଘଟିଛି। ଅପରପକ୍ଷେ ଦକ୍ଷିଣ କୋରିଆର ମୁଦ୍ରା ୱାନ୍ ମୂଲ୍ୟ ତୁଳନାତ୍ମକ ଭାବରେ ସ୍ଥିର ରହିଥିବାବେଳେ, ଚୀନ୍‌ର ୟୁଆନ୍, ସିଙ୍ଗାପୁର ଡଲାର, ଥାଇ ବାଟ ଏବଂ ମାଲେସିଆର ରିଙ୍ଗିଟ୍‌ର ସ୍ଥିତି ସୁଦୃଢ଼ ହୋଇଛି। ତେବେ ଯଦି ଆମେ ▶ପୃଷ୍ଠା-୭

### କୁହୁଡ଼ି ହେଲା କାଳ; ୮ ବସ-୩ କାର୍ ଧକ୍କା

# ୧୩ ଜୀବନ୍ତ ଦଗ୍ଧ; ୭୦ ଆହତ



■ ମଥୁରା, ୧୬।୧୨ (ଏଜେନ୍ସି): ଘନ କୁହୁଡ଼ି ଯୋଗୁଁ ଉତ୍ତର ପ୍ରଦେଶ ମଥୁରାର ଯମୁନା ଏକ୍ସପ୍ରେସୱେରେ ମଙ୍ଗଳବାର ବଡ଼ି ଭୋରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବଳଦେବ ଥାନା କ୍ଷେତ୍ରର ୧୨୭ ମାଇଲଷ୍ଟୋନ ନିକଟରେ ୮ ବସ୍ ଏବଂ ୩ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିଯୋଗୁଁ ଗାଡ଼ି ଗୁଡ଼ିକରେ ନିଆଁ ଲାଗି ବିଜେପି ନେତାଙ୍କ ସମେତ ୧୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୭୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ଏକ୍ସପ୍ରେସୱେକୁ ଘନ କୁହୁଡ଼ି ▶ପୃଷ୍ଠା-୭

**ଧଉଳି ଗଣଦୁଷ୍କର୍ମ**

# ଧରାଛୁଆଁ ବାହାରେ ଜୋକର ହାପି

### ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ ସଦସ୍ୟା

■ ଭୁବନେଶ୍ୱର, ୧୬।୧୨ (ସମିସ): ଦିନ ଯେତିକି ଗଡୁଛି ଧଉଳି ଗଣଦୁଷ୍କର୍ମ ଘୁମରର କଳା କାହାଣୀ ଧୀରେଧୀରେ ଖୋଲିବାରେ ଲାଗିଛି। ନାବାଳିକା ଯୁକ୍ତ ଦୁଇ ଛାତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଲୁଟପାଟ କରାଯିବା ସହ ଗଣ ଦୁଷ୍କର୍ମ କରାଗଲା। ଏପରିକି ଗଣଦୁଷ୍କର୍ମର ଭିଡ଼ିଓ ରେକର୍ଡିଂ କରାଗଲା, ପୁଲିସରେ ଅଭିଯୋଗ କଲେ ଭିଡ଼ିଓ ଭାଇରାଲ କରାଯିବାକୁ ଧମକ ଦିଆଗଲା। ଏହି ବୀଭତ୍ସ ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି । ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଅନୁରୂପ ଭାବରେ ଘଟଣାକୁ ସମସ୍ତେ ନିନ୍ଦା କରୁଥବାବେଳେ ଜଣେ ମହିଳା ଆଇଏଏସ୍ ଅଧିକାରୀ ମଧ୍ୟ ଏହି ▶ପୃଷ୍ଠା-୭

**ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୁଲିସ ନାରାଜ**

## ସୀମା ଟପୁଛି ଅରାଜକତା: ନବୀନ

■ ଭୁବନେଶ୍ୱର, ୧୬।୧୨ (ସମିସ): ଧଉଳିରେ ଜନୈକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବିଚଳିତ କରିଦେବା ପରି ବିଷୟ। ରାଜ୍ୟରେ ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ନବୀନ କହିଛନ୍ତି ଯେ ରାଜ୍ୟରେ ଅପରାଧୀ ଭୟଶୂନ୍ୟ ହେଉଛନ୍ତି, ▶ପୃଷ୍ଠା-୭



**ବିଶ୍ୱସନୀୟତା ହରାଉଛନ୍ତି ରାଜ୍ୟର ବିଜେପି ସରକାର**

**ସମ୍ବେଦନହୀନ ଆଚରଣ ସରକାରଙ୍କ ଅପାରଗତା ଦର୍ଶାଉଛି**




## ଭାଇ କହିବାରୁ ଚିକିତ୍ସା କଲେନି ଡାକ୍ତର

ମିରଟ, ୧୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟର ପ୍ୟାରେଲାଲ ଶର୍ମା ଜିଲ୍ଲା ହସ୍ପିଟାଲରେ ଅଜବ ଘଟଣା ଘଟିଛି। ଜଣେ ରୋଗୀ ଭାଇ ବୋଲି ଡାକି ଦେବାରୁ ଡାକ୍ତର ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ଏହାକୁ ନେଇ ପ୍ରବଳ ହଙ୍ଗାମା ହୋଇଛି। ମେଡିକାଲ ଦାୟିତ୍ୱରେ ଥିବା ଅଧିକାରୀ ହାତ ଯୋଡ଼ି କ୍ଷମା ମାଗିବା ପରେ ମାମଲା ଶାନ୍ତ ହୋଇଛି। ଗତ ସୋମବାର ଏହି ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ଜିଲ୍ଲା ସମ୍ପାଦକ ବିଟ୍ଟୁ ଜଙ୍ଗେଠି ନିଜ ୬ ବର୍ଷୀୟ ଝିଅ ଶିବାଂଶୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ମୁଣ୍ଡବିନ୍ଧୁ ଥିବାରୁ ଝିଅକୁ ଶିଶୁ ରୋଗ ବିଶେଷଜ୍ଞଙ୍କ ପାଖରେ ଦେଖାଇ ଥିଲେ। ମାତ୍ର ଏତିକି ବେଳେ ଝିଅ ତାଙ୍କୁ ଭାଇ ବୋଲି ଡାକି ଦେଇଥିଲେ। ଏହା ଶୁଣି ଡାକ୍ତର ରାଗିଯାଇ ବିଟ୍ଟୁଙ୍କୁ ଅପମାନିତ କରିଥିଲେ। ଅଶାଳୀନ ବ୍ୟବହାର କରି ଚିକିତ୍ସା କରିବାକୁ ମନା କରିଦେଇଥିଲେ। ପ୍ରେସ୍‌କ୍ରିପସନ ଫୋପାଡ଼ି ଦେଇଥିଲେ। ହସ୍ପିଟାଲ ଗାର୍ଡଙ୍କୁ ଡାକି ପୁଲିସ ହେଲ୍‌ପଲାଇନକୁ ଫୋନ କରିଥିଲେ। ଏହା ଦେଖି ବିଟ୍ଟୁ ବିକେୟୁର ଜିଲ୍ଲା ସଭାପତି ଅନୁରାଗ ଚୌଧୁରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହା ପରେ ଅନୁରାଗଙ୍କ ନେତୃତ୍ୱରେ ଶହ ଶହ କର୍ମୀ ଆସି ଡାକ୍ତରଙ୍କ ବିରୋଧରେ ଅଧୀକ୍ଷକ ଡ. ଯୋଗେଶ ଅଗ୍ରୱାଲଙ୍କୁ ଅଭିଯୋଗ କରିଥିଲେ।ଏହି ସମୟରେ ଶିବାଂଶୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ବିଗିଡି ଯାଇଥିଲା। ଏହା ଦେଖି ସମସ୍ତେ ଭୟଭୀତ ହୋଇଯାଇଥିଲେ ଏବଂ ଡାକ୍ତର ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ବିରୋଧ ବଢୁଥିବା ଦେଖି ଯୋଗେଶ ଅଗ୍ରୱାଲ କ୍ଷମା ମାଗିବାରୁ ମାମଲା ଶାନ୍ତ ପଡ଼ିଥିଲା।

## ବିମାନ ଦୁର୍ଘଟଣାଗ୍ରସ୍ତ; ୭ ମୃତ

ମେକ୍ସିକୋ ସିଟି, ୧୬।୧୨ (ଏଜେନ୍ସି): ମେକ୍ସିକୋର ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ଫୁଟବଲ୍ ପଡ଼ିଆରେ ଜରୁରୀକାଳୀନ ଅବତରଣ ପାଇଁ ପ୍ରୟାସ କରୁଥିବା ସମୟରେ ଏକ କ୍ଷୁଦ୍ର ଘରୋଇ ବିମାନ କାରଖାନା ସହ ମାଡ଼ ହୋଇଛି। ଏଥିଯୋଗୁ ବିମାନରେ ନିଆଁ ଲାଗି ୭ଜଣଙ୍କ ମୃତ୍ୟୁ ହୋଇଛି। ୩ ଜଣ ନିଖୋଜ ଅଛନ୍ତି। ସେମାନଙ୍କ ସନ୍ଧାନ ଜାରି ରହିଛି। ସୂଚନା ଅନୁଯାୟୀ, ସାନ ମାତେଓ ଅତେନକୋରେ ସୋମବାରଏହି ଦୁର୍ଘଟଣା ଘଟିଥିଲା। ବିମାନଟି ଅକାପୁଲକୋରୁ ଉଡ଼ାଣ କରୁଥିଲା। କିଛି ସମୟ ପରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣା ପଡ଼ିଥିଲା। ପରେ ପାଇଲଟ ଏକ ଫୁଟବଲ୍ ପଡ଼ିଆରେ ଜରୁରୀକାଳୀନ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ଏହା ଅବତରଣ ସମୟରେ କାରଖାନାର ଲୁହା ଛାତ ସହିତ ଧକ୍କା ହୋଇଥିଲା। ଏହି ବିମାନରେ ୮ଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ଥିଲେ।

## ମେସି ବିବାଦ; ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା



କୋଲକାତା, ୧୬।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ଲିଓନେଲ ମେସି ଝଡ଼ ଆସିଥିଲା। ଏହି ଝଡ଼ ପାଇଁ ସଲ୍ଟ ଲେକ୍ ଷ୍ଟାଡିୟମରେ ଲଙ୍କା କାଣ୍ଡ ଘଟିଥିଲା। ଏହି ଲଙ୍କା କାଣ୍ଡରେ ବଳି ପଡ଼ିଛନ୍ତି ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରପ ବିଶ୍ୱାସ। ସେ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏବେ ଏହି ମନ୍ତ୍ରାଳୟକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପାଖରେ ରଖିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୩ ତାରିଖରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ମେସିଙ୍କ କାର୍ଯ୍ୟକ୍ରମ ଥିଲା। ତେବେ ଅଢେଇ ଘଣ୍ଟାର କାର୍ଯ୍ୟକ୍ରମକୁ ମାତ୍ର ୨୦ ମିନିଟରେ ସାରି ଦିଆଯାଇଥିଲା। ଏହାକୁ ନେଇ ଟଙ୍କା ଦେଇ ଟିକଟ କିଣି ଆସିଥିବା ଫ୍ୟାନ୍ସ ଚିହିଁକି ଯାଇଥିଲେ। ଅବ୍ୟବସ୍ଥାକୁ ନେଇ ଷ୍ଟାଡିୟମରେ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ମମତା ମଧ୍ୟ କ୍ଷମା ମାଗିଥିଲେ। ଅନ୍ୟପକ୍ଷରେ ଷ୍ଟାଡିୟମ ଘଟଣାକୁ ନେଇ ମମତା ବିଧାନନଗର ପୁଲିସ କମିଶନର, ଡିଜିପି ଏବଂ ଖେଳ ବିଭାଗର ପ୍ରମୁଖ ସଚିବ ରାଜେଶ କୁମାର ସିହ୍ନାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ମାମଲାର ତଦନ୍ତ ପାଇଁ ୪ ଜଣିଆ ଏସଆଇଟି ଗଠନ କରାଯାଇଛି। ସେହିପରି ଷ୍ଟାଡିୟମର ସିଇଓ ଡିକେ.ନନ୍ଦନଙ୍କୁ ତୁରନ୍ତ ପଦରୁ ହଟାଇ ଦିଆଯାଇଛି।

## ଅଷ୍ଟ୍ରେଲିଆ ଆତଙ୍କବାଦୀ ଆକ୍ରମଣ: ଆକ୍ରମଣକାରୀ ସାଜିଦ ଭାରତୀୟ

ସିଡ୍‌ନୀ, ୧୬।୧୨ (ଏଜେନ୍ସି): ଗତ ୧୪ ତାରିଖରେ ଅଷ୍ଟ୍ରେଲିଆର ସିଡନୀର ବଣ୍ଡି ବିଚ୍‌ରେ ଇହୁଦୀ ଲୋକଙ୍କ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀ ସାଜିଦ ଆକ୍ରମ ଭାରତୀୟ ନାଗରିକ ଥିଲେ। ୫୦ ବର୍ଷୀୟ ସାଜିଦ ମୂଳତଃ ତେଲେଙ୍ଗାନା ହାଇଦରାବାଦର ବାସିନ୍ଦା ଥିଲା। ସେ ହାଇଦରାବାଦରୁ ବି.କମ୍ ଡିଗ୍ରୀ ହାସଲ କରିଥିଲା ଏବଂ ଚାକିରି ଖୋଜିବା ପାଇଁ ନଭେମ୍ବର ୧୯୯୮ରେ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଚାଲିଯାଇଥିଲା। ପରେ ସେ ୟୁରୋପୀୟ ବଂଶୋଦ୍ଭବ ମହିଳା ଭେନେରା ଗ୍ରୋସୋଙ୍କୁ ବିବାହ କରିଥିଲା। ସେଠାରେ ସ୍ଥାୟୀ ଭାବରେ ବାସ କରୁଥିଲା। ସାଜିଦ ପାଖର ଏବେ ବି ଭାରତୀୟ ପାସପୋର୍ଟ ଥିଲା। ତାର ପରିବାର ଗଣମାଧ୍ୟମକୁ କହିଥିଲେ ଯେ ସେମାନେ କିଛି ବର୍ଷ ପୂର୍ବରୁ ତାଙ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ। କାରଣ ସେ ଜଣେ ଖ୍ରୀଷ୍ଟିଆନ ମହିଳାଙ୍କୁ ବିବାହ କରିଥିଲେ।ସାଜିଦର ପୁଅ ନାଭିଦ ଆକ୍ରମ (୨୪) ଜଣେ ଅଷ୍ଟ୍ରେଲୀୟ ନାଗରିକ। ସାଜିଦର ମଧ୍ୟ ଏକ ଝିଅ ଅଛି। ତେଲେଙ୍ଗାନା ପୁଲିସ ଅନୁଯାୟୀ, ଭାରତରେ ପୂର୍ବରୁ ସାଜିଦର କୌଣସି ଅପରାଧିକ ରେକର୍ଡ ନାହିଁ। ଏହି ଆତଙ୍କବାଦୀ ଆକ୍ରମଣରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଅଧିକ ଆହତ ହୋଇଥିଲେ। ଏଥିରେ ୨ ଭାରତୀୟ ସାମିଲ ଅଛନ୍ତି। ପୁଲିସ ଗୁଳିରେ ସାଜିଦ ପ୍ରାଣ ହରାଇଥିବାବେଳେ ତା ପୁଅ ଆହତ ହୋଇଥିଲା।

### ରଣ ପ୍ରତିଶୋଧ ପାଇଁ ରଣଦାତାଙ୍କ ଚାପ

# କାମ୍ବୋଡ଼ିଆ ଯାଇ କିଡ୍‌ନୀ ବିକିଲେ ଚାଷୀ



## ଲକ୍ଷେ ଟଙ୍କାର ରଣ ହୋଇଗଲା ୭୪ ଲକ୍ଷ

- ଚଢ଼ା ସୁଧ ପାଇଁ ଶୋଷଣ କରୁଛନ୍ତି ରଣଦାତା
- ଅଭିଯୋଗ ସତ୍ତ୍ୱେ ପୁଲିସ ନେଉନି କାର୍ଯ୍ୟାନୁଷ୍ଠାନ
- ପରିବାର ସହ ଆତ୍ମାହୁତି ଧମକ ଦେଲେ ଚାଷୀ

ମୁମ୍ବଇ, ୧୬।୧୨ (ଏଜେନ୍ସି): ଭାରତରେ ବ୍ୟବସାୟୀଙ୍କୁ ସହଜରେ କୋଟି କୋଟି ଟଙ୍କା ରଣ ମିଳିଯାଉଛି। ଆଉ କିଛି ବ୍ୟବସାୟୀ ଅନେକ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଧରି ବିଦେଶ ପଳାଉ ଥିବା ନଜିର ରହିଛି। ମାତ୍ର ଦେଶରେ ଗରିବ ଚାଷୀଙ୍କୁ ଲକ୍ଷେ ଟଙ୍କା ରଣ ମିଳିବା ବି କଷ୍ଟ ହେଇଯାଉଛି। ଆଉ ଚାଷ ପାଇଁ ହାତ ଉଧାରି କରି ସାହୁକାରଙ୍କଠୁ ଟଙ୍କା ଆଣିଲେ ତାର ସୁଧ ଦେଇ ଦେଇ ଚାଷୀର ଆର୍ଥିକ ସ୍ଥିତି ବିଗିଡ଼ି ଯାଉଛି। ଶେଷରେ ଚାଷୀ ନିଜ ଭିଟାମାଟି ସହିତ ଅଙ୍ଗପ୍ରତ୍ୟଙ୍ଗ ବିକିଲେ ବି ଏହି ରଣ ପରିଶୋଧ କରିପାରୁନି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଚାଷୀ ରୋଶନ ସଦାଶିବ କୁଡେଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। କିଛି ବର୍ଷ ହେଲା ଚାଷରେ କ୍ଷତି ହେବାରୁ ସେ ଗୋପାଳନ କରି ଡାଏରୀ ବେପାର କରିବାକୁ ଚାହୁଁଥିଲେ। ମାତ୍ର ବ୍ୟାଙ୍କ ରଣ ନ ଦେବାରୁ ସେ ଅନେକ ସାହୁକାରଙ୍କଠାରୁ ଲକ୍ଷେ ଟଙ୍କା ଆଣିଥିଲେ। କିନ୍ତୁ ଏ ବାବଦ ସୁଧ ତାଙ୍କ ଉପରେ ଦାଉ ସାଧିଥିଲା। ଦିନକୁ ୧୦ ହଜାର ଟଙ୍କାର ସୁଧ ପାଇଁ ରଣ ରାଶି ୭୪ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ଏଥିପାଇଁ ସେ କିଡ୍‌ନୀ ବିକିବାକୁ ବାଧ ହୋଇଥିଲେ। ସଦାଶିବ କୋଲକାତାରୁ କାମ୍ବୋଡିଆ ଯାଇ ନିଜ କିଡନୀ ବିକ୍ରି କରିଥିଲେ।

ସୂଚନା ଅନୁଯାୟୀ, ବର୍ଷା ନ ହେବାରୁ ଡାଏରୀ ବ୍ୟବସାୟୀ ପାଇଁ ସଦାଶିବ ଅଣ୍ଟା ଭିଡ଼ିଥିଲେ। ମାତ୍ର ବ୍ୟବସାୟ ଆରମ୍ଭ ହେଉ ହେଉ ସେ କିଣିଥିବା ଗାଈ ମରି ଯାଇଥିଲା। ଯେଉଁ ଫସଲ କରିଥିଲେ ତାହା ନଷ୍ଟ ହୋଇ ଯାଇଥିଲା। ରଣ ଭାର ବଢ଼ିବାରେ ଲାଗିଥିଲା ଏବଂ ରଣଦାତା ଚାପ ପକାଇବାରେ ଲାଗିଥିଲେ। ଜମି, ଟ୍ରାକ୍ଟର ଏବଂ ଘରବାଡ଼ି ବିକିବା ସତ୍ତ୍ୱେ ଟଙ୍କା ସୁଝି ପାରି ନ ଥିଲେ। ଏହି ସମୟରେ ଜଣେ ରଣଦାତା ତାଙ୍କୁ କିଡନୀ ବିକିବାକୁ ପରାମର୍ଶ ଦେଇଥିଲେ। ପରେ ସେ ଜଣେ ଏଜେଣ୍ଟଙ୍କ ମାଧ୍ୟମରେ କୋଲକାତାରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି କାମ୍ବୋଡିଆ ଯାଇ କିଡ୍‌ନୀ ଦେଇଥିଲେ। ଏହି କିଡ୍‌ନୀକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ରଣ ପରିମାଣ ସୁଝିବା ସତ୍ତ୍ୱେ ଚଢ଼ା ସୁଧ ନେବା ପାଇଁ ବ୍ରହ୍ମପୁର ସହରର କିଶୋର ବାୱାନକୁଲେ, ମନୀଷ କଲବାନ୍ଦେ, ଲକ୍ଷ୍ମଣ ଉରୁକୁଡେ, ପ୍ରଦୀପ ବାୱାନକୁଲେ, ସଞ୍ଜୟ ବାଲାପୁରେ ଏବଂ ଲକ୍ଷ୍ମଣ ବୋର୍କାର ତାଙ୍କ ଉପରେ ଚାପ ପକାଇ ଥିଲେ।

କୁଡେ ଦାବି କରିଛନ୍ତି ଯେ ଅଭିଯୋଗ ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହା ତାଙ୍କ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଛି। ଯଦି ନ୍ୟାୟ ନ ମିଳେ ତେବେ ସେ ଏବଂ ତାଙ୍କ ପରିବାର ରାଜ୍ୟ ସରକାରଙ୍କ ମୁଖ୍ୟାଳୟ ମୁମ୍ବଇର ମନ୍ତ୍ରଣାଳୟ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ସଦାଶିବ ଧମକ ଦେଇଛନ୍ତି।

## ନେସନାଲ ହେରାଲ୍ଡ ମାମଲାରେ ସୋନିଆ-ରାହୁଲଙ୍କୁ ଆଶ୍ୱସ୍ତି



- ଶୁଣାଣି କରିବାକୁ ମନା କଲେ କୋର୍ଟ
- ମାମଲାରେ ଏତଲା ନାହିଁ, ଅଭିଯୋଗ ବ୍ୟକ୍ତିଗତ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତ ମିଳିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଏର କରିଥିବା ଆରୋପପତ୍ର ଉପରେ ଶୁଣାଣି କରିବାକୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ମନା କରିଦେଇଛନ୍ତି। ତେବେ ଇଡି ଏହି ରାୟ ବିରୋଧରେ ଆବେଦନ କରିବ ବୋଲି କୁହିଛି। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ ନିର୍ଦ୍ଦେସ ଦେଇ କହିଛନ୍ତି ଯେ ଏହି ମାମଲାର ଆରୋପପତ୍ର ବ୍ୟକ୍ତିଗତ ଅଭିଯୋଗ ସମ୍ବନ୍ଧିତ। ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଅନୁଯାୟୀ ଏତଲା ରୁଜୁ ହୋଇ ନାହିଁ। ତେଣୁ ଏହା ଉପରେ ଶୁଣାଣି କରିବା ସମ୍ଭବ ନୁହେଁ। ଏହି ମାମଲା ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀଙ୍କ ଅଭିଯୋଗ ସହ ସମ୍ବନ୍ଧିତ। ସେ ସୋନିଆ, ରାହୁଲ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ) କମ୍ପାନୀର ୨ ହଜାର କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ଲଗାଇ ଥିଲେ। ଏହି ମାମଲାରେ ସୁମନ ଦୁବେ, ସାମ୍ ପିତ୍ରୋଦା, ୟଙ୍ଗ ଇଣ୍ଡିଆନ, ଡୋଟେକ୍ସ ମର୍ଚେଣ୍ଡାଇଜ ଏବଂ ସୁନୀଲ ଭଣ୍ଡାରୀ ମଧ୍ୟ ଅଭିଯୁକ୍ତ ଅଛନ୍ତି।

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଦିଲ୍ଲୀ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରଥମେ ଏତଲା ରୁଜୁ କରି ସାରିଛି। ତେଣୁ ଇଡି ଆରୋପପତ୍ର ଉପରେ ନିଷ୍ପତ୍ତି ଦେବା ଅନୁଚିତ ହେବ। ଇଡି ଚାହିଁଲେ ତଦନ୍ତ ଜାରି ରଖି ଆଗକୁ ତଥ୍ୟ ଉପସ୍ଥାପନ କରିପାରିବ। ସେହିପରି ଦିଲ୍ଲୀ ପୁଲିସର ଏକ ନିବେଦନକୁ ସ୍ୱୀକାର କରି ରାହୁଲ ଏବଂ ସୋନିଆଙ୍କୁ ଏତଲାର ନକଲ ଦେବା ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏତଲାର ନକଲ ପାଇବା ଅଭିଯୁକ୍ତଙ୍କ ଅଧିକାରୀ ନୁହେଁ ବୋଲି ପୁଲିସ କହିଥିଲା। ଇଡି ଅଭିଯୋଗ ଉପରେ ଶୁଣାଣି ସମୟରେ କଂଗ୍ରେସ ଦଳ ଯୁକ୍ତି ଦେଇଥିଲା ଯେ ଇଡିର ତଦନ୍ତ ରାଜନୈତିକ ପ୍ରତିଶୋଧ ଉପରେ ଆଧାରିତ ଥିଲା। ମାତ୍ର ଏହା ଏକ ଗମ୍ଭୀର ଅର୍ଥନୈତିକ ଅପରାଧ ଥିଲା ଏବଂ ଠକେଇ ଓ ଅର୍ଥ ହେରଫେର ପ୍ରମାଣ ମିଳିଥିବା ଇଡି ପକ୍ଷରୁ କୁହାଯାଇଥିଲା।

ଇଡି ଅଭିଯୋଗ ଅନୁଯାୟୀ, କଂଗ୍ରେସ ନେତାମାନେ ମାତ୍ର ୫୦ ଲକ୍ଷ ଟଙ୍କାରେ ଘରୋଇ କମ୍ପାନୀ ୟଙ୍ଗ ଇଣ୍ଡିଆନ ମାଧ୍ୟମରେ ଏଜିଏଲର ୨ହଜାର କୋଟି ମୂଲ୍ୟର ସମ୍ପତ୍ତି ହାସଲ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସୋନିଆ ଏବଂ ରାହୁଲଙ୍କ ପାକରେ ଏହି କମ୍ପାନିର ୭୬% ଅଂଶଧନ ରହିଛି। ଏଥିରୁ ସୋନିଆ ଏବଂ ରାହୁଲ ୯୮୮ କୋଟି ଟଙ୍କା ଆୟ କରିଥିଲେ ବୋଲି ଆକଳନ କରାଯାଇଥିଲା। ଏବେ ଏହି ସମ୍ପତ୍ତିର ବଜାର ମୂଲ୍ୟ ୫ହଜାର କୋଟି ହେବ ବୋଲି ଆକଳନ କରାଯାଇଛି।

## ରାସ୍ତାକଡ଼ରେ ଥିବା ବେଆଇନ ଢାବା ଦୁର୍ଘଟଣା ପାଇଁ ଦାୟୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଏକ୍ସପ୍ରେସୱେ ଏବଂ ନ୍ୟାସନାଲ ହାଇୱେ (ଏନ୍‌ଏଚ୍) ପାର୍ଶ୍ୱରେ ଥିବା ବେଆଇନ ଢାବା ଓ କ୍ଷୁଦ୍ର ହୋଟେଲ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସାରା ଦେଶ ନିମନ୍ତେ ମାର୍ଗଦର୍ଶିକା ଜାରି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ବିଚାର କରୁଛନ୍ତି। ଏହାକୁ ନେଇ ଏନଏଚଆଇ ପକ୍ଷରୁ ହାଜର ସଲିସିଟର ଜେନେରାଲ (ଏସ୍‌ଜି)ଙ୍କୁ ପ୍ରଶ୍ନବାଣ ମାରିଛନ୍ତି ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ। ଏହି ସବୁ ଢାବା ନିର୍ମାଣ ପାଇଁ କିଏ ଦାୟୀ? ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେଉଁ ନିୟମ ରହିଛି? ଏ ପର୍ଯ୍ୟନ୍ତ କି ପଦକ୍ଷେପ ନିଆଗଲାଣି? ଉତ୍ତରରେ ଏସ୍‌ଜି କହିଥିଲେ ଯେ ବେଆଇନ ଢାବା ହଟାଇବାର ନିୟମ ଥିଲେ ମଧ୍ୟ ଏହି ଦାୟିତ୍ୱ ଜିଲ୍ଲା ପ୍ରଶାସନକୁ ଦିଆଯାଇଥାଏ। ସ୍ଥାନୀୟ ପୁଲିସ ଏବଂ ପ୍ରଶାସନ ଥାଏ। ଏଥିପାଇଁ ସମସ୍ୟା ହେଉଛି।

ସୁପ୍ରିମକୋର୍ଟ କହିଥିଲେ ଯେ ଏନ୍‌ଏଚ୍ କିମ୍ବା ଏକ୍ସପ୍ରେସୱେରେ ସର୍ଭିସ ରୋଡ୍ ନ ଥାଏ, ମାତ୍ର ମଝିରେ ମଝିରେ ବେଆଇନ ଢାବା ହୋଇଯାଉଛି। ଏଭଳି ଅଞ୍ଚଳରେ ସର୍ବାଧିକ ଦୁର୍ଘଟଣା ହେଉଛି। ଏହି ଢାବା ନିର୍ମାଣକୁ ରୋକିବା କାହାର ଦାୟିତ୍ୱ ବୋଲି କୋର୍ଟ ଜାଣିବାକୁ ଚାହୁଁଛନ୍ତି। ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି ଯେ ଏହା କୌଣସି ରାଜ୍ୟର ସମସ୍ୟା ନୁହେଁ, ବରଂ ସାରା ଦେଶର ପ୍ରସଙ୍ଗ। ଏଥିପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରି ଦୁର୍ବଳତାକୁ ଦୂର କରାଯିବ।

## ମହିଳା ଡାକ୍ତରଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ



ପାଟନା, ୧୬।୧୨ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନୂଆ ବିବାଦରେ ଫସିଛନ୍ତି। ସେ ପାଟନାର ଏକ କାର୍ଯ୍ୟକ୍ରମରେ ଜଣେ ମହିଳା ଡାକ୍ତରଙ୍କୁ ନିଯୁକ୍ତି ପତ୍ର ଦେବା ସମୟରେ ତାଙ୍କ ହିଜାବକୁ ଟାଣି ଦେଇଛନ୍ତି। ଏହା ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ନୀତୀଶଙ୍କୁ କଂଗ୍ରେସ ଏବଂ ଆରେଜଡି ନିନ୍ଦା କରିଛନ୍ତି। ତାଙ୍କ ମାନସିକ ସ୍ଥିତି ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। କିଛି ସେଲିବ୍ରିଟି ମଧ୍ୟ ୭୫ ବର୍ଷୀୟ ନୀତୀଶଙ୍କ ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ସଚିବାଳୟ 'ସମ୍ବାଦ'ରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ନୀତୀଶ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ନୁସରତ ପରବୀନଙ୍କ ପାଳି ପଡ଼ିବା ପରେ ସେ ମଞ୍ଚ ଉପରକୁ ଆସିଥିଲେ। ସେ ହିଜାବ ପିନ୍ଧିଥିବା ଦେଖି 'ଏହା କ'ଣ' ବୋଲି ନୀତୀଶ ପଚାରିଥିଲେ। ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଭଳି କରୁଥିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। ତାଙ୍କ ହାତକୁ ଟାଣି ଆଣିଥିଲେ। ଆରଜେଡି ଓ କଂଗ୍ରେସ ଏହି ଭିଡିଓକୁ ସେୟାର କରି ନୀତୀଶଙ୍କୁ ସମାଲୋଚନା କରିଛନ୍ତି। ଆରଜେଡି ପକ୍ଷରୁ କୁହାଯାଇଛି ଯେ ନୀତୀଶଙ୍କ କ'ଣ ହୋଇଛି? ତାଙ୍କର ମାନସିକ ସ୍ଥିତି ଏବେ ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ପହଞ୍ଚି ଯାଇଛି କି? ନୀତିଶ ବାବୁ ଏବେ ଆରଏସଏସ ସଦସ୍ୟ ହୋଇଯାଇଛନ୍ତି କି ବୋଲି ପଚରା ଯାଇଛି। ସେହିପରି କଂଗ୍ରେସ ଏହାକୁ ଘୃଣ୍ୟ କାର୍ଯ୍ୟ କହିଛି ଏବଂ ନୀତୀଶଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଏ ହେଉଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ତାଙ୍କ ନିର୍ଲଜ୍ଜତାକୁ ଦେଖନ୍ତୁ। ଜଣେ ମହିଳା ଡାକ୍ତର ତାଙ୍କର ନିଯୁକ୍ତି ପତ୍ର ନେବାକୁ ଆସିଥିବାବେଳେ ନୀତୀଶ ତାଙ୍କ ହିଜାବ ଟାଣି ଦେଇଥିଲେ। ବିହାରର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ଖୋଲାଖୋଲି ଭାବରେ ଏପରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ରହିବେ ଚିନ୍ତି କରନ୍ତୁ। ଏହି ଘୃଣ୍ୟ କାର୍ଯ୍ୟ ପାଇଁ ସେ ତୁରନ୍ତ ଇସ୍ତଫା ଦେବା ଉଚିତ। ଏହି ଅଶ୍ଳୀଳତା ଅକ୍ଷମଣୀୟ ବୋଲି କଂଗ୍ରେସ କହିଛି।

## ଏସଆଇଆରର ଚିଠା ଭୋଟର ତାଲିକା ଜାରି

- ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ ହଟିଲେ
- ପୁଡୁଚେରିରୁ କଟିଲା ୮୫ ହଜାର ଭୋଟରଙ୍କ ନାମ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପରେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ଦୁଇ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ପଶ୍ଚିମବଙ୍ଗରେ ୫୮ ଲକ୍ଷ ୨୦ ହଜାର ୮୯୮ ଭୋଟରଙ୍କ ନାମ ହଟାଇବା ପାଇଁ ଚିହ୍ନଟ କରାଯାଇଛି। ସେହିପରି ରାଜସ୍ଥାନରେ ୪୧.୮୫ ଲକ୍ଷ ଏବଂ ପୁଡୁଚେରୀରେ ୮୫ ହଜାର ଭୋଟରଙ୍କ ନାମ କଟା ଯାଇଛି। ଏହା ସହିତ ଘର ଘର ବୁଲି ସୂଚନା ସଂଗ୍ରହ କରିବା କାମ ଶେଷ ହୋଇଛି। ଏବେ ଦାବି, ଆପତ୍ତି ଏବଂ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ। ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଶେଷ ଭୋଟର ତାଲିକା ଫେବୃଆରୀ ୧୪ରେ ଜାରି କରାଯିବ। ସେହିପରି ଆଜି ଗୋଆ ଏବଂ ଲାକ୍ଷାଦ୍ୱୀପରେ ମଧ୍ୟ ଚିଠା ଭୋଟର ତାଲିକା ଜାରି କରାଯାଇପାରେ।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ୨୪, ୧୬, ୮୫୨ ଭୋଟର ପ୍ରାଣ ହରାଇଛନ୍ତି। ୧୯ ଲକ୍ଷ ୮୮ ହଜାର ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ଏବେ ୧୨ ଲକ୍ଷ ୨୦ ହଜାର ୩୮ ଜଣ ନିଖୋଜ ଅଛନ୍ତି। ସେହିପରି ଲକ୍ଷେ ୩୮ ହଜାର ୩୨୮ ଜଣ ଜାଲ୍ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ୫୭,୬୦୪ ଜଣଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୨୦୦୨ ଏସଆଇଆରରେ ତିନି ନିୟୁତ ଭୋଟର ସାମିଲ ହୋଇ ନ ଥିଲେ। ଫର୍ମରେ ତାରତମ୍ୟ ଥିବା ଆଉ ୧୬.୭ ନିୟୁତ ଭୋଟର ଇସିଙ୍କ ସ୍କାନରରେ ଅଛନ୍ତି। ଏମାନଙ୍କୁ ୭ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ବିଏଲଓମାନେ ଏହି ବ୍ୟକ୍ତିଙ୍କ ଯାଞ୍ଚ କରିବେ।

ରାଜସ୍ଥାନରେ ୨୯. ୬ ଲକ୍ଷ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୮.୭୫ ଲକ୍ଷ ପ୍ରାଣ ହରାଇଥିବାବେଳେ ୩.୪୪ ଲକ୍ଷ ନକଲି ଭୋଟର ଥିବା ଜଣାପଡ଼ିଛି। ଏମାନଙ୍କ ନାମ ଦୁଇଟି ସ୍ଥାନରେ ପଞ୍ଜିକରଣ କରାଯାଇଛି। ସମସ୍ତ ତଥ୍ୟ ନିର୍ବାଚନ କମିଶନଙ୍କ ୱେବସାଇଟରେ ଦିଆଯାଇଛି।

### ପ୍ରଦୂଷଣ ବିରୋଧୀ ଲଢ଼େଇରେ ଦିଲ୍ଲୀ ହତାଶ

## ତନ୍ଦୁର ଭାଟି ଉପରେ ଲାଗିଲା କଟକଣା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ପ୍ରଦୂଷଣରେ ଦିଲ୍ଲୀ ବାସୀ ନୟାନ୍ତ ହେଉଛନ୍ତି। ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦୦ ନିକଟତର ହୋଇଛି। ଏହା ଅତି ଭୟଙ୍କର ସ୍ତରରେ ପହଞ୍ଚି ଯାଇଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ବାଧ୍ୟ ହେଉଛନ୍ତି। ମାତ୍ର ପ୍ରତି ବର୍ଷ ସୃଷ୍ଟି ହେଉଥିବା ଏହି ସମସ୍ୟାରୁ ଲୋକଙ୍କୁ ମୁକ୍ତିଦେବାରେ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣରେ ସଫଳତା ମିଳି ନ ଥିବାରୁ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ହତାଶ ହୋଇଯାଇଛି। ଆଉ ଏହି ଗ୍ଲାନିରେ ଏଭଳି ନିଷ୍ପତ୍ତି ନେଇଛି ଯାହା ସମସ୍ତଙ୍କୁ ବିସ୍ମିତ କରିଛି। ହୋଟେଲ, ରେସ୍ତୋରାଁ ଏବଂ ଖୋଲା ସ୍ଥାନରେ ଚାଲିଥିବା ଦୋକାନରେ ତନ୍ଦୁର ଭାଟିକୁ ନିଷିଦ୍ଧ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି। ଗତ ସପ୍ତାହରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ବାୟୁ ପ୍ରଦୂଷଣ ନିୟମ-୧୯୮୧ର ଧାରା ୩୧ (ଏ) ଅଧୀନରେ ଏହି ପଦକ୍ଷେପ ନିଆଯାଇଛି। କାଠ ଏବଂ କୋଇଲା ଉପରେ ନିର୍ଭରଶୀଳ ତନ୍ଦୁରକୁ ତୁରନ୍ତ ବନ୍ଦ କରି ଇଲେକ୍‌ଟ୍ରିକ ଏବଂ ଗ୍ୟାସ ଚାଳିତ ବ୍ୟବହାର କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଗ୍ରାପ-୪ କଟକଣା ଜାରି କରାଯାଇଛି। ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ନ ଥିବା ଗାଡ଼ିକୁ ୧୮ ତାରିଖରୁ ପେଟ୍ରୋଲ-ଡିଜେଲ ମିଳିବ ନାହିଁ ବୋଲି ପରିବେଶ ମନ୍ତ୍ରୀ ମନଜିନ୍ଦର ସିର୍ସା କହିଛନ୍ତି। ଦିଲ୍ଲୀକୁ କେବଳ ବିଏସ-୬ ଗାଡ଼ି ପ୍ରବେଶ କରିବ। ନିର୍ମାଣକାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ଦିଆଯାଇଛି।

## ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଲୁଥ୍ରା ଭ୍ରାତାଙ୍କୁ ଦିଲ୍ଲୀ ଅଣାଗଲା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗୋଆ ନାଇଟ୍ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରାଙ୍କୁ ଥାଇଲାଣ୍ଡରୁ ପ୍ରତ୍ୟର୍ପଣ କରି ଦିଲ୍ଲୀ ଅଣାଯାଇଛି। ଭାରତୀୟ ସୁରକ୍ଷା ଅଧିକାରୀମାନେ ମଙ୍ଗଳବାର ଅପରାହ୍ନ ୨ଟାରେ ଉଭୟଙ୍କୁ ଧରି ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ। ଏଠାରେ ଗୋଆ ପୁଲିସର ଏକ ଦଳ ଦୁଇ ଭାଇଙ୍କୁ ଗିରଫ କରିଥିଲା। ପରେ ଦିଲ୍ଲୀରେ ଡାକ୍ତରୀ ପରୀକ୍ଷା କରାଯାଇ ପଟିଆଲା ହାଉସ୍ କୋର୍ଟରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ୍ ଟ୍ୱିଙ୍କଲ୍ ଚାୱଲା ସେମାନଙ୍କୁ ଦୁଇ ଦିନର ଟ୍ରାଞ୍ଜିଟ୍ ରିମାଣ୍ଡ ମଞ୍ଜୁର କରିଛନ୍ତି। ଗୋଆ ପୁଲିସ ବୁଧବାର ସକାଳେ ସେମାନଙ୍କୁ ଗୋଆ ନେଇ କୋର୍ଟରେ ହାଜର କରିବ। ସୌରଭ ଏବଂ ଗୌରବ ଲୁଥ୍ରା ବିର୍ଚ ନାଇଟ୍ କ୍ଲବ୍‌ର ମାଲିକ। ଗତ ୬ ତାରିଖରେ ସେ ବେଆଇନ ଭାବେ ଚଳାଇ ଥିବା ଏହି କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଦୁଇ ଭାଇ ଥାଇଲାଣ୍ଡ ପଳାଇ ଥିଲେ। ଗତ ୧୧ ତାରିଖରେ ଥାଇ ପୁଲିସ ଉଭୟଙ୍କୁ ଅଟକ ରଖିଥିଲା। ଆଜି ସକାଳେ ସେମାନଙ୍କୁ ବ୍ୟାଙ୍କକ୍‌ରୁ ଭାରତକୁ ଅଣା ଯାଇଥିଲା।

## ମୋହାଲିରେ କବାଡ଼ି ଖେଳାଳିଙ୍କୁ ହତ୍ୟା

ମୋହାଲି, ୧୬।୧୨ (ଏଜେନ୍ସି): ପଞ୍ଜାବ ମୋହାଲିର ସୋହାନାରେ ସୋମବାର କବାଡ଼ି ମ୍ୟାଚ୍ ଚାଲିଥିବାବେଳେ ଗୁଳିମାଡ଼ ହୋଇଛି। ବୋଲେରୋରେ ଆସିଥିବା ଲୋକେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ କବାଡ଼ିକୁ ପ୍ରୋତ୍ସାହନ ଦେଉଥିବା ଖେଳାଳି ରାଣା ବଲାଚୌରିଆଙ୍କ ଦେହରେ ଗୁଳି ବାଜି ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ୧୧ ଦିନ ତଳେ ବିବାହ କରିଥିଲେ। ଏବେ ତାଙ୍କ ଘରେ ଶୋକର ଛାୟା ଖେଳି ଯାଇଛି।

ଓଡ଼ିଶା ଫାର୍ମା ସମ୍ମିଳନୀ

# ଆସନ୍ତା କିଛି ବର୍ଷରେ ଫାର୍ମା କ୍ଷେତ୍ରରେ ଓଡ଼ିଶା ନୂତନ ଶିଖର ଛୁଇଁବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ସମିସ): ଓଡ଼ିଶା ବର୍ତ୍ତମାନ ପୁଞ୍ଜିନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋ-ସିଷ୍ଟମ୍ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ ଶିଳ୍ପ ସହ ଔଷଧ ଉତ୍ପାଦନରେ ମଧ୍ୟ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ। ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତମାନର ଉପକରଣ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ-ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ଉଭା ହେବା ପାଇଁ ପ୍ରସ୍ତୁତ। ମଙ୍ଗଳବାର ସ୍ଥାନୀୟ ହୋଟେଲ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଆଜିଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ।

■ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ଖୋର୍ଦ୍ଧାଠାରେ ଫାର୍ମା ପାର୍କ ଓ ମେଡିକାଲ ଡିଭାଇସ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ




କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି, ମେଡିକାଲ ଉପକରଣ ପାଇଁ ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କରିବା ସହ ଖୋର୍ଦ୍ଧାଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟର ଶିଳ୍ପନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକ ପରିବର୍ତ୍ତନ ଅଣାଯାଇଛି। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜିନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଥିଲେ। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠାରୁ ଆକର୍ଷଣୀୟ ହେବ ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ୍ୟ ଏହା ଓଡ଼ିଶାର ସୁନାମ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମା ଟପିଛି ଧାନ କିଣାରେ ଅବ୍ୟବସ୍ଥା

ଭୁବନେଶ୍ୱର,୧୬।୧୨(ସମିସ): ଧାନ ଉଠାଣ ନେଇ ସାରା ରାଜ୍ୟରେ ଦେଖା ଦେଇଛି ଅବ୍ୟବସ୍ଥା। ସରକାର ମଣ୍ଡି ଖୋଲିଥିବା ଘୋଷଣା କରିଥିବା ବେଳେ ବିଭିନ୍ନ ଜିଲ୍ଲାରେ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। କେଉଁଠି ଚାଷୀଙ୍କଠାରୁ ଧାନ କିଣା ଯାଉ ନାହିଁ ତ କେଉଁଠି ଟୋକନ୍ ଆସୁ ନ ଥିବାରୁ ଚାଷୀ ଅମଳ ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛି। ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରି ଉପକୂଳ ପର୍ଯ୍ୟନ୍ତ ଚାଷୀଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସମ୍ବଲପୁରରେ ଚାଷୀମାନେ ରାସ୍ତାରେ ଧାନ ବିକ୍ରି କରି ସେମାନଙ୍କ ପ୍ରତି ଅବିଚାରର ପ୍ରତିବାଦ କରିଛନ୍ତି, ଜଗତସିଂହପୁରରେ ଚାଷୀ ଓ ପ୍ରଶାସନ ମୁହାଁମୁହିଁ ହୋଇଛନ୍ତି । ଏ ସବୁ ଭିତରେ ଭିନ୍ନ ଭିନ୍ନ ବିଭାଗର ମନ୍ତ୍ରୀମାନେ ମନ ଇଚ୍ଛା ବୟାନ ଦେବା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି ।

ସମ୍ବଲପୁରରେ ଟୋକନ୍ ମିଳୁ ନ ଥିବାରୁ ଚାଷୀମାନଙ୍କ ପ୍ରତିବାଦ ଜାରି ରହିଛି। ଏହି ସମସ୍ୟାକୁ ବିରୋଧ କରି ଆସନ୍ତା ୧୯ରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜି ଚାଷୀମାନେ ଖୋଲାରେ ଧାନ ବିକ୍ରି କରି ନିଆରା ପ୍ରତିବାଦ କରିଛନ୍ତି। ଅନ୍ୟପଟେ ଚାଷୀଙ୍କ ଦ୍ୱାରା ଚାଲି ଆସୁଥିବା ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ସରକାର ଏବେ ଏହି ଘଟଣା ପାଇଁ ବିରୋଧୀଙ୍କୁ ଦାୟୀ କରିଛନ୍ତି। ମଙ୍ଗଳବାର

■ ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳୁନି ଟୋକନ

■ ପଶ୍ଚିମରୁ ଉପକୂଳ ସବୁଠାରେ ଅସନ୍ତୋଷ

■ ୧୯ ରେ ସମ୍ବଲପୁରରେ ବଡ଼ ଆନ୍ଦୋଳନ

■ ଅବ୍ୟବସ୍ଥା ପାଇଁ ବିରୋଧୀ ଦାୟୀ: ମନ୍ତ୍ରୀ

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ନିଜ ଦୋଷ ଖସାଇଦେବାକୁ ଉଦ୍ୟମ କରିବା ସହ ବିରୋଧୀ ତିଳକୁ ତାଳ କରୁଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେମିତି ବଡ଼ ଆନ୍ଦୋଳନ କେଉଁଠି ନାହିଁ। ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇ ମନିଟରିଂ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୭ ଟି ଜିଲ୍ଲାରେ ମଣ୍ଡି ଖୋଲିଛି। ବରଗଡ଼ରେ ୬୪ ହଜାର ୬୫୨ ଟନ ଧାନ ଉଠା ଯାଇଛି। ବଲାଙ୍ଗୀରରେ ୧୫୭ ଟନ , କଳାହାଣ୍ଡିରେ ୧୧ ହଜାର ୪୮୬, ନୂଆପଡାରେ ୭ ହଜାର ୭୨୭ ଟନ,ସମ୍ବଲପୁରରେ ୬୯ ହଜାର ୯୭୦ ଟନ ଧାନ ଉଠିଛି। ସୋନପୁର ଓ ସୁନ୍ଦରଗଡ଼ରେ ସବୁ ଧାନ ଉଠି ସାରିଛି । କିଛି ସ୍ଥାନରେ ଟୋକନ ପହଁଚିନଥିବାରୁ ଆନ୍ଦୋଳନ ହେଉଛି ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ସରକାର ସତ କହୁଛନ୍ତି କି ଚାଷୀ ସତ କହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସମ୍ବଲପୁର ଜିଲ୍ଲାରେ ଧାନ ମଣ୍ଡି ଓ ଟୋକନ ସମସ୍ୟାକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଚାଷୀଙ୍କ କହିବା କଥା ହେଲା, ମଣ୍ଡିରେ ଅବ୍ୟବସ୍ଥା ଓ ଟୋକନ ନମିଳିବା କାରଣରୁ ସେମାନେ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ଦୁଇ ଦୁଇ ଥର ରାଜରାସ୍ତା ଅବରୋଧ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ପ୍ରଶାସନର ଟାଳଟୁଳ ନୀତିରେ ଅସନ୍ତୁଷ୍ଟ ହୋଇ ଚାଷୀ ସଂଗଠନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ୧୯ ତାରିଖ ଦିନ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଯଦି ଯଥାଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ମନ୍ତବ୍ୟକୁ ଚାଷୀମାନେ କଡ଼ା ନିନ୍ଦା କରିଛନ୍ତି। ମନ୍ତ୍ରୀ କହିଥିଲେ ସରକାର ଚାଷୀଙ୍କଠୁ ନିର୍ଦ୍ଧାରିତ ଧାନ ଉଠାଇବେ। ଟୋକନ ପାଇନଥିବା ଚାଷୀଙ୍କୁ ଟୋକନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଟୋକନ ବାଦ ଧାନ ବଳିଲେ, ଚାଷୀ ଖୋଲା ବଜାରରେ ବିକି ଦେବାକୁ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏହି ବୟାନକୁ ଆଧାର କରି ଆଜି ସମ୍ବଲପୁରରେ ଚାଷୀ ପ୍ରତିବାଦ କରିବା ସହ ସହରର ବିଭିନ୍ନ ସ୍ଥାନରେ ପ୍ରତୀକାତ୍ମକ ଭାବେ ଖୋଲା ମାର୍କେଟରେ ଧାନ ବିକିଛନ୍ତି।

## ବାରମ୍ବାର ଟ୍ରାଫିକ ନିୟମ ଭାଙ୍ଗିଲେ ରଦ୍ଦ ହେବ ଡିଏଲ୍, ଆର୍‌ସି

କଟକ,୧୬ ।୧୨(ସମିସ): ବାରମ୍ବାର ସଡ଼କ ନିୟମ ଉଲ୍ଲଙ୍ଘନକାରୀ ତଥା ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)। ଏହି କ୍ରମରେ ମୋଟର ଯାନ ଆଇନ ୧୯୮୮, କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯, ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ ଏବଂ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶାବଳୀକୁ ଆଧାର କରି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଯେଉଁ ଗାଡ଼ି ଚାଳକ ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିବେ, ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା

ଆରଟିଓମାନଙ୍କୁ ଏସଟିଏ ଜାରି କଲା ନିର୍ଦ୍ଦେଶାବଳୀ

ଘଟାଇବେ, ମୋଟରଯାନ ଆଇନ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ସହ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଓ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର( ଆରସି ) ନିଲମ୍ବନ ଓ ରଦ୍ଦ କରିବାକୁ ଆରଟିଓମାନେ ପଦକ୍ଷେପ ନେବେ ବୋଲି କୁହାଯାଇଛି। ଏହି ସର୍କୁଲାର ଜରିଆରେ ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓଙ୍କୁ ଅଭ୍ୟାସଗତ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର୍ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସଡ଼କ ପାଇଁ ଅନୁପଯୁକ୍ତ ଗାଡ଼ିମାନଙ୍କ ଫିଟନେସ୍ ବାତିଲ କରିବା ଦିଗରେ ଏମଭିଆଇମାନେ ପଦକ୍ଷେପ ଗ୍ରହଣ କରିବେ। ଏହାର ସଠିକ କାର୍ଯ୍ୟକାରିତା ପାଇଁ ଏହି ସର୍କୁଲାର ଜାରି କରାଯାଇଛି ବୋଲି ଏସଟିଏ ପକ୍ଷରୁ କୁହାଯାଇଛି।

ଓମସାର ଚେତାବନୀ

## ଜାନୁଆରୀରୁ ଓପିଡି ସେବା ବନ୍ଦ

ଭୁବନେଶ୍ୱର, ୧୬।୧୨ (ସମିସ): ୧୮ ଦଫା ଦାବି ପୂରଣ ନହେଲେ ଆସନ୍ତା ଜାନୁଆରୀ ମାସରୁ ସମ୍ପୂର୍ଣ୍ଣ ଭାବେ ଓପିଡି (ବର୍ହି ବିଭାଗ) ସେବା ବନ୍ଦ କରିବାକୁ ଚେତାବନୀ ଦେଇଛି ଓମସା। ଏନେଇ ଓମସା ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାଟର୍ସ, କେନ୍ଦ୍ରୀୟବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଓମସା ସୂଚନା ଅନୁଯାୟୀ ୨୦୨୪ ସେପ୍ଟେମ୍ବର ୧୮ ତାରିଖରେ ଓମସାର ୭୦ତମ ବାର୍ଷିକ ସମ୍ମିଳନୀ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଓମସାର ନ୍ୟାଯ୍ୟ ଦାବିକୁ ସହୃଦୟତାର ସହ ବିଚାର କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ କୌଣସି ଦାବି ପୂରଣ ହୋଇପାରିଲା ନାହିଁ। ଏକବର୍ଷ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ସହ ସଂଘ ବହୁଥର ଆଲୋଚନା କରିଥିଲେ ହେଁ ଏଥିରୁ ସୁଫଳ ମିଳିପାରି ନାହିଁ। ତେଣୁ ବାଧ ହୋଇ ଓମସା କ୍ୟାଡର୍ ଆସନ୍ତା ୨୬ ତାରିଖରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଯଦି ସରକାର ଦାବି ନଶୁଣନ୍ତି, ଜାନୁଆରୀରୁ ସମ୍ପୂର୍ଣ୍ଣ ଭାବେ ଓପିଡି କାର୍ଯ୍ୟ ବନ୍ଦ କରାଯିବ। କାର୍ଯ୍ୟ ବନ୍ଦ ତାରିଖ ଓମସାର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ପରିଷଦ ସ୍ଥିର କରିବ ବୋଲି ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

## ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ଗାଦି ଛାଡ଼ନ୍ତୁ: ବିଜେଡି

ଭୁବନେଶ୍ୱର, ୧୬।୧୨(ସମିସ): ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧଉଳି ଗଣଦୁଷ୍କର୍ମ ଘଟଣାରୁ ଏହା ପୁଣିଥରେ ସାବ୍ୟସ୍ତ ହୋଇଛି। ତେଣୁ ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ଦାବି କରିଛି ବିଜେଡି। ଅପରପକ୍ଷେ ଏହି ପ୍ରସଙ୍ଗରେ ରାଜ୍ୟ ମହିଳା କମିସନ ସଦସ୍ୟଙ୍କ ମନ୍ତବ୍ୟକୁ ମଧ୍ୟ ଦଳ କଡ଼ା ନିନ୍ଦା କରିଛି। ଉଲ୍ଲେଖଯୋଗ୍ୟ, ମହିଳା କମିସନ୍ କହିଛନ୍ତି ଯେ ମା'ମାନେ ଝିଅମାନଙ୍କୁ ଏପରି ଜାଗାକୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା କଥା।

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ସମୟରେ ୪୦ହଜାରରୁ



■ ଗତ ୧୮ ମାସର ବିଜେପି ଶାସନରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ

■ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥାଇ ବି ସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗୁଡୁଛି

ଅଧିକ ନାରୀ ନିର୍ଯାତନା/ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଗତ ୧୭ ମାସରେ ୨୮ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉନାହାନ୍ତି। ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ିଯିବା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଉଛି।

ରାଜ୍ୟର ମହିଳା କମିସନ୍ ସଦସ୍ୟା ଉର୍ମିଳା ମହାପାତ୍ର ଆଜି ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ମା' ମାନେ ଏଭଳି ଜାଗାକୁ ଝିଅ ମାନଙ୍କୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଦରକାର ବୋଲି ସେ କହିଥିଲେ। ଏହାର ଅର୍ଥ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅସମର୍ଥ ବୋଲି ସେ ସ୍ୱୀକାର କରିଛନ୍ତି। ଯଦି ରାଜ୍ୟର ବିଜେପି ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ନ୍ତୁ ବୋଲି ଶ୍ରୀମତି ଛୁରିଆ ଦାବି କରିଛନ୍ତି।

## ନବଜାତ ମୃତ ଶିଶୁକୁ ଝୁଣି ଖାଇଲେ କୁକୁର

ସୋର, ୧୬।୧୨ (ସମିସ): ନବଜାତ ମୃତ ଶିଶୁକୁ ଝୁଣି ଖାଇଲେ କୁକୁର। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ବାଲିକିତିରଣ ଖେଳ ପଡ଼ିଆ ନିକଟରେ ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବାଉଁଶ ବୁଦାମୂଳରେ ୩/୪ଟି କୁକୁର ଏକ ନବଜାତ ମୃତ ଶିଶୁକୁ ଝୁଣି ଖାଉଥିବା ଦେଖି କିଛି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହର ବିଭିନ୍ନ ଅଂଶକୁ ଜବତ କରି ଗାଁ ପଡ଼ିଆରେ ପୋତିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ଆଶାକର୍ମୀଙ୍କୁ ଡାକି ଏ ବାବଦରେ ପଚରାଉଚରା କରିବା ସହ ଆଖପାଖ ଅଞ୍ଚଳରେ କୌଣସି ଶିଶୁ ନିକଟ ଅତୀତରେ ଜନ୍ମ ହୋଇନଥିବା ଜଣାପଡ଼ିଥିଲା। ମଙ୍ଗଳବାର ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ତଥା ବାହାନଗା ବ୍ଲକ ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ଗାତରୁ ଶିଶୁ ଶରୀରର ଉକ୍ତ ଅଂଶକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ୯୬ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜର୍‌ରେ ରଖାଯିବ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ଦମ୍ପତି ମୃତ

ଯଖପୁରା/ଦାନଗଦି, ୧୬।୧୨(ସମିସ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କଳିଙ୍ଗନଗର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ମାସର ଏକ ଶିଶୁପୁତ୍ର ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମର ଜନ୍ମେଜୟ ଦଳାଇ (୨୯) ଓ ପତ୍ନୀ ବୈଶାଳୀ ଦଳାଇ (୨୩)। ଦୁହେଁ ନିଜ ଶିଶୁପୁତ୍ର ସହ କବାଟବନ୍ଧ ଡାକ୍ତରଖାନାରୁ ଫେରୁଥିବା ବେଳେ ବ୍ରାହ୍ମଣୀ ବ୍ରିଜ୍ ଓ ପଙ୍କପାଳ ମଧ୍ୟରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜନ୍ମେଜୟଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟଲୋକେ ଗୁରୁତର ବୈଶାଳୀ ଏବଂ ତାଙ୍କ ପୁଅକୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ। ସେଠାରେ ବୈଶାଳୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା।

## ତକତପୁର ରାଜ୍ୟର ପ୍ରଥମ ଜେନ୍-ଜେଡ୍ ଡାକଘର

ବାରିପଦା, ୧୬ ।୧୨(ସମିସ): ମୟୂରଭଞ୍ଜ ଡାକମଣ୍ଡଳ ଅଧୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ତକତପୁର ଉପ-ଡାକଘରକୁ ରାଜ୍ୟର ପ୍ରଥମ 'ଜେନ୍ ଜେଡ୍' ଡାକଘର ରୂପେ ଘୋଷଣା କରାଯାଇଛି। ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ନିର୍ମଳଜିତ ସିଂ ଆଜି ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଉପଡାକଘର କାନ୍ଥରେ ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ଛଉ, ଝୁମର, ଟେରାକୋଟା, ସବାଇ ଘାସ ସହ ଆଧୁନିକତା ଓ ଶୈକ୍ଷିକ ଆଧାରିତ ବିଭିନ୍ନ ବିଷୟକୁ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି। ଡାକଘର ପରିସରରେ ମାଗଣା ୱାଇଫାଇ ଜୋନ୍ ଉପଲବ୍ଧ ହେଉଥିବା ବେଳେ କ୍ୟୁଆର୍-କୋଡ୍ ମାଧ୍ୟମରେ ପାର୍ସଲ୍ ବୁକିଂ ଓ ସ୍ପିଡ୍ ପୋଷ୍ଟ ସମେତ ବିଭିନ୍ନ ଅତ୍ୟାଧୁନିକ ସୁବିଧା



ସୁଯୋଗର ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଡାକଘରେ ଚା' କଫିର ବ୍ୟବସ୍ଥା ସହ ଖବରକାଗଜ ଓ ମାଗାଜିନ୍ ମଧ୍ୟ ଉପଲବ୍ଧ ରହିଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗ ଦେଇଥିଲେ। ଏହି ଉପଡାକଘରଟି ରାଜ୍ୟର ପ୍ରଥମ 'ଜେନ ଜେଡ' ଡାକଘର ରୂପେ ଘୋଷିତ ହୋଇଥିବାରୁ ମୁଖ୍ୟ ମହାଡାକପାଳଙ୍କୁ ଧନ୍ୟବାଦ ଜଣାଇଥିଲେ।

ମୟୂରଭଞ୍ଜ ଡାକମଣ୍ଡଳ ଅଧୀକ୍ଷକ ଭାଗ୍ୟଧର ଦାସ, ଉପ-ଅଧୀକ୍ଷକ ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକମଣ୍ଡଳର ସମସ୍ତ ଉପମଣ୍ଡଳ ଅଧିକାରୀ, ଡାକମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ହାଇକୋର୍ଟରେ ରାଜ୍ୟ ସରକାରଙ୍କ ସତ୍ୟପାଠ

## ରାଜ୍ୟରେ ୭୫ ବାଂଲାଦେଶୀ ଚିହ୍ନଟ, ୪୯ ଜଣଙ୍କୁ ଦେଶାନ୍ତର

କଟକ,୧୬।୧୨(ସମିସ): ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ, ଅଟକ ଓ ଦେଶାନ୍ତରୀକରଣ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଗୁଇନ୍ଦା ନିର୍ଦ୍ଦେଶକ ଆର.ପି କୋଚେଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଯାଞ୍ଚ ପ୍ରକ୍ରିୟାରେ ମୋଟ ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ସେହିପରି, ସନ୍ଦେହରେ ଜାଲ୍ ଭାରତୀୟ ପାସପୋର୍ଟ ହାସଲ କରିଥିବା ଗଞ୍ଜାମ ଓ କନ୍ଧମାଳରୁ ଚିହ୍ନଟ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବିଭିନ୍ନ ଜିଲ୍ଲାରେ ୨୨୫୯ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା ବେଳେ ଏଥିରୁ ୨୧୭୬ ଭାରତୀୟ ବୋଲି ଜଣାପଡ଼ିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଜଗତସିଂହପୁରରେ ୨୧, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ରେ ୨୪, କଟକ ୟୁପିଡିରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ାରେ ୩, ଗଞ୍ଜାମରେ ଜଣେ, କନ୍ଧମାଳରେ ୪, କୋରାପୁଟରେ ଜଣେ; ଏଭଳି ଭାବେ ମୋଟ ୭୫ବାଂଲାଦେଶୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ଭୁବନେଶ୍ୱର ୟୁପିଡିର ୨୪, କଟକ ୟୁପିଡିର ୧୫, ବ୍ରହ୍ମପୁରର ୬, କନ୍ଧମାଳର ୩, କୋରାପୁଟର ଜଣେ ଏଭଳି ଭାବେ ମୋଟ ୪୯ଜଣ ବାଙ୍ଗଲାଦେଶୀ ନାଗରିକଙ୍କୁ ଦେଶାନ୍ତରୀକରଣ କରାଯାଇଛି। ବାକି ଅପେକ୍ଷାରେ ରହିଛନ୍ତି। ସବୁ ଜିଲ୍ଲାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇ ଗାଇଡଲାଇନ ଅନୁସାରେ ୨ଟି ରାଜ୍ୟସ୍ତରୀୟ କ୍ୟାମ୍ପ ଓ ୧୯ଟି ଜିଲ୍ଲାସ୍ତରୀୟ କ୍ୟାମ୍ପ କରାଯାଇଛି।

ଏସ୍‌ଆଇଆର ସଂପର୍କିତ ମାମଲାରେ ରହିଥିବା ପ୍ରସଙ୍ଗ ସହ ଏହି ମାମଲା ସମାନ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସୁପ୍ରିମକୋର୍ଟରେ ସମାନ ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଶୁଣାଣି ଚାଲିବା ନେଇ ପ୍ରଶ୍ନ ଉଠିଥିଲା। ତେବେ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠର କପି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୨୬ ଜାନୁଆରି ୧୩କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ବିଜୁଳି ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ନୋଟିସ

# ଉପଭୋକ୍ତାଙ୍କ ଉପରେ ବିତରଣ କମ୍ପାନୀର ଜିଜିଆ କର: ଉପଭୋକ୍ତା ସଂଘ

ଭୁବନେଶ୍ୱର,୧୬।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଉପଭୋକ୍ତାମାନଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ପାଇଁ ଡିମାଣ୍ଡ ନୋଟିସ୍‌କୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟିପିସିଓଡିଏଲ୍ ଏପରି ନୋଟିସକୁ ଉପଭୋକ୍ତାମାନେ ତୀବ୍ର ବିରୋଧ କରିଛନ୍ତି । ଅତିରିକ୍ତ

ତୁରନ୍ତ ନୋଟିସ ପ୍ରତ୍ୟାହାର ପାଇଁ ଓଇଆରସିର ଦ୍ୱାରସ୍ଥ ହେଲା ସଂଘ

ସୁରକ୍ଷା ଜମାରାଶି ସାଧାରଣ ଗ୍ରାହକଙ୍କ ପାଇଁ ଟାଟା ପାୱାରର ଜିଜିଆ କର ସଦୃଶ। ଅତଏବ ଓଇଆରସି କର୍ତ୍ତୃପକ୍ଷ ଏହା ଉପରେ ବି.ର କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଅତିରିକ୍ତ ଜମା ସୁରକ୍ଷା ରାଶି ସଂକ୍ରାନ୍ତ ନୋଟିସ୍ ପ୍ରତ୍ୟାହାର ପାଇଁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦେବାକୁ ଉପଭୋକ୍ତା ମହାସଂଘ ଦାବି କରିଛି।



ମଙ୍ଗଳବାର ଉପଭୋକ୍ତ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଆୟୋଗର ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଓ ଆଇନର ଧମକ ଦେଇ ଟାଟା ପାୱାର ସାଧାରଣ ଗ୍ରାହକଙ୍କୁ ଲୁଟ କରୁଛି ଏବଂ ତାଙ୍କର ବିଜୁଳି ଲାଇନ କାଟି ଦେଉଛି।୬ ହଜାରରୁ ଉଦ୍ଧର୍ କୋଟି ଟଙ୍କା ବାକିଆ ପଡ଼ିଥିବା ସତ୍ତ୍ୱେ କମ୍ପାନୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜାତୀୟ ହାର ଠାରୁ ଅଧିକ ଦାମ ଦେଇ ଓଡ଼ିଶାର ବିଜୁଳି ଗ୍ରାହକମାନେ ବିଜୁଳି କିଣୁଥିଲା ବେଳେ ଓଇଆରସି ଓ ଓଡ଼ିଶା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ମାର୍ଟ ମିଟର ନାଁରେ ଗ୍ରାହକଙ୍କୁ ଅଧିକ ବିଜୁଳି ବିଲ୍ ଦେବାକୁ ହେଉଛି। ସରବରାହ ଜନିତ କ୍ଷତି ଜାତୀୟସ୍ତରରେ ୧୬ ପ୍ରତିଶତ ଥିଲାବେଳେ ଓଡ଼ିଶାରେ ଏଟିସି ଲସ୍ ୧୯.୫୩ ପ୍ରତିଶତ। କମ୍ପାନୀମାନଙ୍କର ଦୁର୍ନୀତି ଓ ଅପାରଗତା ଯୋଗୁଁ ଏ ବାବଦରେ ବର୍ଷକୁ ହାରାହାରି ୭୫୦ କୋଟି ଟଙ୍କାର ଅଧିକ ବୋଝ ଉପଭୋକ୍ତା ବୋହୁଛନ୍ତି। ଓଡ଼ିଶାରେ ଓଡ଼ିଆ ସରକାରୀ ଭାଷା ହୋଇଥିବା ସତ୍ତ୍ୱେ ବିଜୁଳି ବିଲ୍ କିନ୍ତୁ ଇଂରାଜୀରେ ଦିଆଯାଉଛି, ଯାହା ସାଧାରଣ ଖାଉଟି ବୁଝିବା ପାଇଁ ଅସମର୍ଥ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ସମ୍ପାଦକ ରବି ବେହେରା, ବରିଷ୍ଠ ସାମ୍ବାଦିକ ରବି ଦାସ, ବରିଷ୍ଠ ଟ୍ରେଡ ୟୁନିୟନ ନେତା କିଶୋର ଜେନା, ପ୍ରକାଶ ମହାପାତ୍ର, ସିପିଆଇଏମ୍ଏଲ ନେତା ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଧନୁ ସଂକ୍ରାନ୍ତିରେ ଆଖଣ୍ଡଳମଣିଙ୍କୁ ଲାଗି ହେଲା ଧନୁ ମୁଆଁଭୋଗ




ଆରଡି,୧୬।୧୧(ସମିସ): ମଙ୍ଗଳବାର ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଶୈବଧାମ ଆରଡି ପୀଠରେ ବାବା ଆଖଣ୍ଡଳମଣିଙ୍କୁ ଲାଗି ହୋଇଛି ଧନୁ ମୁଆଁଭୋଗ। ଏଥିପାଇଁ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ସହ ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି, ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ଭୋଗରେ ଧନୁମୁଆଁ ଲାଗି କରାଯାଇଥିଲା। ପରେ ହଜାର ହଜାର ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଦର୍ଶନ କରିବା ସହ ଧନୁ ମୁଆଁ ଭୋଗ ଲାଗି କରିଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର



ଧାମନଗର,୧୬।୧୨(ସମିସ): ଧାମନଗର ଥାନା ଅଧୀନ ଧାମନଗରଠାରୁ ଧାମନଗର ଛକ ଦେଇଯାଇଥିବା ରାଜ୍ୟ ରାଜପଥର ମହୁରା ଛକ ନିକଟରେ ଆଜି ଅପରାହ୍ନ ୩ଟା ସମୟରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଆହତ ହୋଇଛନ୍ତି। ଧୁଷୁରୀ ଥାନା ଅଧୀନ ଗୁଲନଗର ଶାସନ ଗ୍ରାମର ଶେଷଦେବ ମିଶ୍ର ମାରୁତି ସୁଜୁକି କାର୍‌ରେ ସ୍ତ୍ରୀ ସହିତ ଭୁବନେଶ୍ୱର ଯାଉଥିବା ସମୟରେ ଧାମନଗର ଛକ ପୂର୍ବରୁ ମହୁରା ଛକ ନିକଟରେ ଏକ ଟାଟାଏସି ଗାଡି ବାମ ପଟରେ ରାସ୍ତା ଉପରେ ଛିଡା ହୋଇଥିବାରୁ ଶେଷଦେବ ଗାଡ଼ିକୁ ସାମାନ୍ୟ ଡାହାଣକୁ କାଟି ଯିବାକୁ ଚେଷ୍ଟା କରୁଥିବା ସମୟରେ ହଠାତ ଆଗ ପଟରୁ ଅର୍ଥାତ ଧାମନଗର ଛକ ପଟରୁ ଧାମନଗର ଥାନା ଅଧୀନ ପଳିକିରି ଗ୍ରାମର ପବିତ୍ର ଜେନା ବାଇକ୍‌ରେ ସ୍ତ୍ରୀ ସହିତ ଆସୁଥିବା ସମୟରେ ଭରସାମ୍ୟ ହରାଇ କାର୍ ଧକ୍କା ଦେବା ଫଳରେ ଉଭୟ ସ୍ୱାମୀସ୍ତ୍ରୀ ଗୁରୁତର ଆଘାତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ପଠାଇଥିଲେ। ଉଭୟ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଧାମନଗର ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତେବେ ଖବର ଲେଖି ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ବ୍ୟବସାୟୀ ମହାବୀର ଗୁପ୍ତାଙ୍କ ପରଲୋକ



ବନ୍ତ/ଆଗରପଡ଼ା,୧୬।୧୨(ସମିସ): ଆଗରପଡ଼ାର ଲୁଗା ବ୍ୟବସାୟୀ ସ୍ୱର୍ଗତ ଗିରିବର ଗୁପ୍ତାଙ୍କ ପୁଅ ମହାବୀର(୬୧)ଙ୍କ ପରଲୋକ ଘଟିଛି। ସେ ଯାଜପୁରସ୍ଥ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଥିବାବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ଚିକିତ୍ସା ପାଇଁ କଟକ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଯକୃତଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ବ୍ୟବସାୟୀ ବଡ଼ଭାଇ ଶ୍ୟାମ, ଲଚ୍ଛୁ, ପୁତୁରା ଜ୍ଞାନୀଙ୍କ ସମେତ ପତ୍ନୀ, ଏକମାତ୍ର ପୁଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ପରୋପକାରୀ, ଧାର୍ମିକ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ଆଗରପଡ଼ା, ଯାଜପୁର ରୋଡ୍ ଆଦି ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଗଡ଼ଚଣ୍ଡୀ ମନ୍ଦିରରେ ଅଗ୍ନିକାଣ୍ଡ

ବନ୍ତ/ଆଗରପଡ଼ା,୧୬।୧୨(ସମିସ): ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ବିଟିପୁର(ଗଡ଼ସାହୀ) ଗ୍ରାମରେ ଅବସ୍ଥିତ ଡ. ହରେକୃଷ୍ଣ ମହତାବଙ୍କ ଅନ୍ୟତମ କୂଳଦେବୀ ଗଡ଼ଚଣ୍ଡୀଙ୍କ ମନ୍ଦିରରେ ସୋମବାର ବିଳମ୍ବିତ ରାତିରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଚଣ୍ଡିଙ୍କ କିଛି ଲୁଗାପଟା ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଯାଇଥିବା ଜଣାପଡ଼ିଛି। ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟାୟ, ଅନୀତି ବଢ଼ିବାରୁ ଏଭଳି ଅଘଟଣ ଘଟିଲା ବୋଲି ପୁରୁଖା ଗ୍ରାମବାସୀ କହିବାରୁ ମାର୍ଜନା କାର୍ଯ୍ୟ ହୋଇଥିଲା।

## ୩୫ନଂ ଆଖଣ୍ଡଳମଣି ରାଜ୍ୟ ରାଜପଥ

# ସରୁନି କାମ, ବାରମ୍ବାର ଘଟୁଛି ଦୁର୍ଘଟଣା

ଅସୁରାଳି,୧୬।୧୨(ସମିସ):

ଭଦ୍ରକ ଜିଲ୍ଲାର ପ୍ରମୁଖ ୩୫ନଂ ଆଖଣ୍ଡଳମଣି ରାଜ୍ୟରାଜପଥ। ଏହା ବାବା ଆଖଣ୍ଡଳମଣି ଧାମକୁ ଯୋଗାଯୋଗର ଜୀବନରେଖା। ଏହି ରାଜପଥ ଦୁର୍ଘଟଣାର ପେଣ୍ଠସ୍ଥଳରେ ପରିଣତ ହୋଇଛି। ପ୍ରାୟ ୫ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନି। ନିମ୍ନମାନର କାମ ଓ ବିଳମ୍ବ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଛି। ପିଚୁ କାମରେ ନିୟମିତତା ନ ଥିବାରୁ ପ୍ରଥମ ପର୍ଯ୍ୟାୟରେ ୨ ଇଞ୍ଚ ମୋଟେଇ ପରିବର୍ତ୍ତେ ୧ ଇଞ୍ଚରୁ କମ୍ ପିଚୁ ପଡୁଛି। ଦୁଇତିନି ଦିନରେ ପିଚୁରୁ ଗୋଡ଼ି ବାହାରି ପଡୁଥିବାରୁ ବାଇକ ଚଳାଇବା ଅସମ୍ଭବ ହେଉଛି। ୩୮ କିମି ରାସ୍ତାକୁ ବସ୍‌ରେ ଯିବାକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି।

୫ ବର୍ଷ ଧରି କାର୍ଯ୍ୟ ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ ସମନ୍ୱୟ ନ ଥିବାରୁ କାମ ଆଗେଇ ପାରୁନି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ମଧ୍ୟ ହୋଇଥିଲା। ମାତ୍ର ପ୍ରଶାସନର ନିଷ୍କ୍ରିୟତା ଆହୁରି ଏକ ଆଗାମୀ ଜନଆନ୍ଦୋଳନକୁ ପ୍ରଶ୍ରୟ ଦେଉଛି। ବେତାଳିଗାଁ ବଜାରରେ ଅଞ୍ଚଳବାସୀଙ୍କ ରାସ୍ତାରୋକ ପରେ ପ୍ରଶାସନ ଓ ଠିକାଦାର ସର୍ତ୍ତରେ ରାଜି ହୋଇଥିଲେ। ଧାମନଗର ବିଡିଓ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ପରେ କାର୍ଯ୍ୟରେ କୌଣସି ସୁଧାର ଆସିନାହିଁ। ପ୍ରଶାସନିକ ପ୍ରତିଶ୍ରୁତି ଅନୁସାରେ ସୂଚନାଫଳକ ଲାଗିବାକୁ କୁହାଯାଇଥିଲେ ମଧ୍ୟ ଏଯାବତ କେଉଁଠି ବି ଲାଗିନାହିଁ। ଅପରପକ୍ଷେ ଦିନକୁ ଦିନ ଦୁର୍ଘଟଣାର ନୂତନ ଘଟଣା ଦେଖିବାକୁ ମିଳୁଛି ଓ ପାଳସାହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ରାସ୍ତା ଅବସ୍ଥାର ଫଟୋ ଉଠାଇ ସୁପରିଟେଣ୍ଡେଣ୍ଟଙ୍କୁ ଅବଗତ କରିବାର କିଛି ସମୟ ପରେ ବେତାଳିଗାଁର ଯୁବକ କୃଷ୍ଣଚନ୍ଦ୍ର ସାହୁ ବାଇକ ସହ ଗୋଡ଼ି ଉପରେ ଭାସି ଗଭୀର ଦଳଗଡିଆରେ ପଡି ଗୁରୁତର ଆହତ ହୋଇଥିଲେ। ବାଇକ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଣୁ ଜିଲ୍ଲା ପ୍ରଶାସନ ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଜୋରଦାର ଦାବି ହେଉଛି। ବୁଦ୍ଧିଜୀବୀ ମହଲ, ବିଭିନ୍ନ ରାଜନୈତିକ ସଂଗଠନ ଓ ସାମାଜିକ କର୍ମୀ ପ୍ରଶାସନକୁ ଗମ୍ଭୀରତାର ସହ ଦୃଷ୍ଟି ଦେବାକୁ ଚେତାବନୀ ଦେଇଛନ୍ତି।



ଆନ୍ଦୋଳନ ପରେ ବି ଚେତୁନି ପ୍ରଶାସନ

### ସେମାନେ ଯାହା କୁହନ୍ତି



୩୮ କିମି ରାସ୍ତା ୫ ବର୍ଷ ଧରି କାମ ହେଉଛି, କିନ୍ତୁ ସମାପ୍ତ ହେବାର ନାଁ ଧରୁନି। ଅଞ୍ଚଳବାସୀଙ୍କ ପାଇଁ ଏହା ସ୍ୱପ୍ନ ଭଳି। ଯଦି ଆଗାମୀ ମାସେ ମଧ୍ୟରେ କାମ ସମାପ୍ତ ନ ହୁଏ, ଧୂଷୁରୀରେ ରାସ୍ତାରୋକ କରାଯିବ। ଡିସେମ୍ବର ମାସ ସୁଦ୍ଧା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜିଲ୍ଲା ପରିଷଦ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ନ ହେବା ଦୁର୍ଭାଗ୍ୟଜନକ।

**ପ୍ରଦୀପ କୁମାର ମଲ୍ଲିକ,** ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ



ଏହି ରାସ୍ତା କାମ ନେଇ ପୁଣିଥରେ ଜନଆନ୍ଦୋଳନ କରା ନ ଗଲେ ପ୍ରଶାସନ ଚେତିବ ନାହିଁ।

**ରମେଶ ବେହେରା,** କଂଗ୍ରେସ ନେତା



ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଅଛନ୍ତି। ତେବେ ଭଦ୍ରକ-ଆରଡି ଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଦୁରାବସ୍ଥା ଦୂର ନ ହେବା ଦୁର୍ଭାଗ୍ୟଜନକ ବିଷୟ।

**ବିମଳା ନାଥ,** ଅନୁକମ୍ପା ମହିଳା ସଂଗଠନ

## ■ ଅପହୃତା ନାବାଳିକା ନୂଆଦିଲ୍ଲୀରୁ ଉଦ୍ଧାର

# ବିବାହ ପାଇଁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ

ଭଦ୍ରକ, ୧୬।୧୨(ସମିସ): ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ନିଜ ଗାଁର ଜଣେ ମହିଳା ଅପହରଣ କରି ନୂଆଦିଲ୍ଲୀ ନେଇଯାଇଥିଲେ। ସେଠାରୁ ମୁକୁଳି ଗାଁକୁ ଫେରିଛନ୍ତି। ସେଠାରେ ନାବାଳିକା ଛାତ୍ରୀଙ୍କୁ ବିବାହ କରାଇ ଦେବାକୁ ମହିଳା ଜଣକ ଚାହୁଁଥିଲେ। ସେ ରାଜି ନ ହେବାରୁ ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ, ଚଳିତ ମାସ ୩ ତାରିଖ ସନ୍ଧ୍ୟାରେ ନାବାଳିକା ଛାତ୍ରୀଙ୍କୁ ସେହି ଗ୍ରାମର ମହିଳା ଗୋଲାପୀ ସେଠୀ ନିଜ ଘରକୁ ଡାକିଥିଲା। ସେ ପହଞ୍ଚିବା ପରେ ମହିଳାଙ୍କ ବୋହୂ ରାଧା ସେଠୀ ଛାତ୍ରୀଙ୍କ ଚୁଟିକୁ ପଛରୁ ଟାଣି ହାତଗୋଡ ବାନ୍ଧି କାର୍ ଯୋଗ ତିହିଡି ନେଇଯାଇଥିଲେ। ପରଦିନ ସକାଳୁ ଷ୍ଟେସନକୁ ନିଆଯାଇଥିଲା। ସେଠାରେ ଥିବା ଗ୍ରାମର ଭରତ ସେଠୀ ଓ ଅନ୍ୟ ଦୁଇଜଣ ଟ୍ରେନରେ ଛାତ୍ରୀଙ୍କୁ ଦିଲ୍ଲୀ ନେଇଯାଇଥିଲେ। ନୂଆଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କୁ ବିବାହ କରିବାକୁ କୁହାଯାଇଥିଲା। ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ଠିକ୍ ଭାବେ ଖାଇବାକୁ ନ ଦେଇ ମାଡ଼ ମରାଯିବା ସହ ଚେଙ୍କ ଦିଆଯାଇଥିଲା ବୋଲି ଛାତ୍ରୀ କହିଛନ୍ତି। ତେବେ ନାବାଳିକା ଛାତ୍ରୀ କୌଣସି ପ୍ରକାରରେ ଘରକୁ ଫୋନ୍‌ରେ କଥା ହେବା ପରେ ତାଙ୍କ ବାପାମାଆ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀ ମଧ୍ୟ ଛାତ୍ରୀଙ୍କୁ ଦିଲ୍ଲୀରୁ ଆଣି ଗାଁରେ ଛାଡିବାକୁ ମହିଳାଙ୍କ ପରିବାର ଉପରେ ଚାପ ପକାଇଥିଲେ। ୯ ତାରିଖରେ ଛାତ୍ରୀଙ୍କୁ ଦିଲ୍ଲୀରୁ ଆଣି ସହରର ବାଇପାସ ଛକରେ ଛାଡ଼ିବା ପରେ ପୁଲିସ ସମସ୍ତ ବିଷୟ ଅବଗତ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଘଟଣାକୁ ନେଇ ଗାଁର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ମିଶନଶକ୍ତି ଗୃହରେ ଆଜି ଏକ ବୈଠକ କରିଥିଲେ। ଅପହୃତା ଛାତ୍ରୀଙ୍କ ମୁହଁରୁ ସବୁକଥା ଶୁଣିବା ପରେ ଗୋଲାପୀ ସେଠୀଙ୍କୁ ଏ ବିଷୟରେ ପଚାରିବାକୁ ମହିଳାମାନେ ଏକଜୁଟ ହୋଇ ତାଙ୍କ ଘରେ ପହଞ୍ଚିଥିଲେ। ତେବେ ସେମାନେ ତାଙ୍କୁ ପାଇ ନ ଥିଲେ। ଏ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଅପହରଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମହିଳା। ଅପରପକ୍ଷରେ ପୁଲିସ ଏହି ଘଟଣାରେ କାହାରିକୁ ଗିରଫ କରିନାହିଁ। ତଦନ୍ତ ଚାଲିଛି ବୋଲି ଗ୍ରାମାଞ୍ଚଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ନିରୋଜ ସାମଲ କହିଛନ୍ତି, ଆମେ ମାମଲା ରୁଜୁ କରିଛୁ। ତେବେ ସମ୍ପୃକ୍ତା ଛାତ୍ରୀ ବାରମ୍ବାର ବୟାନ ବଦଳାଉଥିବାରୁ ତଦନ୍ତ ପ୍ରକ୍ରିୟା ସମୟ ନେଉଛି।

# ଅଗ୍ନିକାଣ୍ଡରେ ୫ ଗୋରୁ ଜୀବନ୍ତ ଦଗ୍ଧ

ବନ୍ତ/ଆଗରପଡ଼ା,୧୬।୧୨(ସମିସ): ଅଗ୍ନିକାଣ୍ଡ ଘଟି ୫ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଏକ ବାଛୁରୀ ମୁମୂର୍ଷ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବନ୍ତ ତହସିଲ ଅନ୍ତର୍ଗତ ବସନ୍ତିଆ ୧୦ନଂ ୱାର୍ଡର ଅର୍ଜୁନ ଚରଣ ଦାସଙ୍କ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଗୋରୁ ଚିତ୍କାର କରିବାରୁ ଘର ଲୋକ ଉଠିଦେଖିଲା ବେଳକୁ ନିଆଁ ଚାରିଆଡ଼େ ବ୍ୟାପୀ ଯାଇଥିଲା। ଗୋରୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲା। ସେତେବେଳକୁ ୫ଟି ଗୋରୁ ମୃତ୍ୟୁବରଣ କରିଥିବାବେଳେ ଗୋଟିଏ ବାଛୁରୀକୁ ଉଦ୍ଧାର କରାଯାଇଥିଲା। ଖବର ପାଇ ହାଟଡିହି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



# ଦୁଇଦିନରେ ୨ ହଜାର ଲିଟର ପୋଚ ନଷ୍ଟ କଲା ତିହିଡ଼ି ପୁଲିସ



ତିହିଡ଼ି,୧୬।୧୨(ସମିସ): ତିହିଡି ଥାନା ଅଧୀନ ତାଳପଦା ଓ ଗୁଆମାଳର ସୀମା ଭୂୟାଁୱାସରେ ପୁଲିସ ଅତର୍କିତ ଚଢ଼ଉ କରି ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ ପୋଚ ନଷ୍ଟ କରିଛି। ତିହିଡି ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତର ତାଳପଦା ଗାଁରେ ଥିବା ଦେଶୀମଦ ଭାଟି ଉପରେ ରବିବାର ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟା, ସବଇନ୍ସପେକ୍ଟର ପ୍ରଶାନ୍ତ ନାୟକ ପୁଲିସ ଟିମ୍‌କୁ ନେଇ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ ପୋଚ ଠାବ କରାଯାଇଥିଲା। ସେହିଭଳି ଆଜି ଭୂୟାଁୱାସରେ ୨୦ଟି ୫୦ ଲିଟିରିଆ ଡ୍ରମ୍‌ରେ ରଖାଯାଇଥିବା ହଜାରେ ଲିଟରରୁ ଅଧିକ ଗୁଡ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିଲା। ଚଢ଼ଉ ସମୟରେ ଭାଟି ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିଲେ।

ଦୀର୍ଘବର୍ଷ ହେଲା ତିହିଡ଼ି ପୁଲିସ ଦ୍ୱାରା ଭୂୟାଁୱାସ ସମେତ ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଅଧିକ ମଦ ଭାଟି ଉପରେ ଚଢ଼ଉ କରି ଭାଟି ଭାଙ୍ଗିବା ସହିତ ଗୁଡ ପୋଚ ନଷ୍ଟ କରିଥାଏ। ବେଆଇନ ମଦ ପ୍ରସ୍ତୁତ ଓ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। ପରେ ଜାମିନରେ ଆସି ପୂର୍ବବତ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା। ବାରମ୍ବାର ଜାମିନରେ ଆସି ଦେଶୀମଦ ପ୍ରସ୍ତୁତ କରୁଥବା ଜଣାପଡ଼ିଛି।

## ● ଆବାସ ନିର୍ମାଣରେ ସରପଞ୍ଚଙ୍କ ନିଆରା ପ୍ରୟାସ

# ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସହାୟତା


ବନ୍ତ/ଆଗରପଡ଼ା,୧୬।୧୨(ସମିସ): ରାଜ୍ୟ ଓ କେନ୍ଦ୍ରର ମିଳିତ ସହଯୋଗରେ ଯାହାର ଭଙ୍ଗା କୁଡ଼ିଆ ଥାଏ ଗରିବ ଓ ଅସହାୟ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଗୃହ ଯୋଜନାରେ ପକ୍କା ଗୃହ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଅତିରିକ୍ତ ଏନଆରଜିଏସ ମାଧ୍ୟମରେ ୨୪ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ଯୁଗରେ ଖର୍ଚ୍ଚ ଅଧିକା ହେଉଥିବାରୁ ସେହି ଟଙ୍କାରେ ଘର ନିର୍ମାଣ କରିବା ଅସମ୍ଭବ ହୋଇପଡୁଛି। ଲୋକେ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଘର ନିର୍ମାଣ ବାବଦ ଅଗ୍ରିମ ୪୦ ହଜାର ଟଙ୍କା ପାଇଥିଲେ ମଧ୍ୟ ଘର ଖଣ୍ଡିଏ କରିପାରୁନାହାନ୍ତି।



ଏଭଳି ସ୍ଥଳେ ଘର କରିପାରୁ ନ ଥିବା ଅସହାୟ ଓ ଗରିବ ଲୋକଙ୍କ ପାଇଁ ଦେବଦୂତ ସାଜିଛନ୍ତି ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତର ଯୁବ ସରପଞ୍ଚ ହିରେନ୍ଦ୍ର ଖିଲାର।

ପଞ୍ଚାୟତର ତାଳବରେଇ ଜେନା ସାହିର ଭିନ୍ନକ୍ଷମ ଜନ୍ମରୁ ଦୃଷ୍ଟିବାଧିତ ବିଜୟ କୁମାର ଜେନା ୬ ମାସ ପୂର୍ବରୁ ପାଇଥିବା ଅନ୍ତୋଦୟ ଗୃହ ଯୋଜନାରେ ଘର ଖଣ୍ଡିଏ ପାଇଥିଲେ ମଧ୍ୟ ଘର କରିପାରୁ ନ ଥିଲେ। ସ୍ଥାନୀୟ ୱାର୍ଡ ସଭ୍ୟା ସାନ୍ଧ୍ୟରାଣୀ ବେହେରାଙ୍କ ପାଖରୁ ଯୁବ ସରପଞ୍ଚ ହିରେନ୍ଦ୍ର ବିଜୟଙ୍କ ଦୁଃଖ ଶୁଣିବା ପରେ ମଙ୍ଗଳବାର ବିଜୟଙ୍କ ଘରେ ପହଞ୍ଚି ପକ୍କାଘର ନିର୍ମାଣ ପାଇଁ ଶୁଭ ଦେଇଥିବା ଜଣାପଡ଼ିଛି। ଦୁଇମାସ ମଧ୍ୟରେ ଏହି ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ବିଜୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯୁବ ସରପଞ୍ଚ। ଧାର୍ଯ୍ୟ ଜାଗାରେ ଗୃହ ନିର୍ମାଣ ପାଇଁ ୩ ଲକ୍ଷରୁ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ସ୍ଥଳେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୪୪ ହଜାର ଟଙ୍କାର ଆର୍ôଥକ ସହାୟତା ମିଳିବ। ତେଣୁ ଆଉ ଯେଉଁ ଅର୍ଥ ଆବଶ୍ୟକ ପଡ଼ିବ, ତାକୁ ସରପଞ୍ଚ ବହନ କରିବାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ରାମକୃଷ୍ଣପୁର ଗ୍ରାମରେ ରାଜକିଶୋର ବାରିକଙ୍କ ଘର ନିର୍ମାଣ କାର୍ଯ୍ୟ ଚାଲିଥିବା କଥା ସରପଞ୍ଚ ହିରେନ୍ଦ୍ର ଖିଲାର ପ୍ରକାଶ କରିଛନ୍ତି। ସରପଞ୍ଚଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

ଜନ୍ମଦିନର ଶୁଭେଚ୍ଛା



ବିଶ୍ୱଜିତ ଗୋସ୍ୱାମୀ
ବିଦ୍ୟାଧରପୁର, କଟକ
ତୋର ଜନ୍ମଦିନ ଅବସରରେ ମୁଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅପାର କରୁଣାରୁ ତୋର ଚଲାପଥ ହେଉ କୁସୁମିତ, ଉଜ୍ଜ୍ୱଳ ହେଉ ଭବିଷ୍ୟତ।
ଶୁଭେଚ୍ଛା ସହ
ବାପା- ସତ୍ୟଜିତ୍ ଗୋସ୍ୱାମୀ, ମା-ସରୋଜିନୀ ଗୋସ୍ୱାମୀ, ଜେଜେ ମା- ବେଲାରାଣୀ, ପିଇସି- ଇତିଶ୍ରୀ, ଆଈ- କମଳା, ଅଜା- ଚକ୍ରଧର, ବନ୍ଧୁ ଓ ପରିବାରବର୍ଗ

## ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

# ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଧାରଣା

ତିହିଡ଼ି,୧୬।୧୨(ସମିସ):

ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତର ତଳଦପା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକ ଆଜି ପୂର୍ବାହ୍ନରେ ତିହିଡ଼ିସ୍ଥ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଛନ୍ତି। ସ୍କୁଲରେ ବେଆଇନ ଭାବେ ନିଯୁକ୍ତ ପାଚିକାଙ୍କୁ ବହିଷ୍କାର, ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସ୍କୁଲରେ ଶିକ୍ଷାଦାନର ସୁପରିଚାଳନା ପାଇଁ ଶିକ୍ଷକ ନିଯୁକ୍ତି ଦାବିରେ ଏହି ଧାରଣା ଦିଆଯାଇଥିବା ଜଣାଯାଇଛି।

ସୂଚନା ମୁତାବକ, ତଳଦପା ପ୍ରାଥମିକ ସ୍କୁଲରେ ନିଯୁକ୍ତି ପାଇଥିବା ପାଚିକାଙ୍କୁ କେତେକ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ସ୍କୁଲର ପ୍ରଧାନଶିକ୍ଷକ ତାଙ୍କୁ ବେଆଇନ ଭାବେ ନିଯୁକ୍ତି ଦେଇଥିବା ସେମାନେ ବିଇଓଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ସେହି ପାଚିକାଙ୍କ ବହିଷ୍କାର କରିବାକୁ କିଛିଦିନ ପୂର୍ବେ କେତେକ ଗ୍ରାମବାସୀ ଦାବି କରିଥିଲେ। ପରେ ଏହି ଘଟଣାକୁ କେନ୍ଦ୍ରକରି ସ୍କୁଲରେ ପ୍ରଧାନଶିକ୍ଷକ ଓ କେତେକ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଏ ସମ୍ପର୍କରେ ଉଭୟ ପକ୍ଷରୁ ପୀରହାଟ ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିଲା। ତେବେ ଗଣ୍ଡଗୋଳ ହେବା ପରଠାରୁ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କ ସମେତ ୩ ଜଣ ଶିକ୍ଷକ ସ୍କୁଲକୁ ଯାଉ ନ ଥିବାବେଳେ ସେମାନଙ୍କ ସ୍ଥାନରେ ଅନ୍ୟ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ଜଣାଯାଇଛି। ତେବେ ସ୍କୁଲକୁ ଶୈକ୍ଷିକ ବାତାବରଣ ଫେରି ନ ଥିବାବେଳେ ବିଇଓଙ୍କ ସାମ୍ନାରେ ଦିଆଯାଇଥିବା ଧାରଣା ପରିସ୍ଥିତିକୁ ଜଟିଳ କରିଥିବା ଦେଖିବାକୁ ମିଳିଛି।



ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ବାଲିମାଫିଆ

# ବାଲି ଟ୍ରକ୍ ଚାଲାଣ ଯୋଗୁଁ ରାସ୍ତା ନଷ୍ଟ



ପାଣିକୋଇଲି,୧୬।୧୨(ସମିସ): ଦିନକୁ ଦିନ ବାଲି ମାଫିଆଙ୍କ କବଜାରେ କୋରେଇ ଅଞ୍ଚଳ ରହିଛି। ଧରାକୁ ସରା ନମଣି ବାଲି ମାଫିଆ ସେମାନଙ୍କ ବେପାର ବିସ୍ତାର କରିବାରେ ଲାଗିଛନ୍ତି। ବାଲି ମାଫିଆଙ୍କ ଯୋଗୁ ପ୍ରତି ଗାଁରେ ଲୋକମାନେ ଦୁଇ ତିନି ଭାଗରେ ବିଭକ୍ତ ହେବାରେ ଲାଗିଥିବା ବେଳେ ଯୁବଶକ୍ତି ପଥଭ୍ରଷ୍ଟ ହେଉଛନ୍ତି। ସମସ୍ତଙ୍କୁ ଅର୍ଥ ନିଶା ଘାରିଛି। ସୋମବାର ରାତ୍ରୀରେ କୋରେଇ ଡାକ୍ତରଖାନା ପାଖରେ ବେଆଇନ ବାଲି ଗାଡି ଚାଲାଣକୁ ସାଧରଣ ଲୋକେ ବିରୋଧ କରିଥିଲେ। ଯେଉଁ ଗାଡିରେ କାଗଜପତ୍ର ନାହିଁ ଉକ୍ତ ଗାଡିକୁ ରାସ୍ତାରେ ଯାତାୟତକୁ ବାରଣ କରିଥିଲେ। ଏହାର ସୁଯୋଗରେ ବାଲି ମାଫିଆ ମାନେ ଜିଲ୍ଲାପାଳ ବାରଣ କରିଥିବା ବୈତରଣୀରୋଡ ସଠିପୁର ରାସ୍ତାରେ ୨ଶହରୁ ଉର୍ଦ୍ଧ୍ୱ ଗାଡିକୁ ଛାଡି ଦେଇଥିଲେ। ଫଳରେ ନୂତନକରି ପ୍ରଶସ୍ତୀକରଣ ବା ଦୋହରୀକରଣ କାର୍ଯ୍ୟ ଚାଲୁଥିବା ଉକ୍ତ ରାସ୍ତା ଗୋଟିଏ ରାତ୍ରୀରେ ଭାଂଗିରୁଜି ଚୁରମାର ହୋଇଥିଲା। ହେଲେ ପୁଲିସ ଏହାକୁ ବିରୋଧ କରିବା ପରିବର୍ତ୍ତେ ବାଲିମାଫିଆଙ୍କ ପକ୍ଷନେଇ ଜିଲ୍ଲାପାଳ ନିର୍ଦ୍ଦେଶକୁ ବେଖାତିରି କରି ଗାଡି ପାର କରାଇଥିଲା। ଯାହାକୁ ନେଇ ଠିକା ସଂସ୍ଥା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଆଜି ମଧ୍ୟାହ୍ନରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ନିଜେ ଉକ୍ତ ରାସ୍ତା ପରିଦର୍ଶନରେ ଆସିଥିଲେ। ପରିଦର୍ଶନ ସମୟରେ ଏକ ବାଲି ହାଇୱା ବରୁଣ୍ଡାଇ -ସଠିପୁର ରାସ୍ତାର ରାଣିଗୋଡା ନିକଟରେ ଧରି ପୁଲିସ ଜିମା ଦେଇଥିଲେ। ପରିବହନ ଅଧିକାରୀ ଡି ନାୟକ, ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତି, ସବଇନ୍ସପେ୍କ୍ଟର ସୁମିତ କୁଜୁର ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଉକ୍ତ ରାସ୍ତାରେ ଗୋଟିଏ ବି ଭାରୀଯାନ ଗାଡି ଯେମିତି ଚଳାଚଳ ନକରେ ସେଥିପ୍ରତି ପୁଲିସ ଧ୍ୟାନ ଦେବାକୁ ତାଗଦ କରିଥିଲେ।

## ୫ ହାଇୱା ଜବତ କଲା ପୁଲିସ



ପାଣିକୋଇଲି,୧୬।୧୨(ସମିସ): କୋରେଇ ଥାନା ଅନ୍ତର୍ଗତ ବୈତରଣୀ ନଦୀରୁ ବେଆଇନ ଓ ବେଧଡ଼କ ଭାବେ ବାଲି ଚୋରାଚାଲାଣ ହେଉଛି। ଜିଲ୍ଲାପାଳଙ୍କ ତଦାରଖ ପରେ ପୁଲିସର ନିଦ ଭାଙ୍ଗିଛି। ବୈତରଣୀ ବାଲିକା ଉଚ୍ଚ ବିଦ୍ୟାଳୟ ନିକଟରେ କୋରେଇ ପୁଲିସ ୫ଟି ବାଲି ହାଇୱାକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ସେମାନେ ବାଲିର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ଗାଡିକୁ ଅଟକାଇ ରଖିଥିଲା। ଉକ୍ତ ଗାଡି ଗୁଡିକ ହେଲା ଓଡି୦୧ଏଏ ୩୨୯୯, ଓଡି ୨୨ଏଡି ୨୧୩୫, ଓଡି୩୪ୱାଇ ୨୧୩୫, ଓଡି ୨୨ଏସି ୧୭୪୭, ଓଡି୨୨ ୟୁ ୭୧୧୪)। ବେଆଇନ ଭାବେ ମଥୁରାପୁର ବ୍ରିଜ କଡରୁ ଏହି ବାଲି ଉଠୁଥିଲା। ଯାହା ଫଳରେ ମଥୁରାପୁର ବ୍ରିଜ ପ୍ରତି ବିପଦ ରହିଛି। ରାତିରେ ବାଲି ଚୋରା ଚାଲାଣ କରାଯାଉଥିବା ବେଳେ ଦିନରେ ମେସିନ ଉଠେଇ ନେଇ ପଳାଉଛନ୍ତି ମାଫିଆ। ଗଡି ଗୁଡକୁ ଗତ ରାତ୍ରୀରୁ ଅଟକାଇ ପୁଲିସ ଜଗି ରହିଛି।

## ବାଇକ୍ ପଛରୁ ବାଇକ୍ ଧକ୍କା; ୩ ଆହତ

ପାଣିକୋଇଲି,୧୬।୧୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କାଜିପାଟଣା ଗ୍ରାମ ନିକଟରେ ବାଇକ୍ ପଛରୁ ବାଇକ୍ ଧକ୍କା ଦେବାରୁ ୨ ମହିଳାଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଛକରୁ ଏକ ବାଇକ୍ ଯୋଗେ ଯାଜପୁରରୋଡରୁ ୩ ଜଣ ବିରଜା ଦର୍ଶନ କରିବାକୁ ଯାଉଥିଲେ। କାଜିପାଟଣା ଗ୍ରାମ ନିକଟରେ ପଛରୁ ଏକ ବାଇକରେ ଏକ ଯୁବକ ଆସି ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକ୍ ତଳେ ଛିଟିକି ପଡିଥିଲେ। ପରେ ଉକ୍ତ ବାଇକ୍ ଆରୋହୀ ଉଠି ଗାଡି ନେଇ ପଳାଇଯାଇଥିଲା। ଘଟଣାସ୍ଥଳେ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଅହତ ପ୍ରିୟଦର୍ଶନ ନାୟକଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ପଠାଇଥିଲେ। ବାଇକ୍‌ରେ ଥିବା ସୁଭଦ୍ରା ନାୟକ ଓ ଅର୍ଜୁନ ନାୟକ ଆହତ ହୋଇଥିଲା ବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଧର୍ମଶାଳାରେ ଗଜଉଦ୍ଧାରଣ ପୂଜା ଆରମ୍ଭ



ଧର୍ମଶାଳା,୧୬।୧୨(ସମିସ): ଧର୍ମଶାଳା ବ୍ଲକ ଜାରକା ଠାରେ ପବିତ୍ର ଧନୁସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆଜି ଠାରୁ ଆରମ୍ଭ ହୋଇଛି। ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତୀ ସାଙ୍ଗକୁ ବିଭିନ୍ନ ପୌରାଣିକ ମୂର୍ତ୍ତୀ ପ୍ରତିଷ୍ଠା କରାଯାଇ ପୂଜା କରାଯାଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ପୂଜାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ଓ ପ୍ରଫୁଲ୍ଲ କୁମାର ରାଉତ କର୍ତ୍ତା ଭାବେ ଯୋଗଦେଇ ପୂଜା କାର୍ଯ୍ୟ କରିଛନ୍ତି। ଆଜି ସକାଳୁ ନଦୀରୁ ଜଳ ଅଣାଯାଇ ମଣ୍ଡପରେ କଳସ ପ୍ରତିଷ୍ଠା କରାଯିବା ସହ ରିତିନିତି ଅନୁଯାୟୀ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଅବସରରେ ଆସନ୍ତା ୨୫ ତାରିଖରେ ଧର୍ମଶାଳା ମହୋତ୍ସବର ଉଦଘାଟନ କରାଯିବ। ପୂଜାର ପ୍ରଥମ ସନ୍ଧ୍ୟାରେ ମଣ୍ଡପ ନିକଟରେ ଚହଟା ଓ ଚୋରମୁହାଁ ଗ୍ରାମର ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯିବ। ସେହିପରି ୨୪ ତାରିଖ ପର୍ଯ୍ୟନ୍ତ ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂଜା ଅବସରରେ ମଣ୍ଡପ ସମ୍ମୁଖରେ ସୁଉଚ୍ଚ ତୋରଣ କରାଯାଇଥିବା ବେଳେ ରଙ୍ଗିନ ଆଲୋକମାଳାରେ ଜାରକା ବଜାରକୁ ସଜାଇ ଦିଆଯାଇଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ପୂଜା ଆସନ୍ତା ୧୮ ତରିଖ ବୁଧବାର ପୁର୍ଣ୍ଣାହୁତି କରାଯାଇ ବିସର୍ଜନ କରାଯିବ ବୋଲି କମିଟି ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ସୂଚନା ଦେଇଛନ୍ତି।

## ଖରସ୍ରୋତା ପୁସ୍ତକ ମେଳା ଉଦ୍‌ଘାଟିତ



ବିଞ୍ଝାରପୁର,୧୬।୧୨(ସମିସ): ବିଞ୍ଝାରପୁର ବ୍ଲକ ଫତେପୁରସ୍ଥିତ ମଲ୍ଲିଆ ଯଜ୍ଞ ପଡିଆରେ ରାଜ୍ୟସ୍ତରୀୟ ୩ୟ ଖରସ୍ରୋତା ପୁସ୍ତକ ମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱଙ୍କ ଉଦ୍‌ଘାଟନୀ ସମାରୋହରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ପୁସ୍ତକ ହେଉଛି ଆମ ସମାଜ ପାଇଁ ଏକ ଦର୍ପଣ। ଜଣେ ଲେଖକ ନିଜର ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ସୃଷ୍ଟି କରିଥାଏ ତାହା ଆମକୁ ଆମ ସମାଜର ବାସ୍ତବିକତା ସହ ପରିଚିତ କରାଇଥାଏ ଏବଂ ଆମକୁ ଦିଗଦର୍ଶନ ମଧ୍ୟ ପ୍ରଦାନ କରିଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ପୁସ୍ତକ ହିଁ ମାନବ ସମାଜର ଆଲୋକବର୍ତ୍ତୀକା ବୋଲି ଅଭିହିତ କରିଥିଲେ। ଏହି ମେଳାରେ ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ରଞ୍ଜିତା କୁମାରୀ ଦାସ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, ଜିଲ୍ଲାପରିଷଦ ସଭ୍ୟା ସୁନିତା ନାୟକ, ଫତେପୁର ସରପଞ୍ଚ ମାଧବୀଲତା ସାହୁ, ବାଛୋଳ ସରପଞ୍ଚ କଳ୍ପନା ବେହେରା, ଶିକ୍ଷାବିତ ଅଜୟ କୁମାର ଓଝା, ସମ୍ପାଦକ ଜିତେନ୍ଦ୍ର ବେହେରା ଓ ଅନ୍ୟ ପଞ୍ଚାୟତର ସରପଞ୍ଚ ଓ ପଡ଼ୋଶୀ ଜିଲ୍ଲା କେନ୍ଦ୍ରାପଡ଼ା, ପଡ଼ୋଶୀ ବ୍ଲକ ଦଶରଥପୁର, ବରୀର ବହୁ ଗୁଣିଜ୍ଞାନୀ ବ୍ୟକ୍ତି ଯୋଗଦେଇଥିଲେ। ଏହି ୩ୟ ରାଜ୍ୟସ୍ତରୀୟ ପୁସ୍ତକମେଳା ଆଗାମୀ ୭ ଦିନ ଚଳିବ ବୋଲି ଆୟୋଜକ ମଣ୍ଡଳୀ ସୂଚନା ଦେଇଛନ୍ତି।

## ବାଲିଘାଟ ରାସ୍ତାରୁ ଉଚ୍ଛେଦ କଲା ପ୍ରଶାସନ



ବିଞ୍ଝାରପୁର,୧୬।୧୨(ସମିସ): ବିଞ୍ଝାରପୁର ତହସିଲ ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀ ସଂଲଗ୍ନ ମନେଇଠାରେ ଥିବା ସରକାରୀ ବାଲିଘାଟ ରାସ୍ତାରୁ ମଙ୍ଗଳବାର ବେଆଇନ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରିବାରେ ସକ୍ଷମ ହୋଇଛି। ଘଟଣା ଅନୁଯାୟୀ ବିଞ୍ଝାରପୁର ତହସିଲ ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀ ସଂଲଗ୍ନ ମନେଇଠାରେ ସରକାରୀ ବାଲିଘାଟରୁ ବାଲି ଉଠାଣ ପାଇଁ ରାସ୍ତାକୁ କେତେକ ବ୍ୟକ୍ତି ଜବରଦସ୍ତ ମାଲିକାନା ଜାହିର କରିବା ସହିତ ରାସ୍ତା ମଝିରେ ବାଡବସାଇ ଦେଇଥିଲେ। ଯାହା ଦ୍ୱାରା ବାଲିଘାଟ ଲିଜଧାରୀ ନଦୀରୁ ବାଲି ଉଠାଣ କରି ପାରୁ ନଥିଲେ। ଏଥି ସକାଶେ ବିଭିନ୍ନ ସମୟରେ ବିବାଦ ଦେଖାଯାଉଥିଲା। ମନେଇ ବାଲିଘାଟର ଲିଜଧାରୀଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ପୂର୍ବାହ୍ନରେ ବିଞ୍ଝାରପୁର ଭାରପ୍ରାପ୍ତ ତହସିଲଦାର ପ୍ରଦିପ୍ତ ସେଠୀ, କନିଷ୍ଠ ଖଣି ଅଧିକାରୀ ଛାୟାକାନ୍ତ ମହାନ୍ତ, ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ଡିଏସ୍‌ପି ବାମଦେବ ନନ୍ଦ, ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମନେଇ ବାଲିଘାଟର ରାସ୍ତା ଚିହ୍ନଟ କରି ଜବର ଦଖଲ ଉଚ୍ଛେଦ କରିଥିଲେ। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

## ୨ଟି ସ୍ଥାନରେ ମାଲ୍ ବୋଝେଇ ଟ୍ରକ୍ ଦୁର୍ଘଟଣା



କବାଟବନ୍ଧ,୧୬।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବାଲିସାହି ଏବଂ ଚଢ଼େଇଧରା ଅଞ୍ଚଳରେ ମଙ୍ଗଳବାର ଦୁଇଟି ପୃଥକ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଉଭୟ ଦୁର୍ଘଟଣାରେ ଚାଳକ ଆହତ ହୋଇଛନ୍ତି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ବାଲିସାହି ଠାରେ ରହିଥିବା ହାର୍ଡକୋକ ପ୍ଲାଣ୍ଟକୁ କୋଇଲା ବୋଝେଇ କରି ଆସିଥିବା ଏକ ୧୨ ଚକିଆ ଟ୍ରକ ଓଡ଼ି ୦୪ଜି ୬୨୯୨ ପ୍ଲାଣ୍ଟକୁ ଆସିଥିଲା। ବାଲିସାହି ଛକ ନିକଟରୁ ପ୍ଲାଣ୍ଟକୁ ରାସ୍ତା ନ ପାଇ ଭୁଲରେ ଯିବା ସମୟରେ ରାସ୍ତା ମୁରାଲିପୁର ଗାଁ ଅତିକ୍ରମ କରିଥିଲା। ସେଠାରେ ଗାଡି ବୁଲାଇବା ପାଇଁ କୌଣସି ସୁବିଧା ରାସ୍ତା ନ ଥିବାରୁ ଗହ୍ମାରିଆ ଗାଁ ନିକଟରେ ଡ୍ରାଇଭର ଗାଡ଼ି ବୁଲାଉଥିଲେ। ଗାଡ଼ି ପଛକୁ ଆଣୁଥିବା ସମୟରେ ଏକ ଖାଲରେ ପଡ଼ି ଯିବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକମାନେ ଡ୍ରାଇଭରକୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ। ସେହିପରି ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଚଢ଼େଇଧରା ହାଟ ନିକଟରେ ରାଜପଥ ଉପରେ ଓଡ଼ି ୧୬ ପି ୮୮୨୨ ନମ୍ବର ଏକ ୧୬ ଚକିଆ ଗାଡ଼ି ମାଲ ବୋଝେଇ କରି ଯାଉଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ରାସ୍ତା ଉପରେ ଗାଡ଼ିଟି ଯାଉଥିବା ସମୟରେ ବୁଲା ଗାଈ ପଶି ଆସିବାରୁ ଡ୍ରାଇଭର ଗାଡିକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଫଳରେ ଭରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡିଥିଲା।

## ସହକାରୀ ଶିକ୍ଷକଙ୍କ ମୃତ୍ୟୁ

ଧର୍ମଶାଳା,୧୬।୧୨(ସମିସ): ଧର୍ମଶାଳା ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ବାଲିଗରୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ଶମ୍ଭୁନାଥ ମଳିକ (୫୭)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ ଶରୀରକୁ ଘରକୁ ଆଣାଯିବା ବେଳେ ଜାରକା ଶାନ୍ତିବଜାରରେ ସିଆର୍‌ସିସି ସେକ ସମସୁଦ୍ଦିନଙ୍କ ନେତୃତ୍ୱରେ ଧର୍ମଶାଳା ଶିକ୍ଷକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦୀର୍ଘ ଦିନହେବ ସେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମଧ ଶିକ୍ଷା ଦାନ କରିଆସୁଥିଲେ। ୨ ଦିନ ପୂର୍ବରୁ ଦେହ ଅଧିକ ଅସୁସ୍ଥ ହେବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ମଳିକଙ୍କ ମରଶରୀରରକୁ ଏକ ଶୋଭାଯାତ୍ରରେ ଗ୍ରାମ ପରିକ୍ରମା କରାଇ ପୁରୀ ସ୍ଥିତ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁଅ ଆଶିଷ ମଳିକ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବହୁ ଲୋକ ଶୋକବ୍ୟକ୍ତ କରିଛନ୍ତି।

## ଘର ଭିତରେ ବାଇକ୍ ଜାଳିଦେଲେ



ମଙ୍ଗୁଳା,୧୬।୧୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ନରୋତ୍ତମ ସାହୁଙ୍କ ଦୁଇଟି ବାଇକ୍ ଗତକାଲି ବିଳମ୍ବିତ ରାତ୍ରିରେ ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ ଗତକାଲି ରାତ୍ରିରେ ଥଣ୍ଡା ଅତ୍ୟାଧିକ ଲାଗୁଥିଲା। ଖାଇ ସାରିବା ପରେ ସପରିବାର ଶୋଇଥିଲେ। ଘରର ପୋଟିକୋରେ ଗୋଟିଏ ବାଇକ ଓ ଗୋଟିଏ ସ୍କୁଟି ଥିଲା। ଗତକାଲି ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଏହି ଦୁଇଟି ଗାଡିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଥିବା ଅନୁମାନ କରୁଛନ୍ତି। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ ସ୍କୁଲରେ କ୍ରୀଡ଼ା ଉଦ୍‌ଘାଟିତ



କୟାଁଗୋଲା,୧୬।୧୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ସଂଲଗ୍ନ ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲରେ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସୁରଥ ଭୂୟାଁଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁରର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକର ଏବିଡିଓ ତ୍ରିଲୋଚନ ସେଠୀ, କେନ୍ଦ୍ରାପଡାର ଏକ୍ସ ଡିଏସଏସଓ ପ୍ରଭାସ ଦାସ, ଚାନ୍ଦବାଲିର ଏକ୍ସ ଏଫଓ ଶଶିକାନ୍ତ ନାୟକ, ଦଶରଥପୁରର ବିଆର୍‌ସିସି ଅଶୋକ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ୩ ଦିନ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କ୍ରୀଡ଼ା ବିଭାଗରେ ଛାତ୍ରଛାତ୍ରୀ ଭାଗ ନେଇ ନିଜର ପାରଦର୍ଶିତା ଦେଖେଇବେ ବୋଲି କହିଛନ୍ତି ସ୍କୁଲର ପ୍ରିନ୍ସପାଲ ଅଞ୍ଜନା ଜେନା। ପ୍ରଥମ ଦିନରେ ଅନୁଷ୍ଠିତ କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନରେ ଶିକ୍ଷୟିତ୍ରୀ ବିଶ୍ୱରୂପା ଦାସ, ପ୍ରଭାସିନୀ ନାୟକ, ଶୁଭଶ୍ରୀ ବେହେରା, ପ୍ରତୀକ୍ଷା ସାମଲ, ଶିକ୍ଷକ ରମେଶ ଜେନା, ରଜତ ଦଳାଇ, ରାଜକିଶୋର ସାହୁ, ପ୍ରଦୀପ ନାୟକ, ଚକ୍ରଧର ବିଶ୍ୱାଳଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଟ୍ରକ୍ ପଛରେ ଟ୍ରେଲର ଧକ୍କା

ପାଣିକୋଇଲି,୧୬।୧୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ନୂଆ ଟାଟା ମୋଟର ସମ୍ମୁଖରେ ଛିଡା ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ ପଛରେ ଟ୍ରେଲର ଧକ୍କା ଦେବା ଫଳରେ ଟ୍ରେଲର ଚାଳକ ଅଳ୍ପକେ ବର୍ତ୍ତି ଯାଇଛି। ପ୍ରକାଶଯେ ୨୦ ନମ୍ବର ଜାତୀୟ ରାଜପଥରେ ନୂଆ ଟାଟାମୋଟର ଆଗରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ସୋମବାର ରାତ୍ରୀରେ ରାସ୍ତା କଡ଼ରେ ଛିଡା ହୋଇଥିଲା। ବିଳମ୍ବିତ ରାତ୍ରୀରେ ଏକ ଟ୍ରେଲର ପଛରୁ ଆସୁଥିବା ବେଳେ ଏକ କାର୍ ପଛରୁ ପଶି ଆସିବାରୁ ଟ୍ରେଲରଟି ବାମକୁ କାଟି ଦେବାରୁ ଟ୍ରକ ପଛରେ ପିଟି ହୋଇଥିଲା। ଉଭୟ ଗାଡି ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲା। ଘଟଣାସ୍ଥଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବରୁଣେଶ୍ୱର ମେଳା ପାଇଁ ପ୍ରସ୍ତୁତି ବୈଠକ

ବିଞ୍ଝାରପୁର,୧୬।୧୨(ସମିସ): ଆସନ୍ତା ଜାନୁୟାରୀ ୧୪ ତାରିଖ ଠାରୁ ଆରମ୍ଭ ହେବକୁ ଯାଉଛି ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଏହି ମେଳା ଉପଲକ୍ଷେ ଅରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପୂର୍ବାହ୍ନରେ ବରୁଣେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ୨୫ନଂ ଜିଲ୍ଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଅତିରିକ୍ତ ଜିଲ୍ଲା ପକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଖୁଣ୍ଟିଆ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି, ବିଡିଓ ହିତାଂଶୁ ଶେଖର ସାମଲ, ଭାରପ୍ରାପ୍ତ ତହସିଲଦାର ପ୍ରଦିପ୍ତ ସେଠୀ, ଜିଲ୍ଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ ପ୍ରମୁଖ ଯୋଗ ଦେଇ ଆସନ୍ତା ୨୦୨୬ ବରୁଣେଶ୍ୱର ମେଳା କିପରି ସରସ ସୁନ୍ଦର ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଖୁଣ୍ଟିଆ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଆବଶ୍ୟକତା ଅନୁସାରେ ସହଯୋଗ କରିବେ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସେହିପରି ମେଳା ପଡ଼ିଆକୁ ଗମନାଗମନ ପାଇଁ ରାସ୍ତାଘାଟ ମରାମତି, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ମଦ ଓ ମାଦକ ସାମଗ୍ରୀ କାରବାର ସହ ଅସାମାଜିକ କାର୍ଯ୍ୟ ଉପରେ ରୋକ ଓ ଶାନ୍ତି ଶୃଙ୍ଖଳାରେ ମେଳା ସାରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମେଳାକୁ ସଫଳ ନିମିତ୍ତ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଖିଳଚନ୍ଦ୍ର ପକ୍ଷରୁ ଅବସପ୍ରାପ୍ତ ପଧାପକ ପ୍ରଶନ୍ନ ରାଉତ, ଡ. ଶ୍ରୀ ହରି ଧଳ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ସରୋଜ ସାମଲ, ସାମାଜିକ କର୍ମୀ ରବିନ୍ଦ୍ର କୁମାର ପରିଡା, କୈଳାସ ସେଠୀ, ବସନ୍ତ ମିଶ୍ର, ଅରେଇ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ସମିତିସଭ୍ୟା ଲଭଲୀରାଣୀ ନାୟକ, ସମୀର ଜେନା, ସ୍ମୃତୀରଂଜନ ସାହୁ, ବଟକୃଷ୍ଣ ନାୟକ, ବସନ୍ତ ମିଶ୍ର, ପ୍ରଦୀପ ମଲ୍ଲିକ, ଧ୍ରୁବ ଚରଣ ସେଠୀ, ପର୍ଶୁରାମ କବି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।



# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ। ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !

-ୱାରେନ୍ ବଫେଟ୍

ସକାଳ
THE SAKALA

## ଜୀ ରାମ୍ ଜୀ!

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ୨୦୦୫ରେ ପ୍ରଣୀତ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ସଂକ୍ଷେପରେ ମନରେଗା) ଆଇନ୍‌କୁ ରଦ୍ଦ କରି ତା'ବଦଳରେ 'ବିକଶିତ ଭାରତ- ନିଶ୍ଚିତ ରୋଜଗାର ଓ ଆଜୀବିକା ମିଶନ୍(ଗ୍ରାମୀଣ) ଯୋଜନା(ସଂକ୍ଷେପରେ ଭିବି-ଜୀ ରାମ୍ ଜୀ) ଆଇନ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ହେଉଛନ୍ତି। ଏ ସମ୍ପର୍କିତ ବିଧେୟକ ଲୋକସଭାରେ ଉପସ୍ଥାପିତ ହେବା ପରେ ସଂସଦ ଭିତରେ ଓ ବାହାରେ ସ୍ୱାଭାବିକ ଭାବେ ବିରୋଧାଭାସ ସୃଷ୍ଟି ହୋଇଛି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ଯେତିକି ବିବାଦୀୟ ହୋଇଛି, ଯୋଜନାର ମୌଳିକ ଓ ମହତ୍ ଲକ୍ଷ୍ୟ ପରାହତ ହେବ ବୋଲି ତା'ଠାରୁ ଅଧିକ ଅଭିଯୋଗ ହୋଇଛି।

'ମନରେଗା' ଭଳି ଏକ ଯୁଗାନ୍ତକାରୀ ଆଇନକୁ ରଦ୍ଦ କରିବା ପୂର୍ବରୁ ସଂସଦରେ ବିଚାର, ବିମର୍ଶ ଓ ଆଲୋଚନାର ଆବଶ୍ୟତା ଥିଲା। କିନ୍ତୁ ସଂସଦୀୟ ଗଣତନ୍ତ୍ରକୁ ଉପେକ୍ଷା କରି ସରକାର ଏଭଳି ବିଧେୟକ ଉପସ୍ଥାପନ କରିଥିବାରୁ ବିବାଦ ସୃଷ୍ଟି ହେବା ସ୍ୱାଭାବିକ। ଏଥିସହିତ 'ମନରେଗା'ରେ ଥିବା କାମ ମାଗିବାର ଅଧିକାରଟି 'ଜୀ ରାମ୍ ଜୀ'ରେ ଶ୍ରମଜୀବୀମାନେ ହରାଇବେ ବୋଲି ଅଭିଯୋଗ ହୋଇଛି। '୨୦୪୭ ରେ ବିକଶିତ ଭାରତର ପରିକଳ୍ପନା'ଦୃଷ୍ଟିରେ ରଖି 'ଜୀ ରାମ୍ ଜୀ'ରେ କାର୍ଯ୍ୟଦିବସକୁ ୧୨୫ ଦିନକୁ ବୃଦ୍ଧି କରାଯାଇଥିଲେ ହେଁ ଗ୍ୟାରେଣ୍ଟି ବା ନିଶ୍ଚିତତା ହରାଇଛି। ବିଧି ବିଶାରଦଙ୍କ ବିଶ୍ଳେଷଣ ଅନୁଯାୟୀ, ବିଧେୟକରେ ଥିବା ଉପବିଭାଗ ୪(୫) ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଯେଉଁ କାମ ବାଣ୍ଟିବେ ସେଥିରୁ ରାଜ୍ୟମାନେ ଶ୍ରମଜୀବୀଙ୍କୁ କାର୍ଯ୍ୟଦିବସ ଯୋଗାଇ ଦେବେ। ଅର୍ଥାତ୍ ଯଦି କାମ ନାହିଁ ତେବେ ଶ୍ରମ ଓ ରୋଜଗାର ମଧ୍ୟ ନାହିଁ। ସେହିପରି ପ୍ରଚଳିତ 'ମନରେଗା'ରେ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବା ବେଳେ 'ଜୀ ରାମ୍ ଜୀ'ରେ କେନ୍ଦ୍ର ୬୦ ଭାଗ ଓ ରାଜ୍ୟମାନେ ୪୦ ଭାଗ ଅର୍ଥ ବହନ କରିବେ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ଏହି ଅନୁପାତ ୯୦:୧୦ ରହିବ। ଏହାଦ୍ୱାରା ରାଜ୍ୟମାନଙ୍କ ଆର୍ଥିକ ବୋଝ ବଢ଼ିବ ଏବଂ ଶ୍ରମଜୀବୀମାନଙ୍କ ବିରୋଧର ପ୍ରତ୍ୟକ୍ଷ ସମ୍ମୁଖୀନ ରାଜ୍ୟ ସରକାରମାନଙ୍କୁ ହେବାକୁ ପଡ଼ିବ।

ଯଦି ସଠିକ୍ ଭାବେ ପାଣ୍ଠିର ଆବଣ୍ଟନ କରାଯାଇଥା'ନ୍ତା ତେବେ 'ମନରେଗା' ହିଁ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣକୁ ୨୬% ପର୍ଯ୍ୟନ୍ତ ହ୍ରାସ ଏବଂ ରୋଜଗାରକୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିଥା'ନ୍ତା ବୋଲି ୨୦୨୩ରେ ତିନି ଅର୍ଥନୀତିଜ୍ଞ କେ ମୁରଲୀଧରନ୍, ପଲ୍ ଏନ୍ ଓ ସନ୍ଦୀପ ଏସ୍ ଙ୍କ ଏକ ସନ୍ଦର୍ଭରେ ପ୍ରକାଶ ପାଇଥିଲା। ଗତ ପାଞ୍ଚ ବର୍ଷ ଭିତରେ ପାଣ୍ଠି ଅଭାବରୁ 'ମନରେଗା' କାର୍ଯ୍ୟଦିବସ ହାରାହାରି ୫୫କୁ ହ୍ରାସ ପାଇଛି। ତେଣୁ ଯୋଜନା ରୂପାୟନରେ ଥିବା ତ୍ରୁଟିକୁ ନ ସୁଧାରି ଯୋଜନା ଉଚ୍ଛେଦ କେତେ ଯଥାର୍ଥ ତାହା ବିଚାରସାପେକ୍ଷ। ସେହିପରି 'ଜୀ ରାମ୍ ଜୀ'ରେ ଅଣକୁଶଳୀ ଶ୍ରମିକମାନଙ୍କ କାର୍ଯ୍ୟ, ତଦାରଖ, ପାରିଶ୍ରମିକ ପ୍ରଦାନ ଆଦି ସବୁକିଛି ଡିଜିଟାଲ୍‌ରେ ବା ଏଆଇ ଦ୍ୱାରା ପରିଚାଳିତ ହେବ। 'ନରେଗା'ରେ ହେଉଥିବା ଶ୍ରମଚୋରି ବା ଜାଲ୍ ଜବ୍‌କାର୍ଡ ଅଭିଯୋଗ ଡିଜିଟାଲ୍ ପ୍ରକ୍ରିୟାରେ ହ୍ରାସ ପାଇବ ନିଶ୍ଚୟ, କିନ୍ତୁ ନିରକ୍ଷର ବା ଅଳ୍ପଶିକ୍ଷିତ ଶ୍ରମଜୀବୀମାନେ ପ୍ରଭାବିତ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

'ଜୀ ରାମ୍ ଜୀ' କେତେ ପ୍ରଜାବତ୍ସଳ ଓ ମଙ୍ଗଳଦାୟକ ହେବ ତାହା ରୂପାୟନ ପରେ ହିଁ ଜଣାପଡ଼ିବ। କିନ୍ତୁ ଅଯଥା ଦଳୀୟ କନ୍ଦଳରେ ମହତ୍ ଯୋଜନା ବଳି ପଡ଼ିବାର ଧାରା ଜାରି ରହେ ବା କେବଳ ପରିବର୍ତ୍ତନ ପାଇଁ ପରିବର୍ତ୍ତନ ହୁଏ ତେବେ ସାଧାରଣ ଖଟିଖିଆ ଜନତାଙ୍କୁ କେବଳ 'ରାମ ଜୀ' ଭରସା। ●

## ବିଷ ବଳୟରେ ଦିଲ୍ଲୀ

ରାଜଧାନୀ ଦିଲ୍ଲୀ ଅଞ୍ଚଳ ପ୍ରଦୂଷଣର ବିଷ ବଳୟର ପଞ୍ଝାକୁ ଚାଲିଯିବା ନୂଆ ନୁହେଁ। ଗତ କିଛି ବର୍ଷ ହେଲା ଦୀପାବଳୀ ପରଠାରୁ ଶୀତ ଦିନ ସରିବା ପର୍ଯ୍ୟନ୍ତ ଏଭଳି ଘଟଣାର ପୁନରାବୃତ୍ତି ଘଟିଚାଲିଛି। ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂସଦରେ ମଧ୍ୟ ଆଲୋଚନା ହୋଇଛି। କିନ୍ତୁ ସରକାରୀ ଉଦାସୀନତା କାରଣରୁ ଏହାର ଦୀର୍ଘସ୍ଥାୟୀ ସମାଧାନ ହୋଇପାରୁନାହିଁ। ବିଶ୍ୱରେ ଦିଲ୍ଲୀ ଏକମାତ୍ର ଜନଗହଳି ଓ ଯାନବାହନ ପୂର୍ଣ୍ଣ ସହର ନୁହେଁ। ବିଶ୍ୱର ଅନ୍ୟ ପ୍ରଦୂଷିତ ସହରମାନେ ନିରନ୍ତର ଓ ଆନ୍ତରିକ ଉଦ୍ୟମ ବଳରେ ଯେପରି ପ୍ରଦୂଷଣ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ କରିପାରିଛନ୍ତି ତାହା ଦିଲ୍ଲୀ ସରକାରଙ୍କଠାରେ ଅଭାବ ରହିଛି, ଏହା ସ୍ୱୀକାର କରିବାକୁ ପଡ଼ିବ।

ଏବେ ତ ଦିଲ୍ଲୀ ଦିନରେ ମଧ୍ୟ ସନ୍ଧ୍ୟାର ଭ୍ରମ ସୃଷ୍ଟି କରୁଛି। କେତେକ ସ୍ଥାନରେ ବାୟୁର ମାନ ଏକ୍ୟୁଆଇ ୫୦୦(ଅତି ସାଂଘାତିକ ସ୍ତର) ପାର କରିଯାଇଛି। ୨୫୦ରୁ ଅଧିକ ବିମାନ ଚଳାଚଳ ବାତିଲ୍ କରାଯାଇଛି। ପ୍ରତିକାର ସ୍ୱରୂପ ସ୍କୁଲ୍ ପିଲାମାନଙ୍କୁ ଘରେ ରହି ପାଠ ପଢ଼ିବା ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏହା କେବଳ ଏକ ତାଳିପକା ଉଦ୍ୟମ ବୋଲି କୁହାଯାଇପାରେ। ମାତ୍ରାଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର, ଅପରିଣାମଦର୍ଶୀ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଆଦିର ପରାଭବ କ'ଣ ହୋଇପାରେ ତାହା ଗତ କିଛିବର୍ଷ ଧରି ଦିଲ୍ଲୀବାସୀ ଭୋଗୁଛନ୍ତି ଏବଂ ସାରା ଦୁନିଆବାସୀ ଦେଖୁଛନ୍ତି। କେବଳ ପଡ଼ୋଶୀ ରାଜ୍ୟର ନଡ଼ା ପୋଡ଼ିକୁ ଦାୟୀ କଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ବାରଣ ସତ୍ତ୍ୱେ ଏଥର ଦୀପାବଳୀରେ ମଧ୍ୟ ମନଇଚ୍ଛା ବାଣ ଫୁଟିଲା। ଅଦାଲତ ସହିତ ପୁଲିସ୍ ପ୍ରଶାସନ ଦେଖାଣାହାରୀ ସାଜିଲା। ପୁରୁଣା ଗାଡ଼ିର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଏ ପର୍ଯ୍ୟନ୍ତ ଲାଗିପାରୁନାହିଁ। ଏ କାମଟି ଯାହାର ସେ ନିଦାବିଷ୍ଣୁ ସାଜିବାରୁ ବିଚରା ଦିଲ୍ଲୀବାସୀ ଏବଂ ବିଶେଷକରି ଶ୍ୱାସରୋଗୀ ଓ ଶିଶୁମାନେ ପରାଭବ ଭୋଗୁଛନ୍ତି।

ନିଜେ ସଚେତନ ଓ ଆତ୍ମସଂଯମ ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟାରୁ ମୁକ୍ତି ନାହିଁ। ତେବେ ସରକାରଙ୍କ ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ତାହାର ଅନୁପାଳନ ନିହାତି ଆବଶ୍ୟକ। ଅନ୍ତତଃପକ୍ଷେ ସ୍ୱାଧୀନ ଓ ସମସ୍ୟାମୁକ୍ତ ଜୀବନ ଜିଇଁବାର ଯେଉଁ ଅଧିକାରଟି ସମ୍ବିଧାନ ଆମକୁ ଦେଇଛି ତାହା ଯେପରି ନିଶ୍ଚିତ ହୁଏ ସେ ଉତ୍ତରଦାୟିତ୍ୱ ସରକାର ନିହାତି ନେବା ଆବଶ୍ୟକ। ●

# ଘରୋଇକରଣର ପରାଭବ

ଡ.ବିମଳ ଷଡ଼ଙ୍ଗୀ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ର ନୂଆ ନିୟମ ଅନୁସାରେ ପାଇଲଟ ଓ ବିମାନ କର୍ମଚାରୀଙ୍କ ପାଇଁ ନୂତନ କାର୍ଯ୍ୟ ନିର୍ଘଣ୍ଟ ଓ ବିଶ୍ରାମ ନିୟମ ଲାଗୁ ହୋଇଛି। ଇଣ୍ଡିଗୋ ଭଳି ଘରୋଇ କମ୍ପାନୀମାନେ ଅଧିକ ଲାଭ ଆଶାରେ ଅଳ୍ପସଂଖ୍ୟକ ପାଇଲଟ ଓ କର୍ମଚାରୀଙ୍କ ମାଧ୍ୟମରେ ସେବା ଜାରି ରଖିଛନ୍ତି। ଇଣ୍ଡିଗୋ ଦିନରେ ୨୨୦୦ରୁ ଅଧିକ ବିମାନ ଚଳାଚଳ କରିଥାଏ। ନୂଆ ନିୟମ ଲାଗୁ ହେବା ପରେ ତା' ପାଖରେ ଆବଶ୍ୟକ ସଂଖ୍ୟକ ପାଇଲଟ ଓ କର୍ମଚାରୀ ଉପଲବ୍ଧ ନ ଥିବାରୁ ବହୁସଂଖ୍ୟକ ବିମାନକୁ ବାତିଲ କରାଗଲା। ଏୟାର ଇଣ୍ଡିଆର ବିମାନସେବା ନିୟମ ହିସାବରେ ପାଇଲଟ ଓ କର୍ମଚାରୀ ସଠିକ ଦରମାରେ ନିୟମ ମୁତାବକ କାର୍ଯ୍ୟ କରୁଥିଲେ। ଯାହାଫଳରେ ତା'ର ବିମାନ ସେବା ସବୁଠାରୁ ଅଧିକ ବ୍ୟୟସାପେକ୍ଷ ଥିଲା। ଅଳ୍ପସଂଖ୍ୟକ ଯାତ୍ରୀ ସେଥିରେ ଯାତାୟାତ କରୁଥିବାରୁ ସଂସ୍ଥା କ୍ଷତିରେ ଚାଲୁଥିଲା। ଅପରପକ୍ଷରେ ଅଳ୍ପସଂଖ୍ୟକ କର୍ମଚାରୀ ଓ ସ୍ୱଳ୍ପ ବେତନରେ ଘରୋଇ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ଏୟାର ଇଣ୍ଡିଆଠାରୁ ସାମାନ୍ୟ କମ ଦରରେ ଯାତ୍ରୀ ପରିବହନ କରି ଅଧିକ ଲାଭବାନ ହେଉଥିଲେ। ଏହାର ପ୍ରଧାନ କାରଣ ସମସ୍ତ ନିୟମ କେବଳ ସରକାରୀ ସଂସ୍ଥାଗୁଡ଼ିକରେ କଠୋର ଭାବରେ ପାଳନ କରାଯାଇ ଘରୋଇ କପାନୀଗୁଡ଼ିକୁ କୋହଳ ନୀତି ଦ୍ୱାରା ଲାଭବାନ କରାଯାଉଥିଲା। ତେଣୁ ଯେଉଁ ଘରୋଇ କମ୍ପାନୀଗୁଡ଼ିକ ବର୍ଷ ବର୍ଷ ଧରି ଲାଭର ସ୍ୱାଦ ଚାଖିଆସିଛନ୍ତି। ସେମାନଙ୍କୁ ହଠାତ କଠୋର ନିୟମ ଦ୍ୱାରା ବାନ୍ଧିରଖିବା ଏତେ ସହଜ ନୁହେଁ।

ଇତିମଧ୍ୟରେ ଡିଜିସିଏ ଇଣ୍ଡିଗୋକୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ ବିମାନ ଉଡ଼ାଣ ସଂଖ୍ୟା ୫% ପର୍ଯ୍ୟନ୍ତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍‌ସହିତ ବିମାନ ଚଳାଚଳ ସୂଚୀ ପୁନଃ ନିର୍ଦ୍ଧାରଣ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟ ଦେଇଛନ୍ତି। ମାତ୍ର ଇଣ୍ଡିଗୋ କମ୍ପାନୀ ଚତୁରତାର ସହିତ ଫେବୃଆରୀ ୨୦୨୬ ପୂର୍ବରୁ ବିମାନ ଚଳାଚଳ ସଂପୂର୍ଣ୍ଣ ସ୍ୱାଭାବିକ କରିବାକୁ ପ୍ରସ୍ତାବ ଦେଇଛି। କାରଣ ଯାତ୍ରୀମାନଙ୍କର ଯେତେ କ୍ଷତି ହେବ ସେତେ ଜନଅସନ୍ତୋଷ ବଢ଼ିବ ଏବଂ ସରକାର ବାଧ ହୋଇ ସମସ୍ତ ଘରୋଇ କମ୍ପାନୀ ପାଇଁ ନିୟମ କୋହଳ କରିବାକୁ ବାଧ ହେବେ।ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବର୍ତ୍ତମାନ ସମୟରେ ଘରୋଇ କମ୍ପାନୀଗୁଡ଼ିକର ବେନିୟମ କାର୍ଯ୍ୟକୁ ସରକାର ଚାହିଁଲେ ବି ବଦଳାଇ ପାରିବେ ନାହିଁ।

ବିମାନ ଚଳାଚଳର ଅନୁରୂପ ଦୟନୀୟ ପରିସ୍ଥିତି ଦେଇ ଗତି କରୁଛି ଆମ ଶିକ୍ଷା ବ୍ୟବସ୍ଥା। ତଥ୍ୟ ଆଧାରରେ ଭାରତରେ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ସରକାରୀକରଣ କରିବା ପାଇଁ ଜିଡିପିର ୬% ଆବଶ୍ୟକ ସ୍ଥଳେ ବଜେଟରେ ଶିକ୍ଷା ପାଇଁ ମାତ୍ର ୨ରୁ ୩ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଶିକ୍ଷାକୁ ସଂପୂର୍ଣ୍ଣ ଭାବରେ ସରକାରୀ ସ୍ତରରେ ପରିଚାଳନା କରିବାକୁ ବ୍ୟବସ୍ଥାଗତ ପରିବର୍ତ୍ତନ ଆବଶ୍ୟକ। ଯଦି ସରକାର ବର୍ତ୍ତମାନ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସମସ୍ତ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସରକାରୀ କରନ୍ତି, ତେବେ ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନେ ବିଦ୍ରୋହ କରିବେ। ତତ୍‌ସହିତ ଅନୁଷ୍ଠାନଗୁଡ଼ିକରେ ଆର୍ଥିକ ସ୍ତରର କ୍ଷମାତାଶାଳୀ ବ୍ୟକ୍ତିମାନଙ୍କର ପିଲାମାନେ ନିଜକୁ ଅସୁରକ୍ଷିତ ମନେ କରି ବିଦ୍ରୋହକୁ ସହାୟତା କରିବେ। ତେଣୁ ଗୋଟିଏ ବୃହତ କ୍ଷମତାଶୀଳ ଗୋଷ୍ଠୀ ସରକାର ବିରୁଦ୍ଧରେ ବିଦ୍ରୋହ କରିବେ, ଯାହାକୁ କୌଣସି ସରକାର ସାମ୍ନା କରିବାକୁ ଅସମର୍ଥ।

ଯେପରି ବିମାନ ଚଳାଚଳର ପରିଚାଳନା ଓ ନିୟନ୍ତ୍ରଣ ଆଦି ସରକାରଙ୍କ ଅଧୀନକୁ ଆସିଲେ ଘରୋଇ କମ୍ପାନୀଙ୍କ ବିଦ୍ରୋହକୁ ସରକାର ମୁକାବିଲା କରିବାକୁ ଅସମର୍ଥ, ସେହିପରି ଶିକ୍ଷା ବିଭାଗରେ କୌଣସି ପରିବର୍ତ୍ତନ କଲେ ସରକାରଙ୍କୁ ଧନିକ ଶ୍ରେଣୀକୁ ସାମ୍ନା କରିବାକୁ ପଡ଼ିବ। ସେଥିପାଇଁ ଶିକ୍ଷା ବ୍ୟବସ୍ଥାରେ ସେବା ପ୍ରଦାନକାରୀ ପରିବର୍ତ୍ତେ ସରକାରଙ୍କ ଭୂମିକା କେବଳ ନିୟାମକ ପ୍ରାଧିକରଣରେ ସୀମିତ ରହିଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଗମନାଗମନ ଭଳି ଆଜି ଏକ ବୃହତ ବେପାର ହୋଇ ସେବାରୁ ବହୁ ଦୂରରେ।

ଏକବିଂଶ ଶତାବ୍ଦୀର ଭାରତରେ ସବୁଠୁ ବଡ଼ ବିଡ଼ମ୍ବନା ହେଉଛି ଏହା ଏପରି ଏକ ଦେଶ, ଯେଉଁଠାରେ 'ଶିକ୍ଷା' କୁ 'ଅଧିକାର' ବଦଳରେ 'ବ୍ୟବସାୟ' ଦୃଷ୍ଟିରେ ଦେଖାଯାଏ। କେବଳ ଶିକ୍ଷା ନୁହେଁ ନାଗରିକ ପାଇଁ ଆବଶ୍ୟକ ପ୍ରାୟ ସମସ୍ତ ଅଧିକାର ଧୀରେ ଧୀରେ ବ୍ୟବସାୟରେ ପରିଣତ ହୋଇଚାଲିଛି। ବିମାନ ସେବାର ଘରୋଇକରଣ ପରେ ଯାତ୍ରୀ ସେବା ଭଳି ଶିକ୍ଷାର ଅତିରିକ୍ତ ଘରୋଇକରଣରୁ ଶିକ୍ଷା ଉପରେ ଜନତା ସେମାନଙ୍କର ଅଧିକାର ହରାଇଛନ୍ତି। ଆମ ଦେଶର ଶିକ୍ଷା ପ୍ରଣାଳୀରେ ଆଜି 'ଶିକ୍ଷା' ଆଉ 'ସଂସ୍କାର' ସୃଷ୍ଟି କରୁନାହିଁ। କେବଳ ଟଙ୍କା ରୋଜଗାରର 'ବଜାର' ସୃଷ୍ଟି କରୁଛି।

ପ୍ରତ୍ୟେକ ଶିଶୁକୁ ଶିକ୍ଷା ବାଧ୍ୟତାମୂଳକ। କିନ୍ତୁ ପ୍ରଶ୍ନ ହେଲା, କେଉଁ ପ୍ରକାର ଶିକ୍ଷା ବାଧ୍ୟତାମୂଳକ? ତା'ର ସଂଜ୍ଞା କ'ଣ? ତାହା ସମସ୍ତଙ୍କୁ ଅଜଣା। ଗ୍ରାମ ଓ ସହର ସବୁଠାରେ ଅନେକ ସରକାରୀ ସ୍କୁଲ୍‌ରେ ଶିକ୍ଷକ କିମ୍ବା ଶ୍ରେଣୀଗୃହର ଅଭାବ ରହିଛି। ଶିକ୍ଷାଦାନର ଗୁଣବତ୍ତା କମି ଚାଲିଛି। ଏଣୁ ଅଭିଭାବକମାନେ ଘରୋଇ ବିଦ୍ୟାଳୟର ଚାକଚକ୍ୟ ଠାଣିରେ ଆକର୍ଷିତ ହୋଇ ସେଠାରେ ପାଠପଢ଼ା ଭଲ ବା ମନ୍ଦ ହେଉ, ଆଖି ବୁଜି ସେମାନଙ୍କ ପିଲାମାନଙ୍କୁ ନାମ ଲେଖାଉଛନ୍ତି। ପରେ ଘରୋଇ ବିଦ୍ୟାଳୟମାନଙ୍କ ଜାଲରେ ପଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି। ଆଜିର ପରିସ୍ଥିତି ଏପରି ହୋଇଛି ଯଦି ଆମେ ନିଜ ପିଲାକୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଇବା ନାହିଁ ତେବେ, ସମସ୍ତ ହିତୈଷୀ ଉପଦେଶ ଦେବା ଆରମ୍ଭ କରିବେ। ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇ ନିଜ ପିଲାର ଭବିଷ୍ୟତ ନଷ୍ଟ କରୁଛ ବୋଲି କହିବେ। 'ତିନି ତୁଣ୍ଡରେ ଛେଳି କୁକୁର ପରି' ବାଧହୋଇ ଦିଗହରା ଅବସ୍ଥାରେ ତା'କୁ ଗ୍ରହଣ କରିବାକୁ ପଡ଼େ।

ଯେଉଁ ଶିକ୍ଷକମାନେ ସରକାରୀ ଅନୁଷ୍ଠାନରେ ଚାକିରି ପାଇ ନଥା'ନ୍ତି ସେମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ବାଧ ହୋଇ କମ ଦରମାରେ ଘରୋଇ ଅନୁଷ୍ଠାନରେ ଚାକିରି କରନ୍ତି ଏବଂ ପିଲାମାନଙ୍କୁ ଘରୋଇ ଟିଉସନ ପାଇଁ ବାଧ କରନ୍ତି। ଯାହା ଫଳରେ ପଥଭ୍ରଷ୍ଟ ଅଭିଭାବକଟି ପ୍ରଥମେ ଅଧିକ ପଢ଼ା ଖର୍ଚ୍ଚରେ ଘରୋଇ ଅନୁଷ୍ଠାନରେ ନାମ ଲେଖାଏ। ତା' ସହିତ ବାର୍ଷିକ ଦେୟ, ବିକାଶ ଦେୟ, ସ୍କୁଲ ୟୁନିଫର୍ମ ଦେୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଦେୟ, ପୁସ୍ତକ ଓ ଖାତା ପାଇଁ ଦେୟ ଆଦି ଦେଇ ଦେଇ ସର୍ବସ୍ୱାନ୍ତ ହୋଇପଡ଼ନ୍ତି। ସୁବିଧା ନାମରେ ଶୋଷଣ ସେଠାରେ ପ୍ରାଥମିକତା ପାଇଥାଏ।

ବିଡ଼ମ୍ବନା ହେଉଛି ଏହି ଚିତ୍ର ସରକାରଙ୍କୁ ଦେଖାଯାଇ ନ ଥାଏ। ଯଦିବା କେହି କେବେ ଦେଖନ୍ତି ପରମୁହୂର୍ତ୍ତରେ ଘରୋଇ ଅନୁଷ୍ଠାନର ଚାପରେ ନିଜର ଦାୟିତ୍ୱବୋଧତାକୁ ଭୁଲିଯା'ନ୍ତି। ଯଦି ସରକାର ଅଧିକ ଦେୟ ଉପରେ ଅଙ୍କୁଶ ଲଗାଇବେ ଘରୋଇ ବିଦ୍ୟାଳୟଗୁଡିକ ସଫେଇ ଦେବେ ଆମେ ଶିକ୍ଷାରେ ସରକାରଙ୍କଠାରୁ ଅଧିକ ଗୁଣବତ୍ତା ଦେଉଛୁ। ତେଣୁ କଟକଣା ଆମ ପାଇଁ ଅନ୍ୟାୟ। ସେହିପରି ଅଭିଭାବକମାନେ ନିଜର ପିଲାମାନଙ୍କର ଶିକ୍ଷାରେ ବ୍ୟାଘାତ ହେବାକୁ ଭୟ କରନ୍ତି। କାରଣ ସେମାନେ ଭାବନ୍ତି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହେଲେ ସେମାନଙ୍କ ପିଲାମାନେ ଅମଣିଷ ହୋଇଯିବେ। ଏହା ହିଁ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ନିର୍ଭରଶୀଳତା।

ଏହି ନିର୍ଭରଶୀଳତାର ପଥ ଗରିବଙ୍କୁ ଶିକ୍ଷା ଗ୍ରହଣରୁ ଦୂରେଇ ନେଇଛି, ମଧ୍ୟବିତ୍ତବର୍ଗଙ୍କୁ ଋଣରେ ବୁଡ଼ିବାକୁ ବାଧ କରିଛି ଏବଂ ଧନିକ ଶ୍ରେଣୀ ପାଇଁ ଶିକ୍ଷାକୁ 'ସୁବିଧା' ଭାବରେ କିଣିବାର ସୁଯୋଗ ଦେଇଛି। ଶିକ୍ଷା ଯଦି ବ୍ୟବସାୟ ହୋଇଯାଏ, ତା' ହେଲେ ଜ୍ଞାନଲାଭ ଶୂନ୍ୟ ହୋଇଯାଏ। ବିଦ୍ୟାର୍ଥୀ ପ୍ରତିଷ୍ଠାନର ଉତ୍ପାଦ ହୋଇଯାଏ ଏବଂ ସମାଜ ଅସନ୍ତୁଳିତ ହୋଇଯାଏ। ଧୀରେ ଧୀରେ ସରକାରୀ ସ୍କୁଲ୍, କଲେଜଗୁଡ଼ିକ ଉତ୍ତମ ମାନର ହୋଇପାରିଲେ ଘରୋଇ ଅନୁଷ୍ଠାନଗୁଡ଼ିକ ଶିକ୍ଷାକୁ ଅତ୍ୟଧିକ ନିୟନ୍ତ୍ରଣକୁ ନେଇପାରିବେ ନାହିଁ। ଶିକ୍ଷାର ଘରୋଇକରଣ ସ୍ୱରୂପ ଯଦି ବଦଳା ନ ଯାଏ ତା'ହେଲେ ଇଣ୍ଡିଗୋ ବିମାନର ବେପରୁଆ କାର୍ଯ୍ୟ ଯୋଗୁଁ ଯାତ୍ରୀ ଦୁର୍ଦ୍ଦଶା ଭୋଗିଲା ପରି ଆଗାମୀ ପିଢ଼ି ଶିକ୍ଷାରେ ମଧ୍ୟ 'ଲାଭ ଜଗତର ଦାସ' ହୋଇଯିବେ। 'ଶିକ୍ଷା ଅଧିକାର'କୁ ସୁନିଶ୍ଚିତ କରିବା ଲାଗି ତେଣୁ ଜନତାଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ବୃଦ୍ଧି ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ପରିଚୟର ଅନୁସନ୍ଧାନ

ମୋଜାଫର ଖାଁ

ଜୀବନର ପ୍ରତିଟି ମୁହୂର୍ତ୍ତରେ ମଣିଷ ଖୋଜେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ଏକ ଅସ୍ତିତ୍ୱ, ଯାହା କେବଳ ତା'ର ନାମକୁ ଅନ୍ୟମାନଙ୍କ ନିକଟରେ ସମ୍ମାନର ସହିତ ସୃଷ୍ଟି କରିବ। ଆମ ସଭିଙ୍କ ଭିତରେ ଏମିତି କିଛି ମଣିଷ ଥା'ନ୍ତି ଯେଉଁମାନେ କେବଳ ନିଜ ପାଇଁ ନୁହେଁ, ବରଂ ଅନ୍ୟର ହୃଦୟରେ ସମ୍ମାନର ଏକ ସ୍ଥାନ ସୃଷ୍ଟି କରିବା ପାଇଁ ଅହରହ ଲଢ଼େଇ କରୁଥା'ନ୍ତି। ସେମାନେ ଏକ 'ନାମ' ଓ ଏକ 'ପରିଚୟ' ଖୋଜୁଥା'ନ୍ତି, ଯାହାକି ସମାଜର ଭିଡ଼ରେ କେବଳ ସେମାନଙ୍କୁ ନୁହେଁ ବରଂ ସେମାନଙ୍କୁ ଗଢ଼ିଥିବା ପିତାମାତାଙ୍କୁ ମୁଣ୍ଡ ଟେକି ବଞ୍ଚିବାର ଗର୍ବ ଦେଇପାରିବ। ସେମାନଙ୍କ ଭିତରେ ଆମେ ସମସ୍ତେ ଅନ୍ତର୍ଭୁକ୍ତ।

ଏହା ଏକ ବ୍ୟକ୍ତିଗତ ଅଭିଳାଷ ନୁହେଁ। ଏହା ହେଉଛି ହୃଦୟରୁ ଆସୁଥିବା ଏକ ସମ୍ମାନର ଅନୁକ୍ରମ, ଅଳିଭା ଭକ୍ତି ଓ ପ୍ରେମର ଋଣ। କିନ୍ତୁ ଆମ ସଭିଙ୍କ ପାଇଁ ଏହି ଯାତ୍ରାଟି ଏତେ ସହଜସାଧ୍ୟ ହୋଇ ନ ଥାଏ। ପ୍ରତ୍ୟେକ ମଣିଷ ଭିତରେ ଲୁଚି ରହିଥାଏ ଏକ ଅଲିଖିତ କାହାଣୀ। ଯେଉଁମାନେ ସ୍ୱ-ପରିଚୟ ପାଇଁ ସଂଘର୍ଷ କରନ୍ତି, ସେମାନଙ୍କ ପାଇଁ ଜୀବନ ହେଉଛି ଏକ ଅନ୍ଧାର ରାସ୍ତା, ଯେଉଁଠାରେ ସେମାନେ ନିଜ ହାତରେ ନିଜ ଭାଗ୍ୟର ଦୀପ ଆଲୋକମୟ କରିବା ପାଇଁ ଚେଷ୍ଟା କରୁଥା'ନ୍ତି। ସେମାନେ ପ୍ରଶ୍ନ କରନ୍ତି - 'ମୁଁ କିଏ?' କିନ୍ତୁ ସେମାନଙ୍କର ଉତ୍ତର ତାଙ୍କ ସଫଳତାରେ ଲୁଚି ରହିଥାଏ। ତାଙ୍କ କାନ୍ଧରେ ଥାଏ ପିତାମାତାଙ୍କ ଅନେକ ତ୍ୟାଗର ବୋଝ। ଏହି ବୋଝ ଖାଲି ଓଜନ ନୁହେଁ, ଏହା ହେଉଛି ଏକ ପବିତ୍ର ଅଙ୍ଗୀକାର। ଜୀବନରେ ଆମେ ସମସ୍ତେ ଚାହୁଁ କି ଯେତେବେଳେ ସମାଜରେ କେହି ଆମ ପିତାମାତାଙ୍କୁ ପଚାରିବେ, 'ଆପଣ କାହାର ବାପା/ମା'?', ସେତେବେଳେ ସେମାନେ ନିଜ ପୁଅ/ଝିଅର ନାମ କହିବା ବେଳେ ଯେଉଁ ସନ୍ତୋଷ ଓ ଗର୍ବ ଅନୁଭବ କରିବେ, ତାହା ହିଁ ଆମମାନଙ୍କ ସଂଘର୍ଷର ଶ୍ରେଷ୍ଠ ପୁରସ୍କାର। ଅଭିଳାଷୀ ବ୍ୟକ୍ତି ମୁଖରେ ହସ ଥିଲେ ମଧ୍ୟ ଭିତରେ ଥାଏ ନିଜକୁ ପ୍ରମାଣିତ କରିବାର ନିରବ ଯନ୍ତ୍ରଣା। ପ୍ରତ୍ୟେକ ବିଫଳତା ମଣିଷକୁ ଭାଙ୍ଗିଦିଏ। କିନ୍ତୁ ପର ମୁହୂର୍ତ୍ତରେ ପୁଣି ଛିଡ଼ା କରାଇଦିଏ ସେହି ଉତ୍କଣ୍ଠା। କାରଣ ସେମାନଙ୍କ ଆଖିରେ ଥାଏ କେବଳ ଗୋଟିଏ ସ୍ୱପ୍ନ: ଜନକ-ଜନନୀଙ୍କ ମୁହଁରେ ଗର୍ବର ଚମକ।

ଶିକ୍ଷାର୍ଥୀ ପାଇଁ ଶିକ୍ଷାନୁଷ୍ଠାନର ପ୍ରତିଯୋଗିତାପୂର୍ଣ୍ଣ ପରିସର ହେଉ କିମ୍ବା ଲୋକଙ୍କ କର୍ମକ୍ଷେତ୍ରର ନିରସ ପରିବେଶ ଅବା ବୃହତ୍ତର ସମାଜର ଜଟିଳଚକ୍ର, ସବୁଠାରେ ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିବାକୁ ପଡ଼େ। ଏହା ଏକ ବୃତ୍ତିଗତ ସଂଘର୍ଷ ନୁହେଁ, ବରଂ ଏହା ହେଉଛି ଆତ୍ମ-ସମ୍ମାନ ପାଇଁ ଏକ ହୃଦୟବିଦାରକ ଯୁଦ୍ଧ। ଯେଉଁମାନେ ସବୁବେଳେ ପରିଚୟ ପାଇଁ ଲଢୁଥା'ନ୍ତି, ସେମାନଙ୍କ ହୃଦୟରେ ଏକ ଗଭୀର ଆଶା ଏବଂ ଆକାଂକ୍ଷା ଥାଏ। ସେମାନେ ଅନୁଭବ କରନ୍ତି ଯେ ଯେପର୍ଯ୍ୟନ୍ତ ସମାଜରେ ସେମାନଙ୍କର ଏକ ବଳିଷ୍ଠ 'ନାମ' ନାହିଁ, ସେପର୍ଯ୍ୟନ୍ତ ସେମାନେ 'ସମ୍ମାନ'ର ଯୋଗ୍ୟ ନୁହନ୍ତି। ସମ୍ମାନ ଏଠାରେ କେବଳ ଏକ ଶବ୍ଦ ନୁହେଁ, ଏହା ହେଉଛି ଅନ୍ୟମାନଙ୍କ ଦ୍ୱାରା ନିଜର ମୂଲ୍ୟକୁ ସ୍ୱୀକୃତି ଦେବା। ଏହା ହେଉଛି ଅନ୍ୟମାନଙ୍କଠାରୁ ମିଳୁଥିବା ସେହି ମହତ୍ତ୍ୱପୂର୍ଣ୍ଣ ସ୍ଥାନ, ଯାହା ମନୁଷ୍ୟକୁ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ।

ପରିଚୟହୀନତାର କଷ୍ଟ ଏତେ ଯନ୍ତ୍ରଣାଦାୟକ ଯେ, ଏହା ମନୁଷ୍ୟକୁ ଭିତରୁ ଭାଙ୍ଗିଦିଏ। କିନ୍ତୁ ଏହି ପରିଚୟ ସୃଷ୍ଟି କରିବା କ'ଣ ନିହାତି ଜରୁରୀ? କ'ଣ ଯଦି ଆମର ଏକ ବିଖ୍ୟାତ ପରିଚୟ ନାହିଁ ତ କେହି ସମ୍ମାନ କରିବେ ନାହିଁ? ଜୀବନ ଏକ ଯୁଦ୍ଧ। ଏଥିରେ ଅନେକ ସମୟରେ ପରିସ୍ଥିତି ଆଗପଛ ହୋଇ ସଂଘର୍ଷ ଉତ୍ପନ୍ନ କରେ। ଆମର ହୃଦୟକୁ ଭାଙ୍ଗି ଚୁରମାର କରିଦିଏ। କିନ୍ତୁ ସମସ୍ୟାପୂର୍ଣ୍ଣ ଜୀବନରେ ହାର ନ ମାନି ଆମକୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ। ସମାଜର ମାନ୍ୟତାକୁ ଅପେକ୍ଷା କରିବା ପରିବର୍ତ୍ତେ ନିଜର ପରିଚୟକୁ ନିଜେ ସୃଷ୍ଟି କରିବାକୁ ହେବ। ଆମମାନଙ୍କ କାମ, ଚେଷ୍ଟା, ଇଚ୍ଛାଶକ୍ତି, ନିଷ୍ଠା ଓ ଅବଦାନ ହେଉଛି ଆମମାନଙ୍କର ପରିଚୟ ପତ୍ର।

ଏହି ପ୍ରକ୍ରିୟାଟି ଖୁବ୍ ଯନ୍ତ୍ରଣାଦାୟକ ଓ କଷ୍ଟକର ହୋଇପାରେ। କିନ୍ତୁ ଏହାର ଫଳାଫଳ ଅତ୍ୟନ୍ତ ମଧୁର ଓ ଗୌରବମୟ। ଯେତେବେଳେ ଜଣେ ବ୍ୟକ୍ତି ନିଜର ପ୍ରତିଭା ଓ ପରିଶ୍ରମ ବଳରେ ସମାଜରେ ନିଜର ସ୍ଥାନ ସୃଷ୍ଟି କରେ, ସେତେବେଳେ ତାଙ୍କୁ ମିଳୁଥିବା ସମ୍ମାନ କେବଳ ଏକ ଉପହାର ନୁହେଁ। ଏହା ହେଉଛି ଆତ୍ମ-ବିଶ୍ୱାସର ଏକ ବିଜୟ ଗାଥା। ଏହି ସଂଘର୍ଷର ସର୍ବୋତ୍ତମ ଉଦାହରଣ ହେଉଛନ୍ତି ଡଃ ଏ.ପି.ଜେ. ଅବଦୁଲ କଲାମ। ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା କଲାମ ପ୍ରାରମ୍ଭିକ ଶିକ୍ଷାନୁଷ୍ଠାନରେ କୌଣସି ବଡ଼ ନାମ କିମ୍ବା ପ୍ରଭାବ ନେଇ ଆସି ନ ଥିଲେ। ସେ ଥିଲେ ଜଣେ ନିରବ ଏବଂ ପରିଶ୍ରମୀ ଛାତ୍ର, ଯିଏ କେବଳ ନିଜ ଜ୍ଞାନ ଓ ସ୍ୱପ୍ନ ଉପରେ ବିଶ୍ୱାସ କରୁଥିଲେ। ତାଙ୍କୁ ଲୋକେ ସହଜରେ ଚିହ୍ନି ନ ଥିଲେ; କିନ୍ତୁ ସେ ନିଜର ସମସ୍ତ ଶକ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ସମର୍ପି ଦେଲେ। ତାଙ୍କର ଏହି ନିରନ୍ତର ସାଧନା ଫଳରେ ସେ ଭାରତ ପାଇଁ ଅନେକ ସଫଳତା ଆଣିଲେ। ତାଙ୍କର କାମ ହିଁ ତାଙ୍କର ପରିଚୟ ସୃଷ୍ଟି କଲା। ସେହିଦିନ ଠାରୁ ସେ ଆଉ କେବଳ ଜଣେ ବ୍ୟକ୍ତି ନ ଥିଲେ। ସେ ହୋଇଗଲେ 'ଭାରତର ମିଶାଇଲ୍ ମ୍ୟାନ୍'।

କୌଣସି ଜଣେ ବ୍ୟକ୍ତି 'ନାମ' ଦ୍ୱାରା ସମ୍ମାନ ପାଇ ନାହାନ୍ତି, ବରଂ ନିଜର କର୍ମ ଓ ସିଦ୍ଧି ବଳରେ 'ସମ୍ମାନ' ସୃଷ୍ଟି କରିଛନ୍ତି ଏବଂ ଏକ ମହାନ ପରିଚୟର ଅଧିକାରୀ ହୋଇଛନ୍ତି। ସଂଘର୍ଷ ହେଉଛି ସେହି ନିଆଁ, ଯାହା ସାଧାରଣ ମଣିଷକୁ ସୁନା ପରି ଉଜ୍ଜ୍ୱଳ କରିଥାଏ। ସଂଘର୍ଷ ଜୀବନର ଚଲାପଥରେ ଅନେକ ଉଠାଣି, ଗଡ଼ାଣିକୁ ଅତିକ୍ରମ କରିବାକୁ ପଡ଼ିବ। ଅନେକ ଲୋକଙ୍କ ଅନେକ ଥଟ୍ଟା ପରିହାସକୁ ଶୁଣି ଅଣଦେଖା କରି ଆଖିର ଲୁହକୁ ଓଠେ ପିଇ କେତେକେତେ ରାତି ଅନିଦ୍ରାରେ କାଟି କଠିନ ପରିଶ୍ରମର ଫଳ ନିଶ୍ଚୟ ମିଳିବ। କଠିନ ପରିଶ୍ରମ କେବେହେଲେ ବିଫଳ ହୁଏନି। ବିଳମ୍ବରେ ହେଉ ପଛେ ସଫଳତା ନିଶ୍ଚୟ ମିଳିଥାଏ। ସଂଘର୍ଷ ଓ ସମସ୍ୟାକୁ ଅତିକ୍ରମ କରି ପରିଚୟ ନିଶ୍ଚୟ ସୃଷ୍ଟି ହେବ। ●

ତରିକୁନ୍ଦ(ଜଗତସିଂହପୁର)
ମୋ: ୬୩୭୦୦୦୧୫୭୦

# ଗୋପାଳ ବଲ୍ଲଭ ମଠ ଓ ବଣଭୋଜି ବେଶ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ଷୋଡ଼ଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଏବଂ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ପୃଷ୍ଠପୋଷକତାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଧିକରୁ ଅଧିକ ଗୋପାଳକୃଷ୍ଣ ସ୍ୱରୂପରେ ଉପସ୍ଥାପିତ ହେଲେ। ଶ୍ରୀମନ୍ଦିରରେ ଅନେକ କୃଷ୍ଣକୈନ୍ଦ୍ରିକ ବେଶ ପ୍ରଚଳନ ଏବଂ ପର୍ବପର୍ବାଣି ପାଳନ କରି ପୂର୍ଣ୍ଣାବତାର ଶ୍ରୀକୃଷ୍ଣ ନୀଳାଚଳରେ ଦାରୁବ୍ରହ୍ମ ରୂପେ ଆରାଧିତ ହେଉଛନ୍ତି ବୋଲି ପ୍ରଚାର କରାଗଲା। ଏ ବାର୍ତ୍ତା ଭାରତର କୋଣଅନୁକୋଣରେ ପହଞ୍ଚିଲା।

ଦାକ୍ଷିଣାତ୍ୟର ନାଗାର୍ଜୁନ କୋଣ୍ଡାରେ ଗୋପାଳଭଟ୍ଟ ନାମକ ଜଣେ ସିଦ୍ଧ ସନ୍ନ୍ୟାସୀ ବାଳଗୋପାଳଙ୍କୁ ଇଷ୍ଟ ରୂପେ ଆରାଧନା କରୁଥିଲେ। ସେ ଏହା ଶୁଣିବା ପରେ କୃଷ୍ଣ-ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗରୁଡ଼ଙ୍କ ପଛରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଚିନ୍ତା କରିବାକୁ ଲାଗିଲେ- 'ରତ୍ନବେଦୀରେ ବିରାଜିତ ଅଧାଗଢ଼ା ଦାରୁମୂର୍ତ୍ତି କ'ଣ କେବେ ମୋର ସୌମ୍ୟକାନ୍ତ କୋଟିଜନମନଲୋଭା କନ୍ଦର୍ପ ରୂପ ଜିଣା ଗୋପୀଜନବଲ୍ଲଭ ଶ୍ରୀକୃଷ୍ଣ ହୋଇପାରନ୍ତି? କାହିଁ ଗଲା ତାଙ୍କର ସୁଲଳିତ ପଦଯୁଗଳ ଓ ସୁକୋମଳ କରପଲ୍ଲବ? କାହିଁ ଗଲା ତାଙ୍କର ଶିଖୀପୁଚ୍ଛ ଶୋଭିତ କିରୀଟ ଓ ରଙ୍ଗ ଅଧରର ମୋହନବଂଶୀ? ଚକା ଚକା ଆଖି ଉପରେ ଭ୍ରୂଲତା ନାହିଁ। କାନ ନାହିଁ; କିନ୍ତୁ ସମସ୍ତଙ୍କ ଗୁହାରି ଶୁଣୁଛନ୍ତି ବୋଲି ବିଶ୍ୱାସ କରାଯାଉଛି। ଯେଉଁ ବିଗ୍ରହ ସ୍ୱୟଂଅସମ୍ପୂର୍ଣ୍ଣ ସେ କ'ଣ ପରିପୂର୍ଣ୍ଣତମ ଅବତାର ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରିପାରନ୍ତି! ସିଦ୍ଧସାଧକ ବୈଷ୍ଣବମାନେ ଏପରି ଏକ ମାରାତ୍ମକ ଭ୍ରମର ବଶବର୍ତ୍ତୀ ହେଲେ କିପରି?' ନିରାଶା ତାଙ୍କୁ ବ୍ୟଥିତ କଲା। ସେ କ୍ଷେତ୍ର ତ୍ୟାଗ କରି ଫେରି ଯିବାପାଇଁ ନିଷ୍ପତ୍ତି ନେଇ ସେଦିନ ନରେନ୍ଦ୍ର ସରୋବର ନିକଟରେ ରାତ୍ରିଯାପନ କଲେ।

ତାଙ୍କର ଆଖି ଟିକିଏ ଲାଗି ଯାଇଥିଲା। ହଠାତ୍ ତୁଳସୀ ଓ ଦୟଣାର ସୁଗନ୍ଧରେ ଗୋପାଳ ଆଖି ଖୋଲିଲେ। ତାଙ୍କ ସାମନାରେ ବାଳଗୋପାଳ ସ୍ୱୟଂ ଆବିର୍ଭାବ ହୋଇଥିଲେ। ସତେଯେମିତି ମାଆ ଯଶୋଦା ଯତ୍ନର ସହ ଗେହ୍ଲାକହ୍ନେଇକୁ ଅତ୍ୟନ୍ତ ସୁନ୍ଦରଭାବେ ସଜେଇ ଦେଇଥିଲେ। ବାଳଗୋପାଳ ତାଙ୍କର ଶିଶୁସୁଲଭ କଣ୍ଠରେ କହିଲେ, 'ଗୋପାଳ! ମୋର ପରମଭକ୍ତ ହୋଇ ମଧ୍ୟ ତୁମେ ମୋର ମୂଳ ସ୍ୱରୂପ ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କୁ ଚିହ୍ନିପାରିଲ ନାହିଁ। ଜଗନ୍ନାଥ ଅବତାରୀ। ନୃସିଂହ, ବାମନ, ପର୍ଶୁରାମ, ରାମ, ବୁଦ୍ଧ ଓ ମୁଁ ସ୍ୱୟଂ ତାଙ୍କର ଗୋଟିଏ ଗୋଟିଏ ସ୍ୱରୂପ। ତୁମେ ଯେଉଁ ସ୍ୱରୂପରେ ଚାହଁ, ତାଙ୍କୁ ସେହି ସ୍ୱରୂପରେ ଦର୍ଶନ କରିପାରିବ। ତେଣୁ ଶ୍ରୀକ୍ଷେତ୍ର ନିତ୍ୟବୈକୁଣ୍ଠ, ନିତ୍ୟଗୋଲକ, ନିତ୍ୟବୃନ୍ଦାବନ ଓ ନିତ୍ୟଅଯୋଧ୍ୟା ରୂପେ ଖ୍ୟାତି ଲାଭ କରିଛି। ତୁମେ ଆଉ ଥରେ ଯାଅ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତୁମେ ମୋତେ ଦର୍ଶନ କରିବ।'

ବାଳଗୋପାଳ ଅନ୍ତର୍ଦ୍ଧାନ ହୋଇଗଲେ। ଗୋପାଳ ଉଠିପଡ଼ି ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ଆଶ୍ଚର୍ଯ୍ୟର କଥା, ରାତିର ସେ ସମୟରେ ମଧ୍ୟ ମନ୍ଦିରର ସମସ୍ତ ଦ୍ୱାର ଖୋଲାଥିଲା। ବିନା ବାଧାରେ ଗର୍ଭଗୃହରେ ପ୍ରବେଶ କରି ଦେଖିଲେ, କୃଷ୍ଣ ଓ ବଳରାମ ବାଳକରୂପରେ ରତ୍ନବେଦୀ ଉପରେ ଦଣ୍ଡାୟମାନ ହୋଇଥିଲେ। ବଳରାମଙ୍କ ହାତରେ ହଳମୂଷଳ ଏବଂ ଶ୍ରୀକୃଷ୍ଣ ହାତରେ ମୋହନବଂଶୀ ଶୋଭା ପାଉଥିଲା। ଦୁଇଭାଇଙ୍କ କାନ୍ଧରେ ଥିଲା ଦୁଧଲହୁଣୀର ଭାର। ଯମୁନାର ନୀଳ ଜଳରାଶି କୁଳୁକୁଳୁ ଶବ୍ଦ କରି ବହି ଯାଉଥିଲା। ଗାଈପଲ ନଦୀକୂଳର ସବୁଜ ଘାସରେ ଚରୁଥିଲେ। ସେ ଦିନ ଥିଲା ଭାଦ୍ର କୃଷ୍ଣ ଦଶମୀ। ସେହି ଦିନଠାରୁ ମହାପ୍ରଭୁ ଯେଉଁ ସ୍ୱରୂପରେ ଗୋପାଳଙ୍କୁ ଦର୍ଶନ ଦେଇଥିଲେ, ସେହି ତିଥିରେ ମହାପ୍ରଭୁ ସେହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶକୁ ମହାପ୍ରଭୁଙ୍କର 'ବଣଭୋଜି ବେଶ' କୁହାଯାଏ। ଦୁଇଭାଇ ମୁଣ୍ଡରେ ଠେକା ଭିଡ଼ି ବଣର କିଆଫୁଲ ଖୋସିଥା'ନ୍ତି। ହାତରେ ଗାଈଚରା ବାଡ଼ି ଧରି ଥା'ନ୍ତି। ଭୋଜିପାଇଁ ଖୁଆପେଡ଼ାର ମାଳ ପିନ୍ଧି ରୁପା ପିଙ୍ଗଣରେ ଦୁଧସରର ଭାର କାନ୍ଧରେ ବହନ କରିଥା'ନ୍ତି। ଗାଈମାନେ ଯମୁନା କୂଳରେ ଚରୁ ଥା'ନ୍ତି।

ଏହାପରେ ଗୋପାଳ ଭଟ୍ଟ କ୍ଷେତ୍ରବାସୀ ହୋଇ ରହିଗଲେ। ସେ ଯେଉଁସ୍ଥାନରେ ବାଳଗୋପାଳଙ୍କର ସାକ୍ଷାତ୍ ଦର୍ଶନ କରିଥିଲେ, ସେଠାରେ ଏକ ଆଶ୍ରମ ନିର୍ମାଣ କରି ମହାପ୍ରଭୁଙ୍କର ଆରାଧନା କଲେ। କାଳକ୍ରମେ ସେ ଆଶ୍ରମ 'ଗୋପାଳ ବଲ୍ଲଭ ମଠ' ନାମରେ ନାମିତ ହେଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଦାନ୍ତ ବୁଧିଆ ଘାଇଲା

- ଡାହାଣ ଗୋଡ଼ରେ ବାଜିଛି ଗୁଳି
- ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି କରିଥିଲା
- ରାଜ୍ୟ ଓ ରାଜ୍ୟ ବାହାରେ ଅଛି ଏକାଧିକ ଅପରାଧିକ ମାମଲା

ଭଦ୍ରକ,୧୬।୧୨(ସମିସ): ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ମାଲଗୋଦାମ ନିକଟରେ ମଙ୍ଗଳବାର ସକାଳେ ହୋଇଛି ଏନ୍‌କାଉଣ୍ଟର। ଦୁର୍ଦ୍ଦାନ୍ତ ଅପରାଧୀ ବୁଧିଆ ଓରଫ କମଳାକାନ୍ତ ଦାସକୁ ଏନ୍‌କାଉଣ୍ଟର କରିଛି ଭଦ୍ରକ ଟାଉନ୍ ପୁଲିସ। ଭଦ୍ରକ ଟାଉନ୍ ଥାନାଧିକାରୀ ପ୍ରଶାଂଶୁ ଶେଖର ମିଶ୍ର ଏହି ଏନ୍‌କାଉଣ୍ଟର କରିଥିବା ଜଣାଯାଇଛି। ତେବେ ବୁଧିଆ ଜଣେ ପେସାଦାର ଅପରାଧୀ। ବହୁ ଅପରାଧରେ ଜଡ଼ିତ ଥିବା ନେଇ ସୂଚନା ଦେଇଛନ୍ତି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ। ବୁଧିଆର ଡାହାଣ ଗୋଡ଼ରେ ଗୁଳି ବାଜିଛି। ପୁଲିସ ତାକୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ପୁଲିସ ସୂଚନାନୁଯାୟୀ, ବୁଧିଆ ଭଦ୍ରକରେ ମଙ୍ଗଳବାର ଏକ ସୁନା ଦୋକାନ ଲୁଟ କରିବାକୁ ଯୋଜନା କରୁଥିବା ନେଇ ପୁଲିସ ଆଗୁଆ ଖବର ପାଇଥିଲା। ଏହି ଡକାୟତି ଲାଗି ଚରମ୍ପା ଅଞ୍ଚଳରେ ଏକ ନମ୍ବର ବିହୀନ କଳା ପଲ୍‌ସରରେ ସେ ଯାଉଥିବାବେଳେ ପୁଲିସ ପିଛା କରିଥିଲା। ଏହି ସମୟରେ ସେ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲା। ପ୍ରତି ଜବାବରେ ପୁଲିସ ଗୁଳି ଚଳାଇବା ଫଳରେ ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଅନ୍ୟପକ୍ଷରେ ବୁଧିଆ ନିକଟରୁ ବ୍ୟବହୃତ ବନ୍ଧୁକକୁ ପୁଲିସ ଜବତ କରିଛି। ଏନ୍‌କାଉଣ୍ଟରର ଶିକାର ବୁଧିଆର ନିଜ ଘର ବାଲେଶ୍ୱର ଜିଲ୍ଲା ସୋର ତୁଡ଼ିଗଡ଼ିଆ ଅଞ୍ଚଳରେ ବୋଲି ପୁଲିସ ସୂଚନା ଦେଇଛି। ବୁଧିଆ ନାମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କଟକ ଜିଲ୍ଲାର ବିଭିନ୍ନ ଥାନାରେ ୨୦ରୁ ଅଧିକ ଲୁଟ୍, ଡକାୟତି, ଗୁଳିକାଣ୍ଡ ଭଳି ଜଘନ୍ୟ ଅପରାଧିକ ମାମଲା ରହିଛି। ଏପରିକି ମୁମ୍ବଇ, ବେଙ୍ଗାଲୁରୁ ଓ ବିହାରରେ ସେ ଡକାୟତି ଗ୍ୟାଙ୍ଗ୍‌ରେ ସକ୍ରିୟ ଥିଲା ବୋଲି କୁହାଯାଉଛି। ବୁଧିଆ ଓରଫ କମଳାକାନ୍ତ ବିବାହିତ ଓ ତା'ର ଏକ ସନ୍ତାନ ଥିବା ଜଣାଯାଇଛି। ସେ ୨ଦିନ ତଳେ ମୂଳିସଂହ ଜେଲ୍‌ରୁ ବାହାରିଥିଲା। ବୁଧିଆର ଜଣେ ଭିଣୋଇ ତା'ର ଏହି ଅପରାଧିକ ମାମଲାରେ ସହଯୋଗ କରୁଛି ବୋଲି ସୂଚନା ମିଳିଛି। ପୁଲିସ ତାକୁ ତଦନ୍ତ ପରିସରକୁ ଆଣିବ ବୋଲି ଏସ୍‌ପି ମନୋଜ ରାଉତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

**ପହଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ଚାର୍ଜସିଟ ଦାଖଲ**

# ସରକାରଙ୍କୁ ପ୍ରଶାନ୍ତଙ୍କ ଭାଇଙ୍କ ନିବେଦନ

ବାଲେଶ୍ୱର,୧୬।୧୨(ସମିସ): ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଏନ୍‌ଆଇଏ ଏକ ଚାର୍ଜସିଟ୍ ଦାଖଲ କରିଛି। ଜମ୍ମୁର ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜସିଟ ଦାଖଲ କରାଯାଇଛି। ଚାର୍ଜସିଟ୍ ଦାଖଲ ହେବା ପରେ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ଦେବା ସହିତ ପୁନର୍ବାର ଏପରି ଘଟଣାର ପୁନରାବୃତ୍ତି ନ ଘଟୁ ବୋଲି ବାଲେଶ୍ୱର ଅଞ୍ଚଳର ମୃତ ପ୍ରଶାନ୍ତ ଶତପଥୀଙ୍କ ଭାଇ ସୁଶାନ୍ତ ଶତପଥୀ ସରକାରଙ୍କୁ ନିବେଦନ କରିଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ ୨୬ ପର୍ଯ୍ୟଟକଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲା ଇଶାଣୀ ଅଞ୍ଚଳର ପ୍ରଶାନ୍ତ ଶତପଥୀ ଥିଲେ। ଏହି ଚାର୍ଜସିଟ୍ ଦାଖଲ ହେବା ପରେ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ଦେବା ସହିତ ପୁନର୍ବାର ଏପରି ଘଟଣାର ଆବୃତ୍ତି ନଘଟୁ ବୋଲି ପ୍ରଶାନ୍ତ ଶତପଥୀଙ୍କ ଭାଇ କହିଛନ୍ତି। ଏନ୍‌ଆଇଏର ଚାର୍ଜସିଟ୍ ଦାଖଲକୁ ନେଇ ମୃତ ପ୍ରଶାନ୍ତ ଶତପଥୀଙ୍କ ବଡ଼ ଭାଇ ସୁଶାନ୍ତ ଶତପଥୀ କହିଛନ୍ତି, ଏପରି ଦୁଃଖଦ ଘଟଣାର କେବେ ପୁନରାବୃତ୍ତି ନ ହେଉ। ମୋ ଭାଇ ବୁଲିବାକୁ ଯାଇଥିବା ବେଳେ ତାଙ୍କ ପୁଅ ଓ ସ୍ତ୍ରୀ ଆଗରେ ଯେଉଁ ବର୍ବର କାଣ୍ଡ ଆତଙ୍କବାଦୀମାନେ ଘଟାଇଲେ, ସେମାନଙ୍କୁ ଦଣ୍ଡ ମିଳୁ। ମୁଁ ଆଶା ରଖି ସରକାରଙ୍କୁ ଗୁହାରି କରିବି ଯେ ଯଥାଶୀଘ୍ର କୋର୍ଟରେ ବିଚାର କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉ। ସରକାର ଏଭଳି କ୍ଷେତ୍ରରେ ଏକ ଆଇନ ପ୍ରଣୟନ କରି ଦୋଷୀ ସାବ୍ୟସ୍ତ ହେବା ପରେ ତୁରନ୍ତ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ।

# ବାଘଛାଲ ଜବତ; ୩ ଗିରଫ



ହରଭଙ୍ଗା, ୧୬ ।୧୨(ସମିସ): ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ଫରେଷ୍ଟ ରେଞ୍ଜର କୋଲୋନୀ ସାହି ଛକ ନିକଟରୁ ବନ ବିଭାଗ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପୁରୁଣାକଟକ ଥାନା ବଦଲାଗ୍ରାମର ଜୟ ନାୟକ(୫୧), ବାରିଙ୍ଗ ଗ୍ରାମର ପ୍ରେମ କୁମାର ଦୀପ(୩୫) ଏବଂ ମାଧପୁର କୋଲୋନୀସାହର ବିଶିକେଶନ କହଁର(୫୦)। ସୋମବାର ବିଳମ୍ବିତ ରାତିରେ ମାଧପୁରସ୍ଥିତ କୋଲୋନୀ ସାହି ଛକ ନିକଟରେ ଜୟ ଏକ ଜରି ବସ୍ତାରେ ଗୋଟିଏ ବାଘଛାଲ ଧରି ଅନ୍ୟ ଦୁଇ ସହଯୋଗୀ ସହ ମିଶି ବିକ୍ରି ପାଇଁ ମସୁଧା ଚଳାଇଥିଲେ। ସୂଚନା ପାଇ ବନ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଏବଂ ମାଧପୁର ବନ ବିଭାଗ ମିଳିତ ଭାବେ ସେଠାରେ ଚଢ଼ଉ କରିଥିଲା। ଏହି ଘଟଣାରେ ମାଧପୁର ଫରେଷ୍ଟ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି ବୋଲି ରେଞ୍ଜ ଅଫିସର୍ ଆଶିକ ଦିଗାଲ ସୂଚନା ଦେଇଛନ୍ତି। ଫରେଷ୍ଟର୍ ଭକ୍ତବତ୍ସଳ ମଲ୍ଲିକ, ବନରକ୍ଷୀ ମଞ୍ଜୁଲତା ସାହୁ, ଗୀତା ଏକ୍କା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

# ବାଲି ମାଫିଆଙ୍କ ଭୂସ୍ୱର୍ଗ ମୟୂରଭଞ୍ଜ

ବାରିପଦା, ୧୬ ।୨(ସମିସ): ବାଲିମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି ମୟୂରଭଞ୍ଜ ଜିଲ୍ଲା। ମାଫିଆମାନେ ନିର୍ଦ୍ୱନ୍ଦ୍ୱରେ ବାଲି ଚାଲାଣ କରୁଥିବା ବେଳେ ସେମାନଙ୍କ ଉପରେ ପ୍ରଶାସନ ରୋକ୍ ଲଗାଇପାରୁନାହିଁ। ଫଳରେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଜିଲ୍ଲାରେ ଦିନରାତି ଖୁଲମଖୁଲା ବାଲିଚାଲାଣ ହେଉଛି। ବାରିପଦା ସହରରେ ଦିନ ଦିପ୍ରହରରେ

- ୩୪ଟି ସ୍ଥାନରୁ ଚାଲିଛି ବେଧଡ଼କ ବାଲି ଉତ୍ତୋଳନ
- ୩ ପୋକଲିନ୍ ଓ ୩ ହାଇୱା ଜବତ
- ମାସକୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର



ପୁଲିସ ଥାନା ସମ୍ମୁଖ ଦେଇ ଟ୍ରାକ୍ଟର ଓ ଟ୍ରକରେ ବାଲି ଚୋରା ଚାଲାଣ ହେଉଛି। ଏହାକୁ ଦେଖି ମଧ୍ୟ ପୁଲିସ ନ ଦେଖିଲା ପରି ହେଉଛି। ଏମିତିକି, ଜିଲ୍ଲା ବାହାରର ବଡ଼ ହାଇୱା ଟ୍ରକ ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣ କରୁଛନ୍ତି। ସ୍ଥାନୀୟ ଜନ ପ୍ରତିନିଧିମାନଙ୍କ ଇଙ୍ଗିତରେ ଚାଲାଣ ହେଉଥିବା ବେଳେ ଯିଏ ବିରୋଧ କରୁଛି ବାଲିମାଫିଆ ତାକୁ ନାଲିଆଖି ଦେଖାଉଛନ୍ତି।

ସାରସକଣା ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣରେଖା ବାଲି ଖାଦାନ ଉପରେ ଖଣି ବିଭାଗ ଚଢ଼ଉ କରି ୩ଟି ପୋକଲିନ୍ ଓ ୩ଟି ହାଇୱା ଜବତ କରିଛି। ଖଣି ଓ ପୁଲିସ ବିଭାଗର ମିଳିତ ଚଢ଼ଉରେ ସୁବର୍ଣ୍ଣରେଖାର ନଦୀର ଝାରପୋଖରିଆ ଥାନା ଅନ୍ତର୍ଗତ ପାଣ୍ଡରା ବାଲିଘାଟ ଉପରେ ଚଢ଼ଉ ହୋଇଥିଲା। ରାତି ସାରା ଅନିଦ୍ରାରେ ଜଗି ରହି ବଡ଼ଧରଣର ମିଳିତ ଚଢ଼ଉ କରି ସ୍ୱତନ୍ତ୍ର ଟିମ ୩ଟି ପୋକଲିନ ଓ ୩ଟି ହାଇୱା ଜବତ କରିଥିଲା। ଘଟଣା ସ୍ଥଳରୁ ଅଭିଯୁକ୍ତ ବାଲି ମାଫିଆ ଓ ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି। ଜିଲ୍ଲାରେ ୩୪ଟି ସ୍ଥାନରେ ବାଲି ଚୋରା ଚାଲାଣ ହେଉଛି ବୋଲି ଖଣି ବିଭାଗ ରାଜସ୍ୱ ବିଭାଗକୁ ସମସ୍ତ ତାଲିକା ଦେବା ସହିତ ସେଗୁଡିକୁ ସରକାରୀ ଭାବେ ନିଲାମ ପ୍ରସ୍ତାବ ଦେଇଛି। ତେବେ ରାଜସ୍ୱ ବିଭାଗ ଏନେଇ ତର୍ଜମା ଆରମ୍ଭ କରିଛି। ଆବଶ୍ୟକ ଖାଦାନଗୁଡ଼ିକୁ ସରକାରୀ ନିୟମ ଅନୁଯାୟୀ ନିଲାମ ପରିସରଭୁକ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମହାନ୍ତି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦରେ ହଙ୍ଗାମା...

ଜି ରାମ ଜି ବିଲ୍ ଗାନ୍ଧୀଙ୍କ ପ୍ରତି ଅପମାନ ଏବଂ କଂଗ୍ରେସ ଏହାର ବିରୋଧ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି।

### ଅଲୋଡ଼ା ରେକର୍ଡ...

ଦେଖିବା ୨୦୨୫ରେ ଆମେରିକୀୟ ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ମୂଲ୍ୟରେ ୧.୬୩% ହ୍ରାସ ଘଟିଥିବାବେଳେ ବାଂଲାଦେଶୀ ଟଙ୍କା ମୂଲ୍ୟରେ ୨.୦୬% ହ୍ରାସ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଟଙ୍କାର ମୂଲ୍ୟ ଚଳିତବର୍ଷ ୫.୩% ହ୍ରାସ ପାଇଛି। ଗତ ମୁଦ୍ରା ନୀତି ସମୀକ୍ଷା(ଏମ୍‌ପିସି) ବୈଠକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଯେ, ଆମେ ଡଲାର ତୁଳନାରେ ଟଙ୍କାର କୌଣସି ସ୍ତର ସ୍ଥିର କରିନାହୁଁ। ଡଲାର ଚାହିଦା ଯୋଗୁଁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଏହା ପୂର୍ବରୁ, ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ ମଧ୍ୟ କହିଥିଲେ ଯେ ସେ ଟଙ୍କାର ବର୍ତ୍ତମାନର ହ୍ରାସକୁ ନେଇ ଚିନ୍ତିତ ନୁହଁନ୍ତି। ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ଦେଶକୁ ଆମଦାନୀ ମହଙ୍ଗା ହୋଇଛି। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ର ଉପରେ ଅନୁଭୂତ ହେଉଛି। ଏଥିଯୋଗୁ ମୁଦ୍ରାସ୍ଫୀତି ବଢ଼ିବାର ଯଥେଷ୍ଟ ସମ୍ଭାବନା ଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

### ୧୩ ଜୀବନ୍ତ...

ଛାଇ ରହିଥିଲା। ଅଚାନକ ଏକ ସ୍ଲିପର ବସ୍ ସାମ୍‌ନାକୁ ଧୂଆଁ ଆସି ଯାଇଥିଲା। ଏହା ଦେଖି ଡ୍ରାଇଭର ବ୍ରେକ ମାରି ବେଗ କମ୍ କରିଥିଲେ। ଏହି ସମୟରେ ପଛରୁ ଆସୁଥିବା ୬ଟି ବସ୍ ଏବଂ ୪ଟି କାର୍ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ଏସି ବସ୍ ଏବଂ କାର୍ ଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସୁଯୋଗ ମିଳି ନ ଥିଲା। ଏହା ଏତେ ଭୟଙ୍କର ଥିଲା ଯେ ବସରୁ କଟି ଯାଇଥିବା ଅଙ୍ଗପ୍ରତ୍ୟଙ୍ଗ ମିଳିଛି। ପୁଲିସ ଏହାକୁ ୧୭ଟି ପଲିଥିନ ବ୍ୟାଗ୍‌ରେ ନେଇ ଯାଇଛି। ଏବେ ଡିଏନଏ ପରୀକ୍ଷା କରି ମୃତକଙ୍କୁ ଚିହ୍ନଟ କରାଯିବ। ଏହି ଦୁର୍ଘଟଣାର ସୂଚନା ପାଇବା ପରେ ଦମକଳ ବାହିନୀ, ୯ଟି ଥାନାର ପୁଲିସ ଏବଂ ଏସ୍‌ଡିଆରଏଫ ଯବାନ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦୀର୍ଘ ୬ ଘଣ୍ଟା ପରିଶ୍ରମ କରିବା ପରେ ଉଦ୍ଧାର ଅଭିଯାନ ଶେଷ ହୋଇଥିଲା। ଦୁର୍ଘଟଣା ଯୋଗୁଁ ୩ କିମି ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହିଥିଲା। ପ୍ରଶାସନ ଏହି ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି।

### ଧରାଛୁଆଁ ବାହାରେ...

ଘଟଣାରେ ନିଜର କ୍ଷୋଭ ରୋକି ପାରିନାହାନ୍ତି। ୧୩ ବର୍ଷ ତଳେ ଘଟିଥିବା ଦିଲ୍ଲୀର ନିର୍ଭୟା ଗଣଦୁଷ୍କର୍ମକୁ ଏହି ଘଟଣା ମନେ ପକାଇ ଦେଇଛି ଓ ଏବେବି କିଛି ପରିବର୍ତ୍ତନ ହୋଇ ନାହିଁ ବୋଲି ମହିଳା ଆଇଏଏସ୍ ଆବୋଲି ଏସ୍ ନରୱାଣେ କହିଛନ୍ତି।

ଧଉଳି ଲଜ୍ଜାକୁ ନେଇ ସାରା ରାଜ୍ୟ ସ୍ତବ୍ଧ। ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ହେଲେ ଏହି ଘଟଣାରେ ମାଷ୍ଟରମାଇଣ୍ଡ ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀକୁ ଧରିବାରେ ପୁଲିସ ସକ୍ଷମ ହୋଇନାହିଁ। ଗଣଦୁଷ୍କର୍ମର ମାଷ୍ଟର ମାଇଣ୍ଡ ଶିଶୁପାଳଗଡ଼ ଅଞ୍ଚଳର ଜୋକର ହାପି ୬ଦିନ ଧରି ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛି। ପୂର୍ବରୁ ଅନେକ ମାମଲାରେ ଜୋକର ହାପି ଜେଲ ଯାଇଛି। ତଣ୍ଟିକଟା ଠାରୁ ଆରମ୍ଭ କରି, ଲୁଟ୍, ଛିନ୍‌ତାଇ, ଜମି କବଜା, ଘରେ ପଶି ଆକ୍ରମଣ କରିବା ଭଳି ୨୦ଟି ମାମଲା ସଙ୍ଗିନ ମାମଲା ଧଉଳି ଏବଂ ଲିଙ୍ଗରାଜ ଥାନାରେ ତା ନାମରେ ରୁଜୁ ହୋଇଛି। କିଛିଦିନ ତଳେ ସେ ଜେଲରୁ ମୁକୁଳିଥିଲା ଓ ଏହାପରେ ଏହି ଘଟଣା ଘଟାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ କମିସନରେଟ୍ ପୁଲିସ ମୌନବ୍ରତ ଅବଲମ୍ବନ କରିଛି। ପୁଲିସ କମିଶନର, ଡିସିପିଙ୍କ ଠାରୁ ଆରମ୍ଭ କରି ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ମୁହଁ ଖୋଲୁ ନାହାନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ଗିରଫଦାରି ସମ୍ପର୍କରେ ତ ନିରବତା ଅବଲମ୍ବନ କରୁଛନ୍ତି, ଅନ୍ୟପକ୍ଷରେ ଗିରଫ ଦୁଇ ଅଭିଯୁକ୍ତଙ୍କ ନାଆ ମୁହଁରେ ଧରୁନାହାନ୍ତି। ପୂର୍ବରୁ ଏଭଳି ଅନେକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କ ନାଆ ସହ ପ୍ରେସ୍ ବିବୃତି ଜାରି କରିଛି। ମାତ୍ର ଏହି ଘଟଣାକୁ ନେଇ ଗତକାଲି ପ୍ରେସ ବିଜ୍ଞପ୍ତିରେ ଗିରଫ ହୋଇଥବା ଦୁଇ ଅଭିଯୁକ୍ତଙ୍କ ନାମ ଲେଖିନାହିଁ ପୁଲିସ। ଅଭିଯୁକ୍ତଙ୍କ ନାମ ସାମ୍ନାକୁ ନ ଆସୁ ବୋଲି ପୁଲିସକୁ କୌଣସି ଆଡୁ ଚାପ ପଡୁଛି ବୋଲି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।ଆଜି ମହିଳା କମିଶନ ସଦସ୍ୟା ଊର୍ମିଳା ମହାପାତ୍ର ଧଉଳି ଥାନା ଏବଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀଙ୍କ ସହ ମାମଲାର ସମ୍ବେଦନଶୀଳତାକୁ ନେଇ ସେ ଆଲୋଚନା କରିଛନ୍ତି। ଏହା ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

### ସୀମା ଟପୁଛି...

ସରକାର ବିଶ୍ୱସନୀୟତା ହରାଉଛି। ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ? ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରି ନ ପାରିବା ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି ବୋଲି ନବୀନ କହିଛନ୍ତି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।


**AFFIDAVIT**
I SUCHITRA PANDA, W/o - PANCHANANA DASH, resident of At - Dash Lane, Power House Colony, Po/Ps - Jeypore, Dist- Koraput, Pin - 76400, Odisha declare by this Affidavit No. 5174 Dated - 15/12/2025, that now onwards I shall be known as **SUCHITRA DASH** For all future purpose.

**AFFIDAVIT**
I JAMI SWATHI, W/o - JAMI SRINIVASA RAO, resident of At - Main Road, Po/Ps/Dist - Malkangiri, Pin - 764045, Odisha declare by this Affidavit No.5221, Dated -16/12/2025, that now onwards I shall be known as **JAMI SWATHI RAO** for all future purposes.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:* 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**FOR SALE**
1 Number of TRACTOR - MAHINDRA 575 DI YOVO, Registration No.- OD-22-X-0365, Model- 2023, ENGINE NO - ZPB5GKF7408, CHASSIS NO - MBNSFALBPPZB01787, For Details, contact –8895995989, 9437355692, Second floor, Plot No-353/2585, Building No-723/1793, At- Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO- 06784-250703"

**AFFIDAVIT**
I,Roshan Ara Begum, W/o-Mirza Shamim Ali Baig, permanent resident of Jagannath Sahi,Idgha Basti near Masjid, PO - Chandini chouk,Dist- Cuttack, Pin - 753002,Odisha, declare by this affidavit No -12012, dated -10.12.2025, that now onwards I shall be known as **ROUSHAN ARA BEGUM** for all future purposes.

**FOR SALE**
We have 2 nos repossessed Mahindra Tractor for sale : (1). MAHINDRA 405 YUVO TECH + ( OD-15Z-6560), (2). MAHINDRA 585 YUVO TECH + ( Un-Registered) in it's as is where is condition. Contact: Sundaram Finance Limited, Sambalpur Branch, Mob no : 9437059593, 9437355617 within 3 days .

**LOST**
ATTENTION ! ATTENTION ! ATTENTION
**LOSS OF HOUSE ALLOTMENT LETTER**
I, Puneet Chhillar, residing at NCC directorate Odisha, Chandrasekharpur. My Home allotment letter cum possession letter for C-702 RKCGHS, Sector-23, Dwarka, Delhi has been lost. If anyone finds, please contact on: 7756976335

**NOTICE**
By virtue of an affidavit sworn before Executive Magistrate, Baripada, Mayurbhanj, dated 12/12/2025, I SK SURAJ , S/o Sekh Azijulla At- Paredpadia Ward No.16, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SEC SURAJ to SK SURAJ. Henceforth, I shall be known as SK SURAJ for all purposes.
Sd/- SK SURAJ

**AFFIDAVIT**
By virtue of an affidavit sworn before notary public Bhubaneswar, dated 09th December – 2025, I Labana Banra residing at-Astakuanr, Po- Astakuanr, Ps-Jashipur, Dist-Mayurbhanja, Odisha, Pin-757034 declare that I have change my name from Masuri Banra Henceforth, I shall be known as **Labana Banra** for all purposes.
Labana Banra

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/25-26/E-Tender/93, ତା.12.12.2025ରିଖ
(1) ଟେଣ୍ଡର ସଂ. etenderhqkur-310-2025, ତା.03.12.2025ରିଖ
**ବିବରଣୀ :** ପୁରୀରେ ନୀଳାଚଳ ରେଷ୍ଟ ହାଉସ୍ ଏବଂ କୋଣାର୍କ ରେଷ୍ଟ ହାଉସ୍‌ର ପ୍ରସ୍ତାବିତ ମରାମତି, ଯେପରିକି ଟାଇଲ୍ ଲଗେଇବା, କବାଟ ଓ ଝରକାଗୁଡ଼ିକୁ ବଦଳାଇବା, ୱାଲ୍ ପ୍ୟାନେଲିଙ୍ଗ୍, କିସମ ବୋର୍ଡ ଲଗେଇବା, ପ୍ଲାଷ୍ଟରିଙ୍ଗ୍ ଇତ୍ୟାଦି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 295.53 ଲକ୍ଷ, EMD : ₹ 2,97,800/-
(2) ଟେଣ୍ଡର ସଂ. etenderEastkur-314-2025, ତା.04.12.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ /I/ କଟକ ପରିସୀମା ଅଧିନସ୍ଥ ପଥ ପାର୍ଶ୍ୱ (Way Side) ଷ୍ଟେସନ ଷ୍ଟାଫ କ୍ୱାର୍ଟର ଏବଂ ସେବା ଭବନଗୁଡ଼ିକର ବିବିଧ କାର୍ଯ୍ୟର ପ୍ରସ୍ତାବିତ ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 250.58 ଲକ୍ଷ, EMD : ₹ 2,75,300/-
(3) ଟେଣ୍ଡର ସଂ. etenderhqkur-304-2025, ତା.03.12.2025ରିଖ
**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନସ୍ଥ ପୁରୀ ସ୍ଥିତ ସ୍କାଉଟ୍ ଏବଂ ଗାଇଡ୍ ବିଲ୍ଡିଙ୍ଗକୁ ବ୍ୟବହାର ଯୋଗ୍ୟ / ବାସୋପଯୋଗୀ ଅବସ୍ଥାକୁ ଆଣିବା ପାଇଁ ତାହାର ମରାମତି ଏବଂ ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 121.99 ଲକ୍ଷ, EMD : ₹ 2,11,000/-
ଶେଷ ହେବା ଅବଧି : 6 (ଛଅ) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 2 ପାଇଁ)
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.12.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାକେରିୟରାଫିକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-908/Q/25-26

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar vide No.124, date-13/10/2025. I, **Mrs. Sabita Das,** Address: At-Lokipur, Salapadiha, Nachuni, Banapur, Gangadharpursasan, Odisha, PIN-752034, declare that I have changed my minor daughter's name from **Ruji Das to Rojalin Das.** Henceforth, she shall be known as **Rojalin Das** for all purposes.
**Sabita Das**

**AFFIDAVIT**
By virtue of an affidavit sworn before Executive Magistrate, Kanas, No-4475, dated-12/12/2025 I, **Smt. Bharati Nayak,** resident of At-Alipada, Po-Adal, Block-Kanas, Ps-Gadisagoda, Dist-Puri, Odisha, Pin-752019 declare that I have changed the name of my son's from **Chandrakanti Nayak to Chandrakanta Nayak.** Henceforth, he shall be known as **Chandrakanta Nayak** for all purposes.
**Bharati Nayak**

**Form No. NCLT 3A**
**Advertisement Detailing Petition**
**[See Rule 35]**
**Company Petition No. 69/CB/2025**
**Notice of Petition/Application**
A petition/application under Section 131 of the Companies Act, 2013, for revision of financial statements of **SURENDRA ESTCON PRIVATE LIMITED (Petitioner)** for the financial year ended 31st March 2024 was presented by the Petitioner on **19th November 2025,** and the said petition is fixed for hearing before Cuttack Bench of the Hon'ble National Company Law Tribunal on **09th January 2026.**
Any person desirous of supporting or opposing the said petition/application should send to the Petitioner's counsel, notice of his intention, signed by him or his advocate, with his name and address, so as to reach the Petitioner's counsel not later than 2 (Two) days before the date fixed for the hearing of the petition/application. Where he seeks to oppose the petition/application, the grounds of opposition or a copy of his affidavit shall be furnished with such notice.
A copy of the petition/application will be furnished by the undersigned to any person requiring the same on payment of the prescribed charges for the same.
Place: Bhubaneswar
Date: 17.12.2025
**Sd/-FCS Gopinath Nayak**
Practicing Company Secretary
(Counsel for the Petitioner)
Plot No.-186, First Floor, District Center, Chandrasekharpur
Bhubaneswar-751016, Odisha

**ଆସେଟ୍ସ କେୟାର୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ ଲିମିଟେଡ୍**
ACRE MAKING ASSETS WORK
ୟୁନିଟ୍ ନଂ -୫୦୨, ସି ୱିଙ୍ଗ, ୱାନ୍ ବିକେସି, ରେଡିଅସ୍ ଡିଭେଲପର୍ସ, ପ୍ଲଟ୍ ନମ୍ବର ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ - ୪୦୦୦୫୧

**ସିକ୍ୟୁରିଟାଇଜେସନ୍ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଅଧିନିୟମର ଧାରା ୫ ର ପ୍ରାବଧାନ ଅନୁଯାୟୀ, ACRE-ARC 'ହସ୍ତାନ୍ତରକାରୀ' ଙ୍କଠାରୁ ଋଣଗ୍ରହିତାଙ୍କ ସମସ୍ତ ଆର୍ଥିକ ସମ୍ପତ୍ତି ଏବଂ ଏହା ସହିତ ଜଡ଼ିତ ପ୍ରତିଭୂତିଗୁଡ଼ିକୁ ଅଧିଗ୍ରହଣ କରିଛି। ଉକ୍ତ ଋଣ ଅଧିଗ୍ରହଣ ବଳରେ, ଆର୍ଥିକ ଦଲିଲ ଏବଂ ପ୍ରତିଭୂତିଗୁଡ଼ିକର ହସ୍ତାନ୍ତର ମାଧ୍ୟମରେ, ACRE-ARC ଜଣେ ଟ୍ରଷ୍ଟି ଭାବରେ କାର୍ଯ୍ୟ କରି ଋଣଗ୍ରହିତାଙ୍କ ବକେୟା ଋଣର ସମସ୍ତ ଅଧିକାର, ସତ୍ତ୍ୱ ଏବଂ ସ୍ୱାର୍ଥ ହାସଲ କରିଛି। ACRE-ARC ବର୍ତ୍ତମାନ ହସ୍ତାନ୍ତରକାରୀଙ୍କ ସ୍ଥାନ ନେଇ ଋଣଗ୍ରହିତାଙ୍କ ପାଇଁ ଏକ 'ସୁରକ୍ଷିତ ପାଉଣାଦାର' ସାଜିଛି ଏବଂ ଋଣ ସୁବିଧା ବାବଦରେ ବକେୟା ଅର୍ଥ ଆଦାୟ କରିବା ସହ ଏଥିପାଇଁ ଥିବା ସୁରକ୍ଷା ସ୍ୱାର୍ଥକୁ କାର୍ଯ୍ୟକାରୀ କରିବା ପାଇଁ ହକଦାର ଅଟେ।

| ଋଣ ଆକାଉଣ୍ଟ ନଂ. | ଏକର ଟ୍ରଷ୍ଟ | ପୋର୍ଟଫୋଲିଓ | ACRE ହସ୍ତାନ୍ତର ତାରିଖ | ଋଣଗ୍ରହୀତା/ ସହ ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ଓ ପରିମାଣ ଧାରା ୧୩(୨) ଅନୁଯାୟୀ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|---|---|
| 5900001743 & 5900001407 | Trust 174 | ପିରାମଲ | ୨୮.୦୩.୨୦୨୫ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ (ଋଣଗ୍ରହୀତା), ଦୁଃଶାସନ ପ୍ରଧାନ (ସହ ଋଣଗ୍ରହୀତା) | ୦୪ ନଭେମ୍ବର ୨୦୨୫ ଏବଂ ୦୪ ନଭେମ୍ବର ୨୦୨୫ ସୁଦ୍ଧା ଟ. ୨୧,୯୪,୯୧୦ | ଜିଲ୍ଲା-ପୁରୀ, ତହସିଲ-ଗୋପ , ଗୋପ ରେଜିଷ୍ଟ୍ରେସନ ଅଫିସ ଏବଂ ଥାନା-ଗୋପ(ଥାନା ନଂ. ୧୨୭), ମୌଜା-ତରାହଣା, ସ୍ଥିତିବାନ, ଖାତା ନଂ. ୨୫୪, ପ୍ଲଟ ନଂ. ୧୭୨ ଏବଂ ମୋଟ କ୍ଷେତ୍ର ଏକର ୦.୧୬୦ ଡିସିମିଲି, କିସମ 'ଘରବାରି' , ଏହାର ଚତୁଃପାର୍ଶ୍ୱସୀମା : ଉତ୍ତର- ବୁଲା ପ୍ରଧାନ, ଦକ୍ଷିଣ- ସୁକାନ୍ତ ପ୍ରଧାନ, ପଶ୍ଚିମ- ଗ୍ରାମ୍ୟ ରାସ୍ତା, ପୂର୍ବ- ସୁକାନ୍ତ ପ୍ରଧାନ ଓ ଟହଲି ପ୍ରଧାନ |

ନୋଟିସ୍‌ର 'ବିକଳ୍ପ ସେବା' (Substituted service) ବା ବିକଳ୍ପ ଜାରି ପାଇଁ ପଦକ୍ଷେପ ନିଆଯାଉଛି। ଉପରୋକ୍ତ ଋଣଗ୍ରହିତା, ସହ-ଋଣଗ୍ରହିତା ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟରମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଅର୍ଥ ପୈଠ କରିବାକୁ ପରାମର୍ଶ ଦିଆଯାଉଛି। ଏଥିରେ ବିଫଳ ହେଲେ, 'ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ, ୨୦୦୨' (SARFAESI Act) ର ପ୍ରାବଧାନ ଅନୁଯାୟୀ ଏହି ନୋଟିସ୍‌ର ୬୦ ଦିନ ଅତିକ୍ରମ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଆପଣଙ୍କୁ ଅବଗତ କରାଯାଉଛି କି, ଉକ୍ତ ନୋଟିସ୍ଟି ଧାରା ୧୩(୧୩) ଅନ୍ତର୍ଗତ ମଧ୍ୟ ଅଟେ, ଯାହା ମାଧ୍ୟମରେ ଋଣଗ୍ରହିତା/ଗ୍ୟାରେଣ୍ଟର/ବନ୍ଧକକାରୀଙ୍କୁ ସୂଚନା ଦିଆଯାଉଛି ଯେ, ଉକ୍ତ ବନ୍ଧକ ରଖାଯାଇଥିବା ସମ୍ପତ୍ତିକୁ ବିକ୍ରୟ, ଲିଜ୍ (ପଟ୍ଟା) କିମ୍ବା ହସ୍ତାନ୍ତର କରାଯାଇପାରିବ ନାହିଁ।

**ତାରିଖ: ୧୭.୧୨.୨୦୨୫**
**ସ୍ଥାନ: ପୁରୀ**
**କ୍ଷମତାପ୍ରାପ୍ତ ଅଧିକାରୀ**
**ଆସେଟ୍ସ କେୟାର୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲି.**

**GANJAM CLUB LTD.**
**BERHAMPUR - 760004, Ph.: 0680 - 2203377**
**TENDER CALL / BID NOTICE**
The Secretary, Ganjam Club Limited, Berhampur invites proposals for technical bid and Financial Bid separately in sealed covers from prospective bidders for Lease-cum/Development /Up gradation, Operation and Maintenance of Ganjam Club Limited, Berhampur for Accommodation of Ganjam Club / and Construction of other properties and advised to carefully study the RFP document.
Before submitting the proposal, in response to the RFP time schedule visit the properties offered in this RFP. Submission of proposal in response to this RFP shall be deemed to have been done after careful study and examination of this document and visiting of the property as per the time schedule given in RFP conditions. The Club- authorities reserve the right to accept or reject any bid without assigning any reason thereof.
The REF document will be available at a Non-Refundable amount of Rs. 10,000/- (Rupees Ten Thousand) only from 20.12.2025 to 27.12.2025.
The bids are to be submitted to the undersigned by Speed Post only on or before 31 .12.2025.
**Secretary Ganjam Club Ltd.**
**Berhampur**

# ନାବାଳିକା ଅସଦାଚରଣ; ବୃଦ୍ଧ ଗିରଫ

**ବ୍ୟାସନଗର, ୧୬।୧୨(ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ପହଙ୍ଗା ପଞ୍ଚାୟତ ଅଧୀନ ପହଙ୍ଗା ଗ୍ରାମରେ ଜନୈକ ନାବାଳିକାକୁ ଅସଦାଚରଣ ମାମଲାରେ ଯାଜପୁରରୋଡ଼ଆଦର୍ଶଥାନାପୁଲିସସମ୍ପୃକ୍ତ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ ଗତ ସୋମବାର ପହଙ୍ଗା ଗ୍ରାମର ଅଚ୍ୟୁତ ସାହୁ(୮୧) ସେହି ଗ୍ରାମର ଜନୈକ ୯ ବର୍ଷର ନାବାଳିକାକୁ ଶାରୀରିକ ଅସଦାଚରଣ କରିବା ନେଇ ସମ୍ପୃକ୍ତ ନାବାଳିକାର ଦାଦା ଯାଜପୁର ରୋଡ୍ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ୭୩୩/୨୫(ପୋକ୍ସୋ ଆଇନ)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ମଙ୍ଗଳବାର ଅଭିଯୁକ୍ତ ଅଚ୍ୟୁତକୁ ପୁଲିସ ଗିରଫ କରିବା ସହିତ ଯାଜପୁର ପୋକ୍ସୋ କୋର୍ଟ ଚାଲାଣ କରିଥିବା ଯାଜପୁର ରୋଡ୍ ଆଦର୍ଶ ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ଅଙ୍ଗନବାଡ଼ି ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ ଘଟଣା

# ଗ୍ରାମବାସୀଙ୍କୁ ମିଛ ମାମଲାରେ ଫସାଇବାକୁ ଉଦ୍ୟମ

**ମଙ୍ଗଳପୁର, ୧୬।୧୨(ସମିସ)**

ଦଶରଥପୁର ତହସିଲ ଖାନନଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଦୁବକଣ ଗ୍ରାମରେ ଏକ ନୂତନ (କୟାଁ-୨) ଅଙ୍ଗନବାଡି ଘର ନିର୍ମାଣ ପାଇଁ ସରକାର ୨୦୧୪ ମସିହାରୁ ଅର୍ଥ ମଞ୍ଜୁର କରିସାରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି ଘର ନିର୍ମାଣ ହୋଇପାରିନାହିଁ। ଅଙ୍ଗନବାଡି ଘର ନିର୍ମାଣ ନହୋଇ ପାରିବା ପଛର କାରଣ ହେଉଛି ଯେଉଁ ଯାଗାରେ ଅଙ୍ଗନବାଡି ଘର ନିର୍ମାଣ କରିବା ପାଇଁ ଦଶରଥପୁର ତହସିଲଦାର ଜାଗା ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିଥିଲେ ଉକ୍ତ ସ୍ଥାନଟିକୁ ସେହି ଗ୍ରାମର ୨ ଭାଇ ସରୋଜ ଯେନା ଓ ଅଜୟ ଯେନା ଜବର ଦଖଲରେ ରଖିଛନ୍ତି। ମାତ୍ର ଇତି ମଧ୍ୟରେ ଦଶରଥପୁର ତହସିଲ ପକ୍ଷରୁ ୩ ଥର ଉକ୍ତ ଜାଗାରୁ ଜବରଦଖଲ ମୁକ୍ତ କରାଯାଇଥିଲେ ମଧ୍ୟ ସେହି ସ୍ଥାନରେ ଜବରଦଖଲ କାରି ଅଙ୍ଗନବାଡି ଘର ନିର୍ମାଣ କରେଇ ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷ ଥର ପାଇଁ ଗତ ଜୁନ୍ ୪ ତାରିଖରେ ଦଶରଥପୁର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକଙ୍କ ଉପସ୍ଥିତିରେ ଉକ୍ତ ସ୍ଥାନରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ୯ତାରିଖ ଦିନ ବ୍ଲକର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମିଶ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ କାର୍ଯ୍ୟ ସ୍ଥଳକୁ ଯାଇଥିବା ବେଳେ ଜବରଦଖଲକାରି ସେଠାରେ କାର୍ଯ୍ୟ କରେଇ ନଦେବା ସହ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ କରିବା ପାଇଁ ପଛେଇ ନଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ଅଭିଯୋଗ ପରେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଜବର ଦଖଲ କାରି ୨ ଭାଇଙ୍କ ଶହ ପରିବାରର ଅନ୍ୟ ୪ ଜଣଙ୍କ ନାମରେ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ବିଡିଓଙ୍କ ଅଭିଯୋଗ ପରେ ମଙ୍ଗଳପୁର ପୁଲିସ ପକ୍ଷରୁ ୬ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ଏହାପରେ ପୁନର୍ବାର ଉଚ୍ଛେଦ ସ୍ଥାନରେ ଜବରଦଖଲକାରୀ ଏକ ପକ୍କା ଚଉଁରା ନିର୍ମାଣ କରି ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ସେହିପରି ତହସିଲ ପକ୍ଷରୁ ମାପ ଚୁପ କରାଯିବା ସମୟରେ ଜବରଦଖଲକାରୀଙ୍କ ଘରଟି ମଧ୍ୟ ସରକାରୀ ଜାଗାରେ ଥିବା ଜଣାପଡ଼ିଥିଲା। ଦଶରଥପୁର ତହସିଲ ପକ୍ଷରୁ ପୁନର୍ବାର ମାପ ଚୁପ କରାଯାଇ ସରକାରୀ ଯାଗାରେ ଥିବା ଘରକୁ ମଧ୍ୟ ଭଙ୍ଗା ଯାଇ ଜବରଦଖଲ ମୁକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ବାଧ୍ୟ ହୋଇ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

ଜବରଦଖଲକାରୀ ୨ ଭାଇ ସରୋଜ ଯେନା କୟାଁଗୋଲା ହାଇସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ଅଜୟ ଯେନା ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଜିଲ୍ଲାପାଳ ଉକ୍ତ ୨ ଭାଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ନେବାରେ ଟାଳଟୁଳ ନିତି ଅବଲମ୍ବନ କରୁଛନ୍ତି ତାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହିପରି ଜବରଦଖଲ କାରି ନିଜକୁ ବଞ୍ଚେଇବାକୁ ଯାଇ ଅଭିଯୋଗ କାରି ଗ୍ରାମବାସୀଙ୍କ ନାମରେ ସ୍ଥାନୀୟ ମଙ୍ଗଳପୁର ଥାନାରେ ମାମଲା ନକରି କୋର୍ଟରେ ମିଛ ମାମଲା କରି ଘଟଣାକୁ ଚପେଇ ଦେବାକୁ ଉଦ୍ୟମ କରିବା ଶହ ଗ୍ରାମବାସୀଙ୍କୁ ପୁନର୍ବାର ମିଛ ମାମଲାରେ ଫସେଇ ଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଜବରଦଖଲକାରିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ କିପରି ଅଙ୍ଗନବାଡି ଘର ନିର୍ମାଣ ହୋଇପାରିବ ସେଥିନେଇ ପଦକ୍ଷପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାମୋଦର ନାୟକ, ମାନସ ଯେନା, ଦେବଦତ୍ତ ନାୟକ, ଦେବବ୍ରତ ନାୟକ, ପ୍ରଭାତ କୁମାର ନାୟକ, ଜୟପ୍ରକାଶ ନାୟକ, ବାବୁରାମ ବାରିକ, ସୁବାସ ମଲ୍ଲିକ, ସୁଶାର ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା





**କବାଟବନ୍ଧ, ୧୬।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା କବାଟବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ୨ ଦିନ ବ୍ୟାପୀ ହେଉଥିବା ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ପ୍ରକାର ଖେଳକୁଦ, ସଙ୍ଗୀତ ଏବଂ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋମବାର ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତାକୁ ବରିଷ୍ଠ ସମାଜସେବୀ କେଶବ କୁମାର ଜେନା ଉଦଘାଟନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଆଚାର୍ଯ୍ୟ ପବିତ୍ର କୁମାର ଭଦ୍ର ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ଆଚାର୍ଯ୍ୟା ସ୍ମିତାଞ୍ଜଳୀ ରଥଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ପ୍ରଧାନ, ଗୋଲାପ ରାଉଳ, ମମତା ମହାନ୍ତି, ଚନ୍ଦ୍ରିକା ସାହୁ, ରୋଜାଲୀନ କାୟସ୍ଥ, ବଳରାମ ପାତ୍ର ପ୍ରମୁଖ ସମସ୍ତ ଗୁରୁଜୀ/ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ଗୁରୁଜୀ ଗିରିଗିରିମା ମହାନ୍ତି ଯୋଗ ପିଲା ମାନଙ୍କୁ ଉତ୍ସାହିତ କରିବା ସହିତ ବହୁ ମୂଲ୍ୟ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ଅନେକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଭକଣ୍ଡରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ପାଣିକୋଇଲି, ୧୬।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଭକଣ୍ଡରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି। ଏହି କ୍ରୀଡ଼ାରେ ୯୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଦୁଇ ଶହ ଓ ଶହେ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗ ଜମ୍ପ, ମ୍ୟୁଜିକ ଚେୟାର ଇତ୍ୟାଦି ଖେଳ କରାଯାଇଥିଲା ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଗୁଣନିଧି ସାହୁ ଏହି କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ହିରାମଣି ବେହେରା ଏହାକୁ ଉଦ୍‌ଯାପନ କରିବା ସହିତ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ବିଜୟ କୁମାର ମହାପାତ୍ର ସରୋଜ କୁମାର ସାହୁ, ଶୁଭମୟ ବେହେରା, ବିଖ୍ୟାତ ବିହାରୀ ମିଶ୍ର ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

# ଓଲାଶୁଣୀ ମନ୍ଦିରକୁ ରାସ୍ତା ଖୋଲିବାକୁ ଦାବି



**ବାଲିଚନ୍ଦ୍ରପୁର, ୧୬।୧୨(ସମିସ):** ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ପାରାଦୀପ ପର୍ଯ୍ୟନ୍ତ ଏହାର ସମ୍ପ୍ରସାରଣ କାର୍ଯ୍ୟ ଏବେ ଚାଲୁ ରହିଛି। ତେବେ ଏହି ରାଜପଥ ପାର୍ଶ୍ୱ ଓଲାଶୁଣୀ ପାହାଡ଼ ପାଦ ଦେଶରେ ପୂଜା ପାଇ ଆସୁଥିବା ମା' ଓଲାଶୁଣୀ ମନ୍ଦିରକୁ ଯାତାୟତ ପାଇଁ କୌଣସି ସୁବିଧା ନଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁ ଏଥିପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ ବୋଲି କୁହାଯାଉଛି। ସୂଚନା ମୁତାବକ କାହିଁ କେଉଁ କାଳରୁ ମା' ଓଲାଶୁଣୀ ଏଠାରେ ପୂଜା ପାଉଛନ୍ତି। ସାରା ରାଜ୍ୟରେ ମା'ଙ୍କର ଶହ ଶହ ସଂଖ୍ୟାର ଭକ୍ତ ଶ୍ରଦ୍ଧାଳୁ ଅଛନ୍ତି। ପ୍ରାୟ ପ୍ରତିଦିନ ମା'ଙ୍କର ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ କାର ଓ ବାଇକ ଯୋଗେ ଏହି ପୀଠକୁ ଆସିଥାନ୍ତି। ହେଲେ ଏହି ରାଜପଥର ଚଣ୍ଡିଖୋଲ ପଟରୁ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ରାଜପଥରୁ ମା'ଙ୍କ ପୀଠକୁ କୌଣସି ବାଟ ନାହିଁ। ଫଳରେ ଶ୍ରଦ୍ଧାଳୁ ମାନେ ବାଧ୍ୟ ହୋଇ ଏଠାରୁ ଦେଢ଼ କିଲୋମିଟର ବ୍ୟାପି ରାସ୍ତା ଦେଇ ପଞ୍ଚୁପାଣ୍ଡବ ଛକ ନିକଟକୁ ଯାଇ ପୁଣି ପଛକୁ ବୁଲି ଏହି ପୀଠକୁ ଆସିବେ। ଏଥିପାଇଁ ବହୁ ସମସ୍ୟା ସୃଷ୍ଟି ହେବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ସୂଚନା ମୁତାବକ ଆଉ ମାତ୍ର ମାସକ ପରେ ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ମେଳା ଏଠାରେ ୧୨ ଦିନ ଧରି ଚାଲିବ। ଜାତୀୟ ରାଜପଥର ଏହି ସ୍ଥାନଟିରେ ଦୈନିକ ଶହ ଶହ ସଂଖ୍ୟାର ଭକ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିବ। ବାମ ପଟରୁ ମା' ଓଲାଶୁଣୀ ପୀଠକୁ ଜାତୀୟ ରାଜପଥରୁ ରାସ୍ତାର ସୁବିଧା ନଥିବାରୁ ବହୁ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ମା' ଙ୍କ ପୀଠକୁ ଯାତାୟତ ପାଇଁ ଏହି ରାଜପଥରେ ଏକ ବାଇପାସ ରାସ୍ତା ନିର୍ମାଣ କରି ଏହି ସମସ୍ୟାର ସମାଧାନ ପାଇଁ ସର୍ବଶ୍ରୀ ଉମେଶ ଚନ୍ଦ୍ର ସାମଲ, ଶ୍ରୀକାନ୍ତ ସାମଲ, ଦିଲ୍ଲୀପ କୁମାର ସାମଲ, ଉମାକାନ୍ତ ପ୍ରଧାନ, ସୁଶାନ୍ତ ପ୍ରଧାନ, ଦେବଦତ୍ତ ସାମଲ ଓ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପାଖରେ ଦାବି ଜଣାଇଛନ୍ତି।

# ସାଇବର ସତର୍କତା ସମ୍ପର୍କିତ କର୍ମଶାଳା

**ଯାଜପୁର, ୧୬।୧୨(ସମିସ):** ଆଜି ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଅଧୀନରେ ସାଇବର ସତର୍କତା ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ପାର୍ବତୀ ସାହୁ, ଝିଅମାନେ ସତର୍କ ଓ ସଚେତନ ରହିବେ ନେଇ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷକ ଭାବେ ପୁଲିସ ସାଇବର ଏକ୍ସପର୍ଟରୁ ଇନ୍ସପେକ୍ଟର ଅଜୟ ସାହୁ ଏବଂ ଆଡଭୋକେଟ ଅଖିଳ ମୋହନ ଦାସ ସାଇବର ଠକାମୀର କିପରି ଶିକାର ନ ହେବେ ଏହାର ଅଧିନିୟମ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁରକ୍ଷା ଅଧିକାରୀ, ପ୍ରୋଗ୍ରାମ ଅଧିକାରୀ, ସବ୍ ଡିଭିଜନାଲ ପିଓ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଆର୍‌କେଏସ୍‌କେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସମସ୍ତ ସିଡିପିଓ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, କିଶୋରୀ ବାଳିକା, ସିଏଚ୍‌ଏଲ୍, ରୁଚିକା ସଂଗଠନ ଡିସି, ଚାଇଲ୍ଡ ରାଇଟ ଆକ୍ଟିଭିଷ୍ଟ, ହବ ଷ୍ଟାଫ୍ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କର୍ମଶାଳାରେ ୪ ଜଣ କିଶୋରୀ ବାଳିକା ଶୁଭଶ୍ରୀ ସୁଭସ୍ମିତା ସେନାପତି, ଲକ୍ଷ୍ମୀପ୍ରିୟା ପୃଷ୍ଟି, ମନୀଷା ମନସ୍ୱିନୀ ଜେନା, ଦିପ୍ତିମୟୀ ଦାସଙ୍କୁ ଅଦ୍ୱିକା କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରାଯାଇଥିଲା। ସୁରକ୍ଷା ଅଧିକାରିଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ମଧୁସଙ୍ଗୀତମ୍‌ର ବାର୍ଷିକ ଉତ୍ସବ




**ଯାଜପୁର, ୧୬।୧୨(ସମିସ):** ଯାଜପୁର ସହରର ସଙ୍ଗୀତ ଶିକ୍ଷାନୁଷ୍ଠାନ ମଧୁସଙ୍ଗୀତମ୍‌ର ଷଷ୍ଠ ବାର୍ଷିକ ଉତ୍ସବ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଟିକୁ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ବିଦୁଷୀ ଅଞ୍ଜନା ନାଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ରାଧାରମଣ ଦାସ, ଗୁରୁ କୌଶିକ ବାନାର୍ଜୀ, ସୁବ୍ରତ ଭଟ୍ଟାଚାର୍ଯ୍ୟ, କୈଳାଶ ଚନ୍ଦ୍ର ଗୋଛାୟାତ, ଗୌରାଙ୍ଗ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ମହାରଣା, ଭରତ ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ଗାରିମାମୟ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ, ଭଜନ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦୁଷୀ ଅଞ୍ଜନା ନାଥ ରାଗ-ରାଗେଶ୍ରୀ ସଙ୍ଗୀତ ଗାନ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ମେଡ଼ାଲ ସହ ଗୁରୁଶିଷ୍ୟ ପରମ୍ପରା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଦୁଷୀ ଅଞ୍ଜନା ନାଥଙ୍କୁ ରତ୍ନପ୍ରଭା ସମ୍ମାନ, ଗୁରୁ କୌଶିକ ବାନାର୍ଜୀ, ଗୁରୁ ସୁବ୍ରତ ଭଟ୍ଟାଚାର୍ଯ୍ୟାଙ୍କୁ ମଧୁସ୍ମୃତି ସମ୍ମାନରେ ସମ୍ମାନିତ କରିବା ସହ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଏବଂ ମର୍ଦ୍ଦଳ ବାଦକ ମାଧବ ଶ୍ରୀନନ୍ଦନ ସାହୁ, ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଆକାଶ ବିଶ୍ୱାଳଙ୍କୁ ମଧୁସଙ୍ଗୀତମ୍ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଶ୍ରଦ୍ଧାଞ୍ଜଳି ସାହୁ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖୋଜ ନାବାଳିକା ଉଦ୍ଧାର

**କୟାଁଗୋଲା, ୧୬।୧୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଲ୍ଲୀକାପୁର ଅଞ୍ଚଳର ଜଣେ ନିଖୋଜ ନାବାଳିକାକୁ ମଙ୍ଗଳପୁର ପୁଲିସ୍ ଭଦ୍ରକ ରେଳ ଷ୍ଟେସନରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ବାଳିକାଟି ଗତ ୧୪ ତାରିଖ ସାଇକଲ ଧରି ମଙ୍ଗଳପୁର ବଜାରକୁ ଯାଇ ଘରକୁ ଫେରିନଥିଲା। ଏ ସମ୍ପର୍କରେ ପରିବାର ଲୋକେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଜଗଦୀଶ କର ୩୬୫/୨୫ ରେ କେଶ ରୁଜୁ ତଦନ୍ତ କରି ନା ବାଳିକାର ଖୋଜ ଖବର ନେଇ ପଡ଼ୋଶୀ ଭଦ୍ରକ, କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଥାନାକୁ ଜଣାଇଥିଲେ। ଭଦ୍ରକ ରେଳ ଷ୍ଟେସନରେ ଥିବାର ଖବର ପାଇ ଏସଆଇ ଅନିତା ପ୍ରଧାନଙ୍କ ସହ ମଙ୍ଗଳପୁର ପୁଲିସ୍ ସଦବଳ ସେଠାରୁ ଉଦ୍ଧାର କରି ବାପା ମା'ଙ୍କୁ ହସ୍ତାନ୍ତର କରିଥିଲେ।

# ନଳକୂପ ଖନନରେ ଅନିୟମିତତା

**ପ୍ରୀତିପୁର, ୧୬।୧୨(ସମିସ):** ନଳକୂପ ଖନନରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ବିଞ୍ଝାରପୁର ଆର୍‌ଡବ୍ଲ୍ୟୁଏସଏସ୍ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ଅଧୀନ ଆଉଁରୀ ପଞ୍ଚାୟତର କୁଆଁରପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ଗବଡିହ ପଡ଼ାଗ୍ରାମରେ ପାନୀୟ ଜଳ କଷ୍ଟ ଲାଗିରହିଛି। ପିଇବା ପାଣି ଟୋପାଏ ପାଇଁ ଲୋକେ ପ୍ରାୟ ଏକ କିଲୋମିଟର ଦୂରକୁ ଯାଇ ସେଠାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ସ୍ଥାନୀୟ ଲୋକ ମାନଙ୍କର ଏହି ମୌଳିକ ସମସ୍ୟାର ସମାଧାନ ପାଇଁ ଗ୍ରାମରେ ଏକ ଗଭୀର ନଳକୂପ ଖନନର ଆବଶ୍ୟକତାକୁ ଉପଲବ୍ଧି କରି ଯାଜପୁର ସାଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରା ତାଙ୍କ ସାଂସଦ ପାଣ୍ଠିରୁ ୪ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ପ୍ରକ୍ରିୟା ପରେ ଏହି ପ୍ରକଳ୍ପଟିର ଦାୟିତ୍ୱ ନେଇଥିବା ଠିକାଦାର ନିର୍ଦ୍ଧାରିତ ସମୟ ଖନନ କରି ନଥିଲେ। ଏହି କାରଣରୁ ୨୦୦ ମିଟର ପାଇପ୍ ଲୋଡିଂ ହୋଇଥିଲେ ମଧ୍ୟ ରୋପ୍ ଏଣ୍ଟ୍ରି ବେଳେ ଏହା ୧୦୦ ମିଟରରୁ ସାମାନ୍ୟ ଅଧିକ କ୍ଲିୟର ଥିବା ଜଣାପଡ଼ିଥିଲା। ତେବେ ଏପରି ସମସ୍ୟାର ସମାଧାନ କରିବା ପାଇଁ ଠିକାଦାର କୌଣସି ବ୍ୟବସ୍ଥା ଗ୍ରହଣ କରିବା ପରିବର୍ତ୍ତେ ସେହି ଅବସ୍ଥାରେ କାମଟିକୁ ଶେଷ କରି ପ୍ଲାଟଫର୍ମ ତିଆରି କରିଥିଲେ। ପ୍ରକଳ୍ପଟିରେ ଠିକାଦାରଙ୍କ ମନୋଭାବ ସ୍ୱଚ୍ଛ ଜଣାପଡୁ ନଥିବାରୁ ପାନୀୟ ଜଳକଷ୍ଟ ଭୋଗୁଥିବା ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇଛି। ଗବଡିହ ଗ୍ରାମବାସୀ ଏନେଇ ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହିତ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ନଜରକୁ ଘଟଣାଟିକୁ ଆଣିଛନ୍ତି। ଘଟଣା ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଇଂ. ବିଷ୍ଣୁ ମୋହନ ଶତପଥୀ ପଚାରିବାରୁ ନଳକୂପ ଖନନରେ ହୋଇଥିବା ଅଭିଯୋଗର ସତ୍ୟତାକୁ ସ୍ୱୀକାର କରିଛନ୍ତି। ନଳକୂପଟି ଠିକ୍ ଭାବରେ ନ କଲେ ଠିକାଦାରଙ୍କୁ ବିଲ୍ ମିଳିବ ନାହିଁ।



# ସ୍କୁଲ ଛାତ୍ରଛାତ୍ରୀଙ୍କୁ ବ୍ୟାଗ୍ ବଣ୍ଟନ




**କୁନ୍ଦଳ, ୧୬।୧୨(ସମିସ):** ବଡ଼ଚଣା ବ୍ଲକ ଅଣକା ଗ୍ରାମ ପଞ୍ଚାୟତସ୍ଥିତ ରାହାଳ ଉପ୍ରା ବିଦ୍ୟାଳୟ ଓ ସରକାରୀ ଉନ୍ନିତ ପୂର୍ବ ରାହାଳ ଉପ୍ରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ବ୍ୟାଗ ବଣ୍ଟନ କରାଯାଇଥିଲା। ପ୍ରଗତି ଦୁଗ୍ଧ ସଂଗ୍ରହକାରୀ ସଂସ୍ଥା ତରଫରୁ ଏହି ବ୍ୟାଗ ବଣ୍ଟନ କରାଯାଇଥିବା ବେଳେ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଶିକ୍ଷକଙ୍କ ଉପସ୍ଥିତିରେ ଏହି ବ୍ୟାଗ ବଣ୍ଟନ କରାଯାଇଥିଲା। ରାହାଳ, ଅଣକା ଓ କୃଷ୍ଣପୁରଶାସନସ୍ଥିତ ସ୍ଥାନୀୟ ଦୁଗ୍ଧ ସଂଗ୍ରହକାରୀ ସଂସ୍ଥାରଆବାହକମଳୟରଞ୍ଜନ ସାମଲ, ଗୌତମ ସାମଲ, ସୌମ୍ୟରଞ୍ଜନ ସାମଲ, ଯୁବ ସମାଜସେବୀ ତଥା ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯାଜପୁର ଜିଲ୍ଲା ଉପସଭାପତି ଉପସ୍ଥିତ ରହି ଏହି ବଣ୍ଟନ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ସ୍ଥାନୀୟ ଗ୍ରାମବାସୀ ପ୍ରଗତି ଦୁଗ୍ଧ ସଂଗ୍ରହକାରୀ ସଂସ୍ଥା ଓ ଆବାହକ ମାନଙ୍କୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ।

# ଶ୍ରୀମଦ୍ ଭଗବଦ୍ ଗୀତା ପାରାୟଣ ଯଜ୍ଞ

**କୁନ୍ଦଳ, ୧୬।୧୨(ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତସ୍ଥିତ ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ମା'ବୁଢ଼ୀଜାଗୁଲାଇ ମନ୍ଦିର ପରିସରରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମଦ୍ ଭଗବଦ୍ ଗୀତା ପାରାୟଣ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଭାକର ଉଦ୍‌ଗାତା, ବୀର କିଶୋର ଦାସ, ତପନ କୁମାର ପାଢ଼ୀ, ସୁନିଲ କୁମାର ନନ୍ଦ ଓ ସହ କର୍ମୀଙ୍କୁ ନେଇ ଯଥା ରତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ପ୍ରକାଶ କୁମାର ଦାଶ ସପତ୍ନୀଙ୍କ କର୍ତ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବାଲିପଡ଼ିଆ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଗୀତା ଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୂକୃପା ଲାଭ ସହ ପ୍ରସାଦ ସେବନ କରିଥିଲେ। ମା'ବୁଢୀଜାଗୁଲାଇ କମିଟି ଓ ଜଗନ୍ନାଥ କମିଟିର ସମସ୍ତ କାର୍ଯ୍ୟ କର୍ତ୍ତା ଏଥିରେ ସହଯୋଗ ପ୍ରଦାନ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ପ୍ରସ୍ତୁତି

**ଧର୍ମଶାଳା, ୧୬।୧୨(ସମିସ):** ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ ଶ୍ରୀଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍ୟୋକ୍ତା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କୋଟପୁରର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, କଣ୍ଟିଗଡ଼ିଆ ସମିତିସଭ୍ୟ ଅରୂପାନନ୍ଦ ଜେନା, ଆଇନଜୀବୀ ଶ୍ୟାମସୁନ୍ଦର ଦାଶ, ସାମ୍ବାଦିକ ଅଭିମନ୍ୟୁ ଧଳ, ବିବେକାନନ୍ଦ ଦାସ, ରମେଶ ଗନ୍ତାୟତ, ଅଜୟ ପ୍ରଧାନ, ଜୟନ୍ତ ଜେନା, ରସାନନ୍ଦ ଦାସ ପ୍ରମୁଖ ବୈଠକରେ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର ତଥା ଶୃଙ୍ଖଳିତ କରିବା ନେଇ ମତ ଦେଇଥିଲେ। ଆସନ୍ତା ଜାନୁୟାରୀ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାରିଦିନ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପଟୁଣିଆ ପଞ୍ଚାୟତ ସମେତ ନିକଟବର୍ତ୍ତୀ ଛଅଗୋଟି ପଞ୍ଚାୟତର ମୁରବି ମାନଙ୍କୁ ନେଇ କମିଟି ଗଠନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଏଥିରେ ନିତ୍ୟାନନ୍ଦ ବେହେରା, ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା, ଦୟାନିଧି ଦାଶ, ସୁଦର୍ଶନ ପଣ୍ଡା, ବିଷ୍ଣୁ ପ୍ରସାଦ ପତି, ସନ୍ଦିପ ଗନ୍ତାୟତ, ତ୍ରିଲୋଚନ ଦାଶ, ବିଶ୍ୱନାଥ ଜେନା, ମଦନ ମୋହନ ବଳ, ଶଶିକାନ୍ତ ଜେନା, କପିଳ ଗନ୍ତାୟତ, ଗୁଣମଣି ଦାସ ସମେତ ଛଅ ଗୋଟି ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଓ ଯୁବ ସଂଗଠକ ବିବେକାନନ୍ଦ ଦାସ ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ରେଳ ପ୍ରକଳ୍ପକୁ ଚାଷୀଙ୍କ ବିରୋଧ

**ସୁକିନ୍ଦା/ଦାନଗଦି, ୧୬।୧୨(ସମିସ)**




କଳିଙ୍ଗନଗରରେ କୌଣସି ପ୍ରକଳ୍ପ ପାଇଁ ଜମି ଦିଆଯିବ ନାହିଁ ବୋଲି ସୁକିନ୍ଦା ଅଞ୍ଚଳ ଚାଷୀମାନେ ଖୋଲାଖୋଲି ମନାକରିଛନ୍ତି। କଳିଙ୍ଗନଗର ସ୍ଥିତ ଟାଟା ପ୍ରକଳ୍ପକୁ ରେଳପଥ ସଂଯୋଗୀକରଣକୁ ସୁକିନ୍ଦା ଅଞ୍ଚଳ ଚାଷୀ ବିରୋଧ କରି ଆସୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଯଥା ଅନୁଗୁଳ ସୁକିନ୍ଦା ରେଳପଥ, ରେଙ୍ଗାଲି କେନାଲ, ୫୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ଆଦି ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳ ଚାଷୀମାନେ ଅନେକ ଚାଷଜମି ହରାଇଛନ୍ତି। ପୁଣି ଯଦି ଜମି ଅଧିଗ୍ରହଣ କରାଯାଏ ସେମାନେ ଭୂମିହୀନ ହୋଇଯିବେ ବୋଲି ଦର୍ଶାଇଛନ୍ତି। ପୂର୍ବରୁ ସୁକିନ୍ଦା ତହସିଲ ପକ୍ଷରୁ ଚାଷୀମାନଙ୍କୁ ଅନେକ ଥର ଡକାଯାଇ ଟାଟା ରେଳପଥ ପ୍ରକଳ୍ପ ପାଇଁ ଜମି ଦେବାକୁ ପ୍ରସ୍ତାବ ଦିଆଯାଇଛି। ହେଲେ କୌଣସି ପରିସ୍ଥିତିରେ ଜମି ଦିଆଯିବ ନାହିଁ ବୋଲି କୁହାଯାଇଛି। ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଚାଷୀଙ୍କୁ କଳିଙ୍ଗନଗର ଥାନାକୁ ଡକାଇ ସେମାନଙ୍କ ସହ ଆଲୋଚନା ହୋଇଥିଲା। ହେଲେ ଏହି ବୈଠକରେ ମଧ୍ୟ ଚାଷୀମାନେ ଜମି ଦେବାକୁ ଖୋଲାଖୋଲି ମନା କରିଛନ୍ତି।

ପୂର୍ବରୁ ଚାଷୀଙ୍କୁ ତହସିଲ କାର୍ଯ୍ୟାଳୟକୁ ଡକାଇ ଆଲୋଚନା ହେଉଥିବା ବେଳେ ଚାଷୀଙ୍କୁ ଭୟଭୀତ କରିବା ପାଇଁ ଆଜି ଥାନାକୁ ଡକାଇ ଆଲୋଚନା ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଭଳି ଖବର ପ୍ରଚାରିତ ହେବା ସ୍ଥାନୀୟ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଚାଷୀ ଏକତ୍ରିତ ହୋଇ କଳିଙ୍ଗନଗର ଥାନା ସମ୍ମୁଖରେ ପହଞ୍ଚିଥିଲେ। କୌଣସି ଘରୋଇ ପ୍ରକଳ୍ପ ପାଇଁ ଜିଲ୍ଲା ପ୍ରଶାସନ ଏପରି ବ୍ୟସ୍ତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଆଜି କଳିଙ୍ଗନଗର ଥାନାରେ ଜିଲ୍ଲା ପ୍ରଶାସନ, ତହସିଲଦାର ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଏହି ଆଲୋଚନା ମଧ୍ୟ ନିଷ୍ଫଳ ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସବୁଜ କୃଷିକ୍ଷେତ୍ର ବଞ୍ଚାଅ ସମିତି, ଭୂମିମୁକ୍ତି କୃଷକ ମଞ୍ଚ, ପ୍ରଦୂଷଣ ବିରୋଧୀ ଜନମଞ୍ଚର କର୍ମକର୍ତ୍ତା ମୃତ୍ୟୁଞ୍ଜୟ ଦେଓ, ବିଶ୍ୱରଞ୍ଜନ ସ୍ୱାଇଁ, ଗିରିଶ ମହାନ୍ତ, ଭରତ ମହାନ୍ତ, ଗୁଣନିଧି ମହାନ୍ତ, କ୍ଷୀରୋଦ ଜେନାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଏଟିଏମ୍‌ରୁ ପାଇଥିବା ଟଙ୍କା ପୁଲିସକୁ ହସ୍ତାନ୍ତର



ଧାମନଗର,୧୬।୧୨(ସମିସ): ଏଟିଏମ୍‌ରୁ ପାଇଥିବା ଟଙ୍କା ପୁଲିସକୁ ହସ୍ତାନ୍ତର କରି ସଚ୍ଚୋଟତା ଓ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି ଧାମନଗରର ଜଣେ ଯୁବକ। ଧାମନଗର ଥାନା ସାମ୍ନାରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ କେହି ଜଣେ ଅଜଣା ବ୍ୟକ୍ତି ପ୍ରାୟ ୩ ହଜାର ଟଙ୍କା ଛାଡ଼ି ଚାଲିଯାଇଥିଲେ। ଏଟିଏମ୍‌ରେ ଟଙ୍କା ପଡ଼ିଥିବା ଦେଖି ଯୁବକ ଜଣକ ସେଗୁଡ଼ିକୁ ନେଇ ସଙ୍ଗେସଙ୍ଗେ ଧାମନଗର ଥାନାରେ ପହଞ୍ଚି ପୁଲିସ ଜିମା ଦେଇଥିଲେ। ଏହି ସଚ୍ଚୋଟ କାର୍ଯ୍ୟ ପାଇଁ ଧାମନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଓ ଏଏସ୍‌ଆଇ ସୁଜିତ୍ ରାଉତ ଯୁବକଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁଲିସ ସୂଚନା ଅନୁସାରେ, ଟଙ୍କାର ମାଲିକଙ୍କ ସଠିକ୍ ପରିଚୟ ମିଳିଲା ପରେ ସେହି ଟଙ୍କା ତାଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଟଙ୍କା ପାଇ ଥାନାରେ ଜମା କରିଥିବା ସଚ୍ଚୋଟ ଯୁବକ ଜଣକ ହେଲେ ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଗ୍ରାମର ଶ୍ରୀନିବାସ ରାଉତ। ସେ ମୁମ୍ବଇରେ ରହି କାମ କରିଛନ୍ତି। କିଛିଦିନ ତଳେ ଗାଁକୁ ଆସିଛନ୍ତି। ମଙ୍ଗଳବାର ଟଙ୍କା ଉଠାଇବା ପାଇଁ ଉକ୍ତ ଏଟିଏମ୍‌କୁ ଆସିଥିଲେ।

## ବାରିକପୁର ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଭଣ୍ଡାରିପୋଖରୀ,୧୬।୧୨(ସମିସ): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ସାହୁଙ୍କ ସଂଯୋଜନାରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଶପଥପାଠ ପରେ କ୍ରିକେଟ୍, ୧୦୦ ମିଟର, ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ ଓ ବାଳିକାମାନଙ୍କର ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଗାମୀ ବୁଧବାର ଅବଶିଷ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଗୁରୁବାର ଉଦ୍‌ଯାପନ ହେବ। ଶିକ୍ଷୟିତ୍ରୀ ପ୍ରତିଭା ଶତପଥୀ, ପ୍ରଜ୍ଞାପରମିତା ପତି, ମାଳତୀ ପାଢ଼ୀ, ପ୍ରଭାତୀ ପରିଡ଼ା, ମାନିନୀ ଦାସ, ସଞ୍ଜୁଲତା ବେହେରା, ଶିକ୍ଷକ ପ୍ରଦୀପ ମହାକୁଡ଼ଙ୍କ ସମେତ ଶିକ୍ଷା କର୍ମଚାରୀ ସୁଚିତ୍ରା ସାହୁ କ୍ରୀଡ଼ା ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଣ୍ଡାରିପୋଖରୀ,୧୬।୧୨(ସମିସ): ଏହି ବ୍ଲକ୍‌ର ମହୁରା ସାଧନକେନ୍ଦ୍ର ଅନ୍ତର୍ଗତ ରାଜେନ୍ଦ୍ରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧନକେନ୍ଦ୍ର ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରୁ ବଦଳି ହୋଇ ଯାଇଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ଜେନାଙ୍କ ସ୍ମରଣୀୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଆରତୀ ରାଉତ ବେଦପାଠ, ଲଳିତ ସ୍ୱାଇଁ ଅତିଥି ପରିଚୟ, ପ୍ରଣତୀ ରାଉତ ମାନପତ୍ର ପଠନ ଓ ଶଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ସ୍ମୃତିସଭା

ଭଦ୍ରକ,୧୬।୧୨(ସମିସ): ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ୩୪ତମ ପୁଣ୍ୟତିଥି ଅବସରରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇ ତାଙ୍କର ଦେଶପ୍ରେମ ଓ ତ୍ୟାଗକୁ ସ୍ମରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବେକାର ଯୁବପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀ ମୟାଧର ଦାସଙ୍କ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ସଭାପତି ଭାବେ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗଦେଇ ସଭାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ଦେଶପ୍ରେମ, ତ୍ୟାଗ ଓ ସେବାଭାବକୁ ସ୍ମରଣ କରିଥିଲେ। ସଭାରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ବ୍ରଜସୁନ୍ଦର ରାଉତ ଉପସ୍ଥିତ ରହି ସ୍ୱାଧୀନତା ଆନ୍ଦୋଳନର ସ୍ମୃତିମୟ ଅନୁଭବକୁ ବ୍ୟାଖ୍ୟା କରି ଯୁବପିଢ଼ିକୁ ଦେଶପ୍ରେମ ଓ ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସ୍ମୃତିସଭା ମାୟାଧର ଦାସ ସ୍ମୃତି କମିଟି ଦ୍ୱାରା ତାଙ୍କ ସୁପୁତ୍ର ବଂଶୀଧର ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ପ୍ରଦାନ ସହିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### କ୍ରୀଡ଼ାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କ୍ରୀଡ଼ାର ଭବିଷ୍ୟତ ଅନ୍ଧାର

# ଦୁଇ ପାଚେରି ମଧ୍ୟରେ ସୀମିତ ସହିଦ ଷ୍ଟାଡିୟମ୍ ନିର୍ମାଣ

ଅସୁରାଳି,୧୬।୧୨(ସମିସ): ଗ୍ରାମାଞ୍ଚଳର ଯୁବକ, ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାକୁ ବ୍ଲକ୍‌ରେ ଗୋଟିଏ ମିନି ଷ୍ଟାଡିୟମ୍ ଓ ପଞ୍ଚାୟତସ୍ତରରେ ମଧ୍ୟ ଖେଳ ପଡ଼ିଆର ଉନ୍ନତୀକରଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। କିନ୍ତୁ ଧାମନଗର ବ୍ଲକ୍ ଅନ୍ତର୍ଗତ ଅସୁରାଳିଠାରେ ନିର୍ମାଣାଧୀନ "ସହିଦ୍ ଷ୍ଟାଡିୟମ୍' ନିର୍ମାଣ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି ଷ୍ଟାଡିୟମ୍ ନିର୍ମାଣ ହେଉ ହେଉ ଏମିତି ଅଟକିଯାଇଛି ଯେ ଏହାର ପୂର୍ଣ୍ଣତା ହେବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଅଞ୍ଚଳର କ୍ରୀଡ଼ାପ୍ରେମୀ ଯୁବକ, ଛାତ୍ରଛାତ୍ରୀଙ୍କ ପାଇଁ ଗତ ୫ ବର୍ଷ ତଳେ ତତ୍କାଳିନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତତ୍କାଳୀନ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ସେତେବେଳର ଜିଲ୍ଲାପାଳଙ୍କ ସମେତ ବ୍ଲକ୍ ଓ ଜିଲ୍ଲାସ୍ତରର ବହୁ ଆଗଧାଡ଼ିର ନେତୃମଣ୍ଡଳୀ ୨୦୧୯ ଫେବୃଆରୀ ୧୬ରେ ଏକ ବିରାଟ ସମାବେଶ କରି ଏହି ଷ୍ଟାଡିୟମ୍‌ର ଶିଳାନ୍ୟାସ କରିଥିଲେ। ସେହି ସମୟରେ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ଯାହାକି ଏହି ଅସୁରାଳି ସମେତ ଆଖପାଖ ୪/୫ଟି ପଞ୍ଚାୟତର କ୍ରୀଡ଼ାପ୍ରେମୀ, ଜନସାଧାରଣ ତଥା ଖେଳାଳିଙ୍କ ଭିତରେ ଅନେକ ଆନନ୍ଦ ଆଣି ଦେଇଥିଲା। ଶିଳାନ୍ୟାସର କିଛି



ଦିନ ପରେ ବିଭାଗ ତରଫରୁ ମାପଚୁପ ଆରମ୍ଭ ହୋଇ ପଡ଼ିଆର ଉଭୟ ପାଶ୍ୱର୍ରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଓ ପାଚେରି ବି କେତେକାଂଶରେ ନିର୍ମାଣ ହେଲା। ଧୀରେ ଧୀରେ ଅଞ୍ଚଳବାସୀଙ୍କ ଭିତରେ ଆଶା ସଞ୍ଚାର ହେଲା। କିନ୍ତୁ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେଇଗଲା। ଆଉ କୌଣସି ଠିକାଦାର, ବିଭାଗୀୟ ଅଧିକାରୀ, ନେତା, ମନ୍ତ୍ରୀ କାହାରି ପାଦ ଏଠି ପଡ଼ିଲା ନାହିଁ। କେବଳ ଦୁଇପାଖରେ ଦୁଇଟି ପାଚେରି ପରସ୍ପର ଦିଗରେ ମୁହଁ କରି ନିରବରେ ଠିଆ ହୋଇଛନ୍ତି। ଖୋଦ୍ କ୍ରୀଡ଼ାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କ୍ରୀଡ଼ାର ଭବିଷ୍ୟତ ଅନ୍ଧାର ମଧ୍ୟରେ ରହିଥିବା ଜଳଜଳ ହୋଇ ଦେଖାଯାଉଛି।

ଆଶ୍ଚର୍ଯ୍ୟର କଥା, ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ କେଉଁ ବିଭାଗ ଅନୁଦାନ ଦେଇଛି, କାର୍ଯ୍ୟାଦେଶ କିଏ ପାଇଛି, କେତେ ଟଙ୍କାର ଅନୁଦାନ, କେତେଦିନରେ ସରିବ; ତାର କୌଣସି ସୂଚନାଫଳକ ଏଠାରେ ନାହିଁ। ଏଥିପାଇଁ ଲୋକେ କାହାକୁ ପ୍ରଶ୍ନ କରିବେ, କାହାଠାରୁ ସଠିକ୍ ଉତ୍ତର ପାଇବେ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଧାମନଗର ବ୍ଲକ୍‌ରେ ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ ଅସୁରାଳି। ସବୁ ଦୃଷ୍ଟିରୁ ବିଚାର କଲେ ଏହା ପ୍ରମୁଖ ସ୍ଥାନ। ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ବେଷ୍ଟ ଇଞ୍ଜିନିୟରିଂ ସ୍କୁଲ, ଆଇଟିଆଇ, ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅସୁରାଳି ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଶବନ୍ଧୁ ନୋଡାଲ ସାରଦା ଦେବୀ ମହାବିଦ୍ୟାଳୟ ସହିତ ବିଭିନ୍ନ ଯୁବକ ସଂଘ, ସାମାଜିକ ଅନୁଷ୍ଠାନ, ପ୍ରାୟ ୫ଟି ପଞ୍ଚାୟତର କ୍ରୀଡ଼ାପ୍ରେମୀ ଏହି ଷ୍ଟାଡିୟମ୍ ନିର୍ମାଣ ହେଲେ ଉପକୃତ ହେବ। ଶିଳାନ୍ୟାସ ପରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଯେଉଁ ଆନନ୍ଦ ଓ ଉତ୍ସାହ ସୃଷ୍ଟି ହୋଇଥିଲା ତାହା ଏବେ ନିର୍ମାଣର ସ୍ଥାଣୁତା ପାଇଁ ସେ ଆଶା ନିରାଶାରେ ପରିଣତ ହୋଇଛି। ଏହି ଅଞ୍ଚଳର ବିଧାୟକ ଏବେ କ୍ରୀଡ଼ାମନ୍ତ୍ରୀ। ତେଣୁ ସହିଦ ଷ୍ଟାଡିୟମ୍‌ର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ଆଶା ଜାଗ୍ରତ ହୋଇଥିଲା। କିନ୍ତୁ ବହୁଥର ଏ ବିଷୟରେ କହିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯେଉଁ କାରଣରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ବାବା ଆଖଣ୍ଡଳମଣି ପୀଠର ପରିକ୍ରମା ମାର୍ଗ ପାଇଁ ବିସ୍ଥାପିତଙ୍କୁ ଲଟ୍‌କା ଜାରି

## ୭ ଦିନ ମଧ୍ୟରେ ଜାଗା ଛାଡ଼ିବାକୁ କଡ଼ା ନିର୍ଦ୍ଦେଶ

ଭଦ୍ରକ/ଆରଡ଼ି,୧୬।୧୨(ସମିସ): ରାଜ୍ୟର ସର୍ବପୁରାତନ ଶୈବକ୍ଷେତ୍ର ଆରଡ଼ିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଓ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପରିକ୍ରମା ମାର୍ଗ ଓ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବିସ୍ଥାପିତ ପରିବାରଙ୍କୁ ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଲଟ୍‌କା ଜାରି କରାଯାଇଛି। ପରିକ୍ରମା ମାର୍ଗ କାର୍ଯ୍ୟକାରୀ ପାଇଁ ୭ ଦିନ ମଧ୍ୟରେ ଜାଗା ଓ ଘର ଖାଲି କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଜମି ଓ ନୀତିକାନ୍ତି ସାମଗ୍ରୀ ଥଇଥାନ ପାଇଁ ଘର ନ ମିଳିଲେ ଘର ଛାଡ଼ିବେନି ବିସ୍ଥାପିତ

ସୂଚନା ଅନୁଯାୟୀ, ୨୦୨୩-୨୪ରେ ପୂର୍ବ ସରକାର ୨ ପର୍ଯ୍ୟାୟରେ ଯୋଗାଇ ଦେଇଥିଲେ ୪୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଉକ୍ତ ଟଙ୍କାରେ ଉନ୍ନୟନମୂଳକ କାର୍ଯ୍ୟ କିଛି ପୂର୍ଣ୍ଣାଙ୍ଗ ହୋଇଥିବାବେଳେ ଆଉକିଛି କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। ସେହିପରି ପରିକ୍ରମା ମାର୍ଗ ପାଇଁ ୯୮ ପରିବାରଙ୍କର ୧୦୭ଟି ପ୍ଲଟ୍ ବିସ୍ଥାପିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ଥାପିତଙ୍କ ସହ ଆଲୋଚନା କରାଯିବା ସହିତ ବିସ୍ଥାପିତଙ୍କ ଦାବି ଅନୁଯାୟୀ, ପ୍ରତ୍ୟେକ ବିସ୍ଥାପିତଙ୍କୁ ଜମି ଯୋଗାଇ ଦିଆଯିବା ସହ ବାବାଙ୍କ ସେବାପୂଜା ନିମନ୍ତେ ବ୍ୟବହୃତ ବାସନ, ବଡ଼ବଡ଼ ପିତ୍ତଳ ହଣ୍ଡା ଓ ବାଲ୍‌ଟି ରଖିବା ପାଇଁ ୧୦/୧୦ ଘର ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ତାହାସହ ବିସ୍ଥାପିତ ହେଉଥିବା ସମସ୍ତ ଘର ବାବଦକୁ ୨ଗୁଣରୁ ଅଧିକ ଆର୍ôଥକ ସହାୟତା ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବିସ୍ଥାପିତଙ୍କୁ ଥଇଥାନ ପାଇଁ ଜାଗା ଚିହ୍ନଟ କରାଯାଇ ଏକ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାର ଓ ଦେବୋତ୍ତର କମିଶନରଙ୍କ ଅନୁମୋଦନ ପାଇଁ ଚିଠି ପ୍ରେରଣ କରାଯାଇଥିଲା। ହେଲେ ୨୦୨୪ରେ ରାଜ୍ୟର ସରକାର ବଦଳିବା ପରେ ଆଖଣ୍ଡଳମଣି ପୀଠର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ ଆଗେଇ ନେବା ପାଇଁ ବିସ୍ଥାପିତଙ୍କୁ କିପରି ଭାବେ ଆର୍ôଥକ ସହାୟତା ରାଶି ଯୋଗାଇ ଦିଆଯିବ, ସେଥିପାଇଁ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଓ ରାସ୍ତା ଗୃହ ନିର୍ମାଣ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିସ୍ଥାପିତ ହେବାକୁ ଥିବା ରହିତ(ସ୍ଥିତିବାନ), ଦେବୋତ୍ତର ଓ ଟ୍ରଷ୍ଟ ଜମିର ଏଗ୍ରିମେଣ୍ଟ ପାଇଁ ପୁନର୍ବାର ଲଟ୍‌କା ଜାରି କରାଯିବା ସହ ବିସ୍ଥାପିତଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା। ଆଗକୁ ବାବାଙ୍କର ଜାଗରଯାତ୍ରା ଥିବାରୁ ପରିକ୍ରମା ମାର୍ଗ କାର୍ଯ୍ୟ ନିମନ୍ତେ ୭ ଦିନ ମଧ୍ୟରେ ଜାଗା ଓ ଘର ଖାଲି କରିବାକୁ ମଙ୍ଗଳବାର ବିସ୍ଥାପିତମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏବେ ସୁଦ୍ଧା ୯୮ ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ୪୨ ପରିବାର ଆର୍ôଥକ ସହାୟତା ପାଇଛନ୍ତି। ଏପରିକି ସେମାନଙ୍କୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସେବାପୂଜା ନିମନ୍ତେ ବ୍ୟବହୃତ ସାମଗ୍ରୀ ରଖିବା ପାଇଁ ଘର ଓ ଜମି ମିଳି ନ ଥିବାରୁ ଜାଗା ଓ ଘର ଛାଡ଼ିବେ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଅନେକ ବିସ୍ଥାପିତ ପରିବାର ସହାୟତା ରାଶି ପାଇପାରି ନାହାନ୍ତି। ଯାହାକୁ ନେଇ ବିସ୍ଥାପିତମାନେ ଜିଲ୍ଲା ପ୍ରଶାସନକୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି।

## କୋଚିଲା ନାୟକାଣୀଙ୍କ ପୀଠକୁ ଜମିଦାନ

### ପରିଚାଳନା ସମିତି ପକ୍ଷରୁ ସମ୍ବର୍ଦ୍ଧନା



ଅସୁରାଳି,୧୬।୧୨(ସମିସ): ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତ ତିନିଘରିଆ ଗ୍ରାମ ନିକଟରେ ଅବସ୍ଥିତ ୨୦୦ ବର୍ଷର ପ୍ରସିଦ୍ଧ ମା' କୋଚିଲା ନାୟକାଣୀ ପୀଠକୁ ଲାଗି ଥିବା ପୈତୃକ ଜମି ସ୍ୱଇଚ୍ଛାରେ ଦାନ କରାଯାଇଛି। ନଦୀଗାଁ ଡିହସାହି ନିବାସୀ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ବଡ଼ ପୁଅ ଅନନ୍ତ ସାହୁ ତାଙ୍କ ଜମିକୁ ଦାନ କରିଛନ୍ତି। ଏହି ଅବସରରେ ମଙ୍ଗଳବାର ମା'ଙ୍କ ପୀଠ ପରିସରରେ ଶ୍ରୀ ସାହୁଙ୍କୁ ପରିଚାଳନା ସମିତି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ତାଙ୍କ ସାନଭାଇ ନାରାୟଣ ସାହୁ, ନଦୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କାଳନ୍ଦୀ ରାଉତ, ପୂଜକ ଦେବେନ୍ଦ୍ର ପଣ୍ଡା, ଅଶୋକ ପଣ୍ଡା, ବରିଷ୍ଠ ସଦସ୍ୟ ରମାକାନ୍ତ ବସନ୍ତିଆ, ମାନସ ବାରିକ, ମିହିର ଗୋସ୍ୱାମୀ, ବେଣୁଧର ଦାସ, ଦୀନବନ୍ଧୁ ଦାସ, ପ୍ରସନ୍ନ ବସନ୍ତିଆ, ସୌମ୍ୟରଞ୍ଜନ ରାଉତଙ୍କ ସମେତ ପରିଚାଳନା ସମିତିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଧାୟକଙ୍କ ବର୍ଦ୍ଧିତ ଦରମା ଓ ପେନ୍‌ସନ୍ ବିଲ୍‌କୁ ପ୍ରତ୍ୟାହାର ଦାବି




ଭଦ୍ରକ,୧୬।୧୨(ସମିସ): ଆମ ରାଜ୍ୟରେ ଭୟଙ୍କର ବେକାରୀ, ଉତ୍କଟ ଦାରିଦ୍ର୍ୟ, ସାଂଘାତିକ କୃଷି ସଂକଟ, ଚାଷୀ ଆତ୍ମହତ୍ୟା, ଶ୍ରମିକର ନିମ୍ନତମ ମଜୁରୀ, କ୍ରମବର୍ଦ୍ଧିଷ୍ଣୁ ଶିଶୁ ଓ ଗର୍ଭବତୀ ମହିଳାଙ୍କ ମୃତ୍ୟୁହାର, ବନ୍ୟା, ବାତ୍ୟା ଓ ମରୁଡ଼ି ଯୋଗୁଁ କୃଷି ଅର୍ଥନୀତିର ସଂକଟ, ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଆଦି ବହୁ ସମସ୍ୟା ଉପୁଜିବାରେ ଲାଗିଛି। ଏ ସମ୍ପର୍କରେ ବିଧାନସଭାରେ ଆଲୋଚନା ହୋଇ ସ୍ଥାୟୀ ପ୍ରତିକାର ହେବା ପାଇଁ ବ୍ୟୟବରାଦ ହେବା ପରିବର୍ତ୍ତେ ଜନପ୍ରତିନିଧିଙ୍କ ଦରମା, ଭତ୍ତା ଓ ପେନ୍‌ସନ୍ ବୃଦ୍ଧି କରିବା ବିଲ୍‌କୁ ସମର୍ଥନ କରିବା ଏକ ବିଡ଼ମ୍ବନାର ବିଷୟ ବୋଲି ସିପିଆଇ(ଏମ୍) ପକ୍ଷରୁ ଭଦ୍ରକ ଷ୍ଟେଟ୍ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ସଭାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ଧାରା- ୨୦୦ ଉପଧାରା- ୩ର ପ୍ରାବଧାନ ଅନୁଯାୟୀ, ରାଜ୍ୟପାଳ ଏହି ବିଲ୍‌କୁ ପୁନଃବିଚାର ପାଇଁ ବିଧାନସଭାକୁ ଫେରାଇଦେବାକୁ ସିପିଆଇ(ଏମ୍) ନେତୃବୃନ୍ଦ ଦାବି କରିଛନ୍ତି। ଜନତାଙ୍କ ସେବା କରିବା ପାଇଁ ବ୍ୟାକୁଳ ହେଉଥିବା ବିଧାୟକମାନେ ନିଜ ନିଜର ଦରମା, ଭତ୍ତା ଓ ପେନ୍‌ସନ୍ ବୃଦ୍ଧି ପାଇଁ ନିର୍ଲଜ ଭାବେ ଆଣିଥିବା ବିଲ୍‌କୁ ରାଜ୍ୟର ବିଜେପି ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ସିପିଆଇ(ଏମ୍) ଦାବି କରିଛି। ୨୦୦୨ରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ୍‌କୁ ବିଧାନସଭାରେ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ୍)ର ତତ୍କାଳୀନ ବିଧାୟକ ପ୍ରଦୀପ୍ତ ପଣ୍ଡା ବିରୋଧ କରିଥିବାବେଳେ ବର୍ତ୍ତମାନର ବଣେଇ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ୍) ବିଧାୟକ କମ୍ରେଡ୍ ଲକ୍ଷ୍ମଣ ମୁଣ୍ଡା ତୀବ୍ର ବିରୋଧ କରୁଛନ୍ତି। ରାଜ୍ୟ ସରକାର ଏହି ଜନବିରୋଧୀ ରାଜ୍ୟ ରାଜକୋଷକୁ ଲୁଣ୍ଠନ ପାଇଁ ଉଦ୍ଦିଷ୍ଟ ଜନପ୍ରତିନିଧି ଦରମା, ଭତ୍ତା ଓ ପେନ୍‌ସନ୍ ବିଲ୍‌କୁ ପ୍ରତ୍ୟାହାର ନ କଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ତୀବ୍ର ହେବ ବୋଲି ସିପିଆଇ(ଏମ୍) ନେତୃତ୍ୱ ପ୍ରକାଶ କରିଛନ୍ତି। ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଭାସ ମହାପାତ୍ର, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ସେକ୍ ସନାଉଲ୍ଲା, ଜୟନୁଲ୍ ଆବେଦିନ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଯୁବନେତା ପ୍ରତାପ ସେଠୀ, ବିପ୍ଳବ ଜେନା, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଶ୍ରମିକ ନେତା ସେକ୍ ସିକୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହି ବିଲ୍‌କୁ ଫେରାଇଦେବାକୁ ଦାବି କରିଥିଲେ।

### ● ପିକ୍‌ନିକ୍ ଋତୁରେ ପର୍ଯ୍ୟଟକଙ୍କ ଭିଡ଼

# ସୌନ୍ଦର୍ଯ୍ୟକରଣ ଅପେକ୍ଷାରେ ଆଦମପୁର ଗ୍ରାମ୍ୟ ଜଙ୍ଗଲ

ବାରିକପୁର,୧୬।୧୨(ସମିସ): ଏବେ ପିକ୍‌ନିକ୍ ଋତୁ ଚାଲିଥିବାବେଳେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକମାନଙ୍କ ଭିଡ଼ ମଧ୍ୟ ବୃଦ୍ଧି ପାଉଛି। ଏହାଛଡ଼ା ଗ୍ରାମାଞ୍ଚଳରେ ଥିବା ଛୋଟ ବଡ଼ ଗ୍ରାମ୍ୟ ଜଙ୍ଗଲଗୁଡ଼ିକରେ ମଧ୍ୟ ବଣଭୋଜିର ମଜା ନେଉଛନ୍ତି ଆଖପାଖ ଅଞ୍ଚଳର ଜନସାଧାରଣ ଏବଂ



ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗ୍ରାମ୍ୟ ଜଙ୍ଗଲରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଭଦ୍ରକ ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମ୍ୟ ଜଙ୍ଗଲରେ ଆଖପାଖ ଅଞ୍ଚଳର ଜନସାଧାରଣ ପ୍ରାୟତଃ ବଣଭୋଜିର ମଜା ନେଉଛନ୍ତି। ଏହାଛଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ମଧ୍ୟ ଲୋକମାନେ ଏଠାକୁ ଧାଇଁ ଆସୁଛନ୍ତି କିଛି ସମୟ ପିକ୍‌ନିକ୍‌ର ଖୁସି ମନାଇବା ପାଇଁ। ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ଥାନଟି ଥିବାବେଳେ ଜିଲ୍ଲା ବାହାର ପର୍ଯ୍ୟଟକମାନେ ମଧ୍ୟ ଅନେକ ସମୟରେ ଏଠାକୁ ଆସି ବଣଭୋଜି କରୁଛନ୍ତି। ୧୯୮୫ ମସିହାରେ କପାଳୀ ନଦୀ କୂଳରେ ୮/୧୦ ଏକର ଜମିରେ ଏହି ଜଙ୍ଗଲ ସୃଷ୍ଟି ହୋଇଥିଲା। ଯାହାକି ଏବେ କିଛି ବର୍ଷ ହେବ ଲୋକମାନଙ୍କ ସକାଶେ ଏହି ଗ୍ରାମ୍ୟ ଜଙ୍ଗଲ ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଅନେକ କିଛି ଆବଶ୍ୟକତା ଥିବାବେଳେ ତାହା ଏଯାଏଁ ସମ୍ଭବ ହୋଇନାହିଁ।

ଜଙ୍ଗଲ ମଧ୍ୟରେ ୨/୩ଟି ନଳକୂଅକୁ ଛାଡ଼ିଦେଲେ ପର୍ଯ୍ୟଟକମାନଙ୍କ ପାଇଁ ଆଉ କୌଣସି ସୁବିଧା ଆଜିଯାଏଁ ହୋଇପାରିନାହିଁ। ବସିବା ପାଇଁ ପକ୍କା ପିଣ୍ଡିଟିଏ ନ ଥିବାବେଳେ ଜଙ୍ଗଲ ସଂଲଗ୍ନ ସ୍ଥାନରେ ଛୋଟ ପାର୍କଟିଏ ମଧ୍ୟ ନିର୍ମାଣ ହୋଇପାରି ନାହିଁ। ଏହାଛଡ଼ା ଜଙ୍ଗଲ ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ହୋଇ ନ ଥିବାବେଳେ ପ୍ରବେଶ ପଥରେ ନବନିର୍ମିତ ଆଧୁନିକ ଶୈଳୀରେ ଏଯାଏଁ ଫାଟକ ତିଆରି ହୋଇନାହିଁ। ଜଙ୍ଗଲଠାରୁ ଅନତି ଦୂରରେ ଥିବା ହନୁମାନ ମନ୍ଦିରରେ ମଧ୍ୟ କୌଣସି ନବନିର୍ମିତ କାର୍ଯ୍ୟ ହୋଇନାହିଁ। ଗ୍ରାମ୍ୟ ଜଙ୍ଗଲକୁ ଲାଗି କପାଳୀ ନଦୀର ଡାହାଣ ପାର୍ଶ୍ୱ ପ୍ରାୟ ୫ଶହ ମିଟର ରହିଛି। ତେଣୁ ନଦୀରେ ପାହାଚ ନିର୍ମାଣ ସହିତ କୂଳ ସୌନ୍ଦର୍ଯ୍ୟକରଣ ଅପରିହାର୍ଯ୍ୟ ହୋଇଛି। ଅବସର ବିନୋଦନ ପାଇଁ ପ୍ରଯୁଜ୍ୟ ଉକ୍ତ କ୍ଷୁଦ୍ର ଜଙ୍ଗଲରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ନିହାତି ଆବଶ୍ୟକ ରହିଛି। ଜିଲ୍ଲା ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ଏହା ଉପରେ ଦୃଷ୍ଟି ଦେଲେ ଉକ୍ତ ସ୍ଥାନଟି ଏକ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀ ଭାବରେ ପରିଗଣିତ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ସେମାନଙ୍କ ମୁହଁରୁ...



ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ କିଛି ଦିନ ପୂର୍ବରୁ ଆମକୁ ପଟ୍ଟା ମିଳିଛି। ଆମ ଗ୍ରାମ୍ୟ ଜଙ୍ଗଲର ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ହୋଇଛି। ଏକ ଗ୍ରାମ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ଏହାକୁ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ।

**ନିରଞ୍ଜନ ବାରିକ, ସଭାପତି, ଜଙ୍ଗଲ ଅଧିକାର କମିଟି**



ପ୍ରାୟ ୮ଏକର ଜମିରେ ଅବସ୍ଥିତ ଆଦମପୁର ଗ୍ରାମ୍ୟ ଜଙ୍ଗଲ ଏବେ ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହାକୁ ଆଧୁନିକ ରୂପରେଖରେ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବା ଉଚିତ୍।

**ବିଜୟ ଖିଲାର, ସମ୍ପାଦକ, ଜଙ୍ଗଲ ଅଧିକାର କମିଟି**



ଆମ ବ୍ଲକ୍ ଭିତରେ ଥିବା ଏକମାତ୍ର ବଣଭୋଜି ସ୍ଥଳୀର ବିକାଶ ପାଇଁ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଶାସନିକସ୍ତରରେ ଏହାର ବିକାଶ ହୋଇପାରିଲେ ଏହା ଏକ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଭ କରନ୍ତା।

**ଅମୂଲ୍ୟ କୁମାର ନାୟକ, ସ୍ଥାନୀୟ ସରପଞ୍ଚ**

## ମାଳତି ଓ ଜେମାମଣିଙ୍କୁ ମିଳିଲା ଭତ୍ତା

ସକାଳ ପ୍ରଭାବ

ଦୋଳସାହି,୧୬।୧୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଭତ୍ତା ହିତାଧିକାରୀଙ୍କୁ ପ୍ରଦାନ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସହ ସରକାରୀ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ। ଏନେଇ ଦୈନିକ "ସକାଳ'ରେ ଏକାଧିକ ଖବର ପ୍ରକାଶିତ ପରେ ୨ଜଣ ଭତ୍ତା ଆବେଦନକାରୀ ବୃଦ୍ଧାଙ୍କୁ ଭତ୍ତା ମିଳିଛି।

ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ୭ନମ୍ବର ୱାର୍ଡର ନିରାଶ୍ରୟ ତଥା ବିଧବା ମାଳତି ଜେନାଙ୍କ ପାଖରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ୍ ନ ଥିବା ନେଇ ତାଙ୍କ ଭତ୍ତା ୪ ମାସ ଧରି ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ଏନେଇ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ଗୁଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡାଙ୍କ ସହଯୋଗରେ ମାଳତି ଜେନା ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ୍ ବାହାର କରାଯାଇ ବ୍ଲକ୍ ପ୍ରଶାସନ ପାଖରେ ଏହା ପ୍ରଦାନ ପରେ ତାଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିପରି ଗତ ରବିବାର ବିଧବା ଜେମାମଣି





ତ୍ରିପାଠୀଙ୍କୁ ଗତ ୬ ମାସ ଧରି ଭତ୍ତା ପ୍ରଦାନ କରାଯାଇ ନ ଥିବା ନେଇ "ସକାଳ'ରେ ପ୍ରକାଶିତ ପରେ ମଙ୍ଗଳବାର ତାଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ଜଣାଯାଇଛି।

# ପଞ୍ଚୁପଲ୍ଲୀ ଓ ଶୈଲଙ୍ଗ ଶୀତବସ୍ତ୍ର ସହାୟତା

ଆନନ୍ଦପୁର, ୧୬।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ଓ ପୌରାଞ୍ଚଳର ଶୈଲଙ୍ଗରେ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରାଯାଇଛି। ଯୁବ ବିଜେପି ନେତା ତଥା ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଆଜି ପଞ୍ଚୁପଲ୍ଲୀରେ ୭୦ ଜଣ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧା ଏବଂ ଶୈଲଙ୍ଗରେ ୮୭ ଜଣଙ୍କୁ ଏହି ସହଯୋଗ କରାଯାଇଛି। ଶୈଳଙ୍ଗଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ସତ୍ୟନାରାୟଣ ସାହୁ, ରଞ୍ଜନ ପୁହାଣ, ଯଜ୍ଞଦତ୍ତ ପଣ୍ଡା, ଜଗନ୍ନାଥ ଦାସ, ପ୍ରଦୀପ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚୁପଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବିଜେପି ନେତା ହିମାଂଶୁ ଶେଖର ଜେନା, ରବୀନ୍ଦ୍ର ରାଉତ, ପାକୁ ଜେନା, କେଶବ ଦେହୁରୀ, ଅନାଦି ଖଟୁଆ, ଶ୍ୟାମସୁନ୍ଦର ମହାନ୍ତି, ରୋଗା ସାମଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯଜ୍ଞପ୍ରସାଦ ସାହୁଙ୍କ ଏଭଳି ସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ୩ ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ

ଗହଣା ଦୋକାନୀ ଘରେ ସଶସ୍ତ୍ର ଡକାୟତି

ଘଟଗାଁ, ୧୬।୧୨ (ସମିସ): କେନ୍ଦୁଝର ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡ଼ା ଥାନାଠାରୁ ଅଳ୍ପ ଦୂରରେ ଥିବା ସଞ୍ଜୟ ଜ୍ୱେଲେରୀ ମାଲିକ ଘରେ ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ତିନି ଜଣ ମୁହଁରେ ମୁଖା ପିନ୍ଧି ବନ୍ଧୁକ ଓ ଭୁଜାଲି ମାଡ଼ କରି ମାତ୍ର ୧୫ ମିନିଟ ମଧ୍ୟରେ ଲୁଟ୍ କରି ପଳାଇଛନ୍ତି। ଉକ୍ତ ଗହଣା ଦୋକାନର ମାଲିକ ସଞ୍ଜୟ ରଣା ଗତକାଲି ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସଉଦା କିଣିବାକୁ ଯାଇଥିବା ସମୟରେ ଏକ ଚାରିଚକିଆ ଗାଡ଼ିରେ ୩ ଜଣ ଦୁର୍ବୃତ୍ତ ଏହି ଲୁଟ୍ କରିଥିବା ଜଣାପଡ଼ିଛି। ବାପା ରଣଜିତ ରଣା ଓ ମାଆ ଦିରବତୀଙ୍କୁ ମାଡ଼ ମାରି ଗୋଟିଏ ଘରେ ପୁରାଇ ବାହାରୁ ଶିକୁଳି ଦେଇଥିଲେ। ସଞ୍ଜୟ ଫେରି ଦେଖିଲା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପାଣ୍ଡପଡା ଥାନାଧିକାରୀ ଲକ୍ଷ୍ମୀଧର ପ୍ରଧାନ ସଦଳବଳେ ପହଞ୍ଚି ତନାଘନା କରିଥିଲେ। ପୁଲିସ ବିଭିନ୍ନ ରାସ୍ତା ଓ ଟୋଲଗେଟ୍‌ଗୁଡ଼ିକର ଯାଞ୍ଚ କଡ଼ାକଡ଼ି କରିଛି। କେନ୍ଦୁଝର ଏଏସପି ପ୍ରତ୍ୟୁଷ ମହାପାତ୍ର ଆଜି ଦିନତମାମ ବିଭିନ୍ନ ସ୍ଥାନକୁ ଯାଇ ସିସିଟିଭି ଯାଞ୍ଚ କରିଛନ୍ତି। ଦୁଇଟି ସାଇଣ୍ଟିଫିକ ଦଳ ଦ୍ୱାରା ତଦନ୍ତ ଜାରି ରହିଛି। ସଂଜୟଙ୍କ ଅଭିଯୋଗ ଅନୁଯାୟୀ, ୨୦୦ ଗ୍ରାମ ସୁନା, ୧୨ କେଜି ରୁପା, ଓ ନଗଦ ୪.୫୦ ହଜାର ଟଙ୍କା ଲୁଟ ହୋଇଛି। ପଣ୍ଡାପଡ଼ା ଦୋକାନରେ ଥିବା ସଞ୍ଜୟଙ୍କ ଜୁଏଲାରୀ ଦୋକାନରେ ଆଗରୁ ଦୁଇ ଦୁଇ ଥର ଡକାୟତ ଉଦ୍ୟମ କରି ବିଫଳ ହୋଇଥିଲେ।

# ଗୋରୁ ବୋଝେଇ ପିକଅପ୍ ଦୁର୍ଘଟଣାଗ୍ରସ୍ତ; ୧ ଗୋରୁ ମୃତ, ୧ ଆହତ

ଶୁଳିଆପଦା,୧୬।୧୨(ସମିସ):ଶୁଳିଆପଦା ବ୍ଲକ୍ କୋଷ୍ଠା କଲେଜ ଛକ (ମହୁଲି ଛକ) ନିକଟରେ ଏକ ବେଆଇନ ଗୋରୁ ବୋଝେଇ ପିକଅପ୍ ରାସ୍ତା କଡ଼ରେ ଥିବା ଏକ ଗଛ ସହିତ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଆହତ ହୋଇଛି। ଗତକାଲି ରାତି ୩ଟା ସମୟରେ ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁ ରାତ୍ର ପାଟ୍ରୋଲିଂରେ ଯାଇଥିବାବେଳେ କୋଷ୍ଠା କଲେଜ ଛକରେ ଦ୍ରୁତ ଗତିରେ ଯାଉଥିବା ପିକଅପ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ଗାଡ଼ି ଚାଳକ ପୁଲିସକୁ ଦେଖି ପିକଅପ୍‌କୁ ପଛ ପଟେ ବୁଲାଇବାକୁ ଚେଷ୍ଟା କରୁଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା। ପିକ୍‌ଅପ୍‌ରେ ୧୦ଟି ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ସେଥିରୁ ଗୋଟିଏ ଗୋରୁ ମରିଯାଇଥିବାବେଳେ ଗୋଟିଏ ଆହତ ହୋଇଛି। ଚାଳକ ଫେରାର ହୋଇଯାଇଥିବପାବେଳେ ସହଯୋଗୀ ବଡସାହି ବ୍ଲକ୍ ଅଧୀନ ବାଲିଜୁଡା ଅଞ୍ଚଳର ଗୋପାଳ ସିଂଙ୍କ ପୁଅ ରୁହିୟା ସିଂ ଥାନାରେ ଅଟକ ରହିଛି।

# ବଳରାମପୁରରେ ସାଂସଦ ଖେଳ ମହୋତ୍ସବ




ଆନନ୍ଦପୁର,୧୬।୧୨(ସମିସ): ଘଷିପୁରା ବ୍ଲକ ବଳରାମପୁରରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିଜେପି ନେତା ଡ ଶମ୍ଭୁନାଥ ରାଉତଙ୍କ ସଭାପତିତ୍ୱରେସଭାରେମୁଖ୍ୟଅତିଥିରୂପେଆନନ୍ଦପୁରଉପଜିଲ୍ଲାପାଳନୀଳମାଧବସୁନା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ବଳରାମପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଅନିଲ ନାୟକ ଓ ଖେଳ ଶିକ୍ଷକ ବିଜୟ କୁମାର ସାହୁ, ପ୍ରକାଶଚନ୍ଦ୍ର ବିଶ୍ୱାଳ, ଭଞ୍ଜ ସୋରେନ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

# ପଦ୍ମନାଭପୁର ଟୋଲ କର୍ମଚାରୀଙ୍କ ଆକ୍ରମଣରେ ଟ୍ରକ୍ ଚାଳକ ଆହତ



ବୈଶିଙ୍ଗା,୧୬।୧୨(ସମିସ): ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟରେ ଟୋଲ କର୍ମଚାରୀ ଜଣେ ଟ୍ରକ ଚାଳକଙ୍କୁ ଅଧିକ ଟଙ୍କା ଦାବିକରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରି ୩ ହଜାର ଟଙ୍କା ଛଡାଇନେବା ଘଟଣାରେ ଟ୍ରକ ଚାଳକଙ୍କ ଏତଲା କ୍ରମେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବୈଶିଙ୍ଗା ପୁଲିସ। ଏତଲାକାରୀ ଉତ୍ତରପ୍ରଦେଶ ମୋରାଦାବାଦ ଜିଲ୍ଲା ରୂପପୁର ଅଞ୍ଚଳର ସାଇବାନ ବାବୁଙ୍କ ଅଭିଯୋଗ ମୁତାବକ ସେ କଣ୍ଟେନରରେ ମାଲ ଲୋଡ୍ କରି ଯାଉଥିବାବେଳେ ପଦ୍ମନାଭପୁର ଟୋଲଗେଟରେ ଟୋଲ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଓଭରଲୋଡ଼ ଅଛି କହି ଅଧିକ ଟଙ୍କା ମାଗିଥିଲେ। ମନା କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଅଭିଯୋଗ ପାଇ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ବିପଦସଙ୍କୁଳ ପୋଲର ମରାମତି ଦାବି

ରାଇରଙ୍ଗପୁର,୧୬।୧୨(ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ପଞ୍ଚାୟତର ଯୋଡ଼ାପୋଖରୀ କେନାଲ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ମଙ୍ଗଳବାର ଖବର ପ୍ରକାଶ ପାଇବା ପରେ ମରାମତି କାର୍ଯ୍ୟ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ପୋଲ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଙ୍କୁଳ ଅବସ୍ଥାରେ ପଡ଼ିଛି। ଏହି ପୋଲ ଦେଇ କୌଣସି ଭାରୀଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ରହିଛି। ପୋଲ ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତିଦିନ ଶତାଧିକ ଭାରୀଯାନ ଏହି ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ମଧ୍ୟ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ନେତା, ସରକାରୀ ବାବୁ ଯିବାଆସିବା କରୁଥିଲେ ମଧ୍ୟ ପୋଲ ଅବସ୍ଥା ଉପରେ କାହାର ନଜର ପଡୁନାହିଁ। ଏହାର ମରାମତି ନିମନ୍ତେ ମାସା ସଂଗଠନ ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମରାମତି ନେଇ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ



ରାଇରଙ୍ଗପୁର,୧୬।୧୨(ସମିସ): ଯଶିପୁର ବ୍ଲକସ୍ଥ ସୁଆଁପାଳ ଆଶ୍ରମ ବିଦ୍ୟାଳୟକୁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଳି ପରିଦର୍ଶନ କରିଛନ୍ତି। ଆଶ୍ରମ ବିଦ୍ୟାଳୟ ପରିସର ଉଭୟ ବୁଲି ଦେଖିଥିଲେ। ଏ ଗସ୍ତ ଅବସରରେ ବିଦ୍ୟାଳୟଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରଦାନ ହେଉଥିବା କମ୍ବଳ ଓ ମଶାରୀ ଅନୁଧ୍ୟାନ କରିଥିଲେ। ଶିକ୍ଷାଦାନ ବ୍ୟବସ୍ଥା ନେଇ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିଲାଙ୍କ ସହ ଆଲୋଚନା କରିଥିଲେ। ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ କରଞ୍ଜିଆ ଉପଜିଲ୍ଲାପାଳ, ଯଶିପୁର ବିଡିଓ ଓ ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ସୋଲଗଡିଆ ପ୍ରକଳ୍ପ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

କପ୍ତିପଦା,୧୬।୧୨(ସମିସ): କପ୍ତିପଦା ବ୍ଲକ ଅଧୀନ ସୋଲଗଡିଆ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୨୭୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ କପ୍ତିପଦା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କ୍ରୀଡ଼ା ଶାରୀରିକ ଓ ମାନସିକ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ସଭାପତି କହିଥିଲେ।



ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷିତୀଶ ନାୟକ ବିଶିଷ୍ଟ ଅତିଥି, ସିଆରସିସି ଦଶରଥ ମୁର୍ମୁ ମୁଖ୍ୟବକ୍ତା, ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବାବୁରାମ ସେଠୀ, ଶିକ୍ଷୟିତ୍ରୀ ତୁଳସୀ ସାମଲ, କମଳାମଣି ଦାସ, ସିପ୍ରା ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ପ୍ରଧାନଶିକ୍ଷକ ରାଜକିଶୋର ବେହେରାଙ୍କ ସଭାପତିତ୍ୱରେ ଏହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବାବୁରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
# ଦ୍ୱିତୀୟ ପର୍ଯ୍ୟାୟରେ ଯିବେ ରମେଶ୍ୱରମ-ମଦୁରାଇ

ବାରିପଦା, ୧୬।୧୨(ସମିସ):ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷକରି ଯେଉଁମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥଯାତ୍ରାରୁ ବଞ୍ଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଏହି ମନୋନୀତ ବରିଷ୍ଠ ନାଗରିକ ଆସନ୍ତା ବର୍ଷ ଜାନୁଆରୀ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ତୀର୍ଥଯାତ୍ରାରେ ରାମେଶ୍ୱରମ-ମଦୁରାଇ ଯିବାକୁ ଥିବାବେଳେ ୬ ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକଙ୍କୁ ଆଣି ସକାଳ ୮ ଘଟିକା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ପରେ ସକାଳ ୯ ଘଟିକା ସମୟରେ ଡାକ୍ତରୀ ପରୀକ୍ଷା କରାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯାତ୍ରା କରିବା ପାଇଁ ଯେଉଁମାନେ ଶାରୀରିକ ଭାବେ ସୁସ୍ଥ ବିବେଚିତ ହେବେ ସେମାନଙ୍କୁ ତୀର୍ଥ ଯାତ୍ରା ପାଇଁ ଅନୁମତି ଦିଆଯିବ। ଅପରାହ୍ନ ୩ଘଟିକା ସମୟରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱରରେ ରାତ୍ର ରହଣୀ ପରେ ପରଦିନ ୭ ତାରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ରମେଶ୍ୱରମ-ମଦୁରାଇ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ସେମାନଙ୍କ ସହିତ ଯିବାର ବ୍ୟବସ୍ଥା ହୋଇଛି। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୧୨ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀଣୀ ସତ୍ୟଭାମା ବେହେରା ସୂଚନା ଦେଇଛନ୍ତି।

# ଏମ୍‌ସିଏମ୍‌ର ଆନ୍ତଃମହାବିଦ୍ୟାଳୟ କ୍ରିକେଟ କୋଚିଂ ଶିବିର



ବାରିପଦା,୧୬।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟରେ ନିକଟ ଅତୀତରେ ଏକ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ୨୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଦୁଇଦିନ ଧରି ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ରାଇରଙ୍ଗପୁର ମହାବିଦ୍ୟାଳୟ, ଉଦଳା ଡିଗ୍ରୀ କଲେଜ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରପୋଷି, ପିଏସ କଲେଜ, ଶୁଳିଆପଦା, ସୀମାନ୍ତ କଲେଜ, ଝାରପୋଖରିଆ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଓ ୟୁଏନ କଲେଜ, ନଳଗଜାର ଛାତ୍ର ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳନା କରାଯାଇଥିଲା। ଖେଳ ଅଧିକାରୀ ସମ୍ବିତ ମିଶ୍ର ଓ ବାସ୍ତବ ମହାନ୍ତ ଏହାର ପରିଚାଳନା ଦାୟିତ୍ୱରେ ଥିଲେ। ଏହି ଶିବିରରୁ ୧୬ ଜଣ ପିଲାଙ୍କୁ ଚୟନ କରଯାଇ ସେମାନେ ଆଗାମୀ ଜୋନ୍‌ସ୍ତରୀୟ ମ୍ୟାଚରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିବିରକୁ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସିର ଅଧ୍ୟକ୍ଷ ପ୍ରଦୀପ ନାୟକ, ବିଶ୍ୱବିଦ୍ୟାଳୟ ଖେଳ ଅଧିକାରୀ ପ୍ରଦୀପ୍ତ ଦାସ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ସଦସ୍ୟ ତଥା ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ ଜେନା, ମୟୂରଭଞ୍ଜ ଜିଲ୍ଲାର ପୁରୁଖା ଖେଳାଳି ରଂଜିତ ନାୟକ ଉଦଘାଟନ କରିଥିଲେ।

# ଅବକାରୀ ବିଭାଗର ଚଢ଼ଉ
# ମହୁଲ ପୋଚ ନଷ୍ଟ, ଦେଶୀ ମଦ ଜବତ



ବେତନଟୀ, ୧୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବଡ଼ସାହି ଥାନା ଅଧୀନ ଚହଲାପଦା ଓ ବର୍ଦ୍ଧନାଠାରେ ଚଢ଼ଉ କରାଯାଇ ସେଠାରୁ ବେଆଇନ ଦେଶୀ ମଦ ଓ ମହୁଲ ପୋଚ, ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରା ଓ ଉଦଳା ଅବକାରୀ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ, ବାରିପଦା ମୋବାଇଲ ଟିମ ମିଳିତ ଭାବେ ଦୁଇଟି ପୃଥକ ପୃଥକ ସ୍ଥାନ ଚହଲାପଦା ଓ ବର୍ଦ୍ଧନା ଜଙ୍ଗଲରେ ଚଢ଼ଉ କରିଥିଲେ। ଗୋଟିଏ ସ୍ଥାନରେ ୧୨, ୨୦୦ ଓ ଅନ୍ୟ ସ୍ଥାନରେ ୨, ୭୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବାବେଳେ ଦୁଇଟି ସ୍ଥାନରୁ ୭୮୦ ଓ ୨୪୦ ଲିଟର ଲେଖାଏଁ ବେଆଇନ ଦେଶୀ ମଦ ଜବତ କରିବା ସହ ସେଠାରୁ ବାହାରିଥିବା ବିଭିନ୍ନ ପ୍ରକାର ମଦ ତିଆରି ସାମଗ୍ରୀକୁ ନଷ୍ଟ କରାଯାଇଛି। ଚଢ଼ଉ ବେଳେ ବେତନଟୀ ଥାନା ଛଚିନାପଦା ଗ୍ରାମର ଛତିଶ ଚନ୍ଦ୍ର ମହାନ୍ତଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ନିକଟରୁ ୧୪ ଲିଟର ଦେଶୀ ମଦ ମିଳିଥିବା ସୂଚନା ମିଳିଛି।

# କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ତୃତୀୟ ସନ୍ଧ୍ୟା



ଉଦଳା,୧୬।୧୨(ସମିସ): ସ୍ଥାନୀୟ ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସା-୨୦୨୫ର ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ସୁଧନ୍ୟା ନାଏକ, ଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟଜିତ ରାଉତ ପ୍ରମୁଖ ଯୋଗଦେଇ କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଐତିହ୍ୟ, ପରମ୍ପରା, ଭାଷା, କଳା ଓ ସଂସ୍କୃତିର ନିଦର୍ଶନ ସାଜିଛି ବୋଲି ପ୍ରକାଶ କରିଥିଲେ। ଉପଖଣ୍ଡର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ଏହି ମହୋତ୍ସବ। ତୃତୀୟ ସନ୍ଧ୍ୟାର ଆୟୋଜକର ଦାୟିତ୍ୱ ତୁଲାଇଥିଲେ ଖୁଣ୍ଟା ପଞ୍ଚାୟତ ସମିତି। ମୁଖ୍ୟ ଆକର୍ଷଣ ଥିଲା ସିନେ ତାରକା ସ୍ୱରାଜ ବାରିକ ଓ ମନିସାଙ୍କ କାର୍ଯ୍ୟକ୍ରମ। ସେହିପରି ସ୍ୱର ଓଡ଼ିଶାର କଳିଙ୍ଗ ଷ୍ଟାର ଗାୟକ ତାପସ ବିଦ୍ଧାଣୀ ଓ ଗାୟିକା ଲିପିଙ୍କ ଗୀତରେ ଝୁମିଥିଲେ ଦର୍ଶକ। ସ୍ୱତନ୍ତ୍ର ଆକର୍ଷଣ ଥିଲା ସାନ୍ତାଳୀ ଗାୟିକା ପୋରାୟନି ସରେନ ଓ ଗାୟକ ଗୋପୀଙ୍କ ସଙ୍ଗୀତ ପରିବେଷଣ।

# ବିଦ୍ୟାଳୟ ଓ ଗଣଶିକ୍ଷା ଉପନର୍ଦ୍ଦେଶକଙ୍କ ପରିଦର୍ଶନ

ତୁରୁମୁଙ୍ଗା, ୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଫୁଲକଅଁଳେଇ ଉଚ୍ଚବିଦ୍ୟାଳୟ ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ରେଟିଂ ପ୍ରକ୍ରିୟାରେ ଚଳିତବର୍ଷ ପଞ୍ଚତାରକା ପ୍ରମାଣପତ୍ର ପାଇଥିବାରୁ ମଙ୍ଗଳବାର ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଜେନା ଗସ୍ତ କରି ଭିନ୍ନ ଭିନ୍ନ କ୍ଷେତ୍ର ଯାଞ୍ଚ କରିଥିଲେ। ବିଦ୍ୟାଳୟର ଶୌଚାଳୟ, ପାନୀୟଜଳ, ବର୍ଷାଜଳ ଅମଳ ପ୍ରକଳ୍ପ, ସୌର ବିଦ୍ୟୁତ ପ୍ରକଳ୍ପ, ଶିଶୁ ଉଦ୍ୟାନ, ପରିବା ବଗିଚା, ଔଷଧୀୟ ବଗିଚା, ଶ୍ରେଣୀଗୃହ ପାଠାଗାର, ଜଳଛତ୍ର, ପରିମଳ ଜଳ ପରିଚାଳନା ଜୈବସାର ପ୍ରସ୍ତୁତି ଆଦି ପ୍ରକଳ୍ପ ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଯତ୍ନଶୀଳ ହେବା ପାଇଁ ଉପଦେଶ ଦେଇଥିଲେ। ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଜେନାଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତା ତ୍ରିପାଠୀ, ବୈଷୟିକ ସହାୟକ ସୂର୍ଯ୍ୟକାନ୍ତ ସୁତାର, ଜିଲ୍ଲା ସଂଯୋଜକ ରଶ୍ମିରଞ୍ଜନ ସାହୁ ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତଙ୍କ ସହ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବେଲବାହାଲିରେ ଜବରଦଖଲ ଉଚ୍ଛେଦ

ଆନନ୍ଦପୁର, ୧୬।୧୨ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବେଲବାହାଲିରେ ଜବରଦଖଲ ଉଚ୍ଛେଦ ହୋଇଛି। ବିରୋଧ ସତ୍ତ୍ୱେ ଦୀର୍ଘ ଦିନରୁ ଲାଗିରହିଥିବା ବିବାଦର ସମାଧାନ ଏବେ ଅନ୍ତିମ ପର୍ଯ୍ୟାୟରେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଭୁକ୍ତ ବେଲବାହାଲି ଗ୍ରାମର କାଳୀ ମନ୍ଦିର ଉଚ୍ଛେଦ ପ୍ରକ୍ରିୟା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଜାରି ହୋଇଛି। ବେଲବାହାଲି ଗ୍ରାମର ଆମୋଦ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ସମ୍ମୁଖରେ ସେହି ଗ୍ରାମର ମୋହନ ଚରଣ ସାହୁ ସରକାରୀ ଜାଗା ଜବରଦଖଲ କରି ସେଠାରେ ମନ୍ଦିର ଓ ପାଚେରି ନିର୍ମାଣ କରିଛନ୍ତି। ଏହାକୁ ଆମୋଦ ବିରୋଧ କରି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଛି। ଦୀର୍ଘବର୍ଷର ଭାବାବେଗ ଦୃଷ୍ଟିରୁ ଗ୍ରାମବାସୀ କାଳୀ ମନ୍ଦିର ଉଚ୍ଛେଦକୁ ବିରୋଧ କରି ଦୀପ ଜାଳି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଗ୍ରାମବାସୀ ଓ ଘର ମାଲିକଙ୍କ ସହଭାଗିତାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ପ୍ରଶାସନ ପକ୍ଷରୁ ଆମୋଦ ବିଶ୍ୱାଳଙ୍କ ଘରକୁ ଅବରୋଧ କରୁଥିବା ପାଚେରି ଉଚ୍ଛେଦ କରାଯାଇଛି।

# ଜମୁଛି ଆନନ୍ଦପୁର ବାଣିଜ୍ୟ ମହୋତ୍ସବ




ଆନନ୍ଦପୁର,୧୬।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଛି। ମନୋହରୀ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ତହସିଲଦାର ପଲ୍ଲବୀ ପ୍ରିୟ ଦର୍ଶନୀ ହାଟଡିହି ବିଡ଼ିଓ ରଶ୍ମିରଞ୍ଜନ ପରିଡା ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗାଗୁରୁ ଅନ୍ନଦା ଶଙ୍କର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ସରଗମ ନୃତ୍ୟାନୁଷ୍ଠାନ, ଢେଙ୍କାନାଳ ଓ ସାଇକଳାନୃତ୍ୟାନୁଷ୍ଠାନ, ଯାଜପୁରରୋଡର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବ୍ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ମିପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା, ୧୬।୧୨(ସମିସ): ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ ହୋଇଛି। ସାଧାରଣ ସମ୍ପାଦକ ବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କ୍ରୀଡା ଶାରୀରିକ ତଥା ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ ବେହେରା, ବକ୍ସିଂ ସମ୍ପାଦକ ରବୀନ୍ଦ୍ର ମହାନ୍ତି, ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ଫୁଟବଲ ସମ୍ପାଦକ ଅମର ସେଠୀ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ କ୍ରୀଡ଼ାବିତ ମଣ୍ଟୁ ଦା, ଭାନୁପ୍ରତାପ ଭଞ୍ଜଦେଓ ଓ ମନୋରଞ୍ଜନ ଜାଉ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୩୦ ଜଣ କ୍ରୀଡା ପ୍ରଶିକ୍ଷକ ଖେଳ ପରିଚାଳନା କରୁଛନ୍ତି। ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ ବାଳକ/ବାଳିକା ଓ ପୁରୁଷ/ମହିଳା ବିଭାଗରେ ଦୌଡ଼, ଲମ୍ବଡିଆଁ, ଡିସ୍କସ, ସଟପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରାଇରଙ୍ଗପୁର ଓ କରଞ୍ଜିଆ ସବଡିଭିଜନରୁ ପୂର୍ବତନ ଜାତୀୟ କ୍ରୀଡ଼ାବିତ ଦିଗେଶ୍ୱର ମହାନ୍ତ ଓ ତ୍ରିଲୋଚନ ମହାନ୍ତ ଖେଳାଳିଙ୍କ ସହ ଯୋଗଦେଇଥିଲେ।

# ଶବ ହୋଇ ଫେରିଲେ ଦାଦନ ଶ୍ରମିକ

ଠାକୁରମୁଣ୍ଡା,୧୬।୧୨ (ସମିସ): ଦିଗଧର ପଞ୍ଚାୟତ ଅନ୍ତର୍ଗତ ସୁନିନ୍ଦା ଗ୍ରାମର ଅକ୍ଷୟ ନାୟକ ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ। ଅସୁସ୍ଥ ହେବାରୁ ତାଙ୍କୁ କୋଲାର ଜିଲ୍ଲା ନରସିଂହରାଜ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶବକୁ ଗ୍ରାମକୁ ଆଣିବାକୁ ତାଙ୍କ ସ୍ତ୍ରୀ ସକ୍ଷମ ନ ଥିଲେ। ଏ ନେଇ ଠାକୁରମୁଣ୍ଡା ସୁନିନ୍ଦା ଗ୍ରାମରେ ଥିବା ତାଙ୍କ ପରିବାରର ସଦସ୍ୟ ସାଂସଦ ଅନନ୍ତ ନାୟକଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ସାଂସଦଙ୍କ ହସ୍ତକ୍ଷେପ ପରେ ତାଙ୍କ ଶବ ଗ୍ରାମକୁ ଅଣାଯାଇଥିବା ଜଣାପଡ଼ିଛି।

# ପୃଥକ ଦୁର୍ଘଟଣା
# ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ସହ ୨ ମୃତ

ଯୋଡ଼ା/ଆନନ୍ଦପୁର, ୧୬।୧୨(ସମିସ):

ଦୁଇ ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କର ପ୍ରାଣହାନି ହୋଇଛି। କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ କଣ୍ଡରା କାରଣସାହି ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକ କିଶୋର କୁମାର ନାଏକଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ପୁଲିସ ମୃତଦେହକୁ ନିକଟ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ୨୦ ନମ୍ବର ଜାତୀୟ ରାଜପଥର ଅଧାଗଡ଼ା ରାସ୍ତାରେ ଘଟିଥିବା ଅନ୍ୟ ଏକ ଦୁର୍ଘଟଣାରେ ଜଣେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଆନନ୍ଦପୁର ବ୍ଲକ୍ ଟୁକୁଣା ଗାଁର ପଣ୍ଡିତ ରାମଚନ୍ଦ୍ର ମିଶ୍ର (୮୪)ଙ୍କ ମୃତ୍ୟୁ ହୋଇଛି। ଦିନ ସାଢେ ଗୋଟାଏବେଳେ ଶ୍ରୀ ମିଶ୍ର ବଡ଼ପୁଅ ଶିକ୍ଷକ କାଳୀପଦ ମିଶ୍ରଙ୍କ ସହ ବାଇକ୍‌ରେ ଯାଉଥିବାବେଳେ ଶାଳପଡ଼ା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଶ୍ରୀ ମିଶ୍ରଙ୍କୁ ସଙ୍ଗେସଙ୍ଗେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାପରେ କିଛିସମୟପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଘସିପୁରା ପୁଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ୍ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପୈତୃକ ଗ୍ରାମ ଟୁକୁଣାକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର କାଳୀପଦଙ୍କ ସମେତ ମଧ୍ୟମ ପୁଅ ସାମ୍ବାଦିକ ଦିଲ୍ଲୀପ ମିଶ୍ର, ସାନପୁଅ ଅଶୋକ ମିଶ୍ର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୈତରଣୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ମିଶ୍ର ଦୀର୍ଘବର୍ଷ ଧରି ଆନନ୍ଦପୁର ବିଏନ୍ ହାଇସ୍କୁଲରେ ସଂସ୍କୃତ ଶିକ୍ଷକଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ପକ୍ଷରୁ ଶୋକ ପ୍ରକାଶ ପାଇଛି।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ଦୂରଯାତ୍ରାକୁ ଯିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

- ୧୬୪୫- ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ପତ୍ନୀ ନୂରଜହାଁଙ୍କ ଦେହାନ୍ତ।
- ୧୯୦୨- ମାର୍କୋନି ପ୍ରଥମ ଥର ରେଡିଓ ଷ୍ଟେସନ୍ ନିର୍ମାଣ କଲେ।
- ୧୯୭୧- ଭାରତ-ପାକ୍ ଯୁଦ୍ଧ ସମାପ୍ତ।
- ୧୯୯୬- ନ୍ୟାସନାଲ୍ ଫୁଟବଲ ଲିଗ୍‌ର ଶୁଭାରମ୍ଭ।
- ୨୦୦୨- ତୁର୍କୀ କାଶ୍ମୀର ପ୍ରସଙ୍ଗରେ ଭାରତର ସମର୍ଥନ କଲା।
- ୨୦୦୮ - ଶୀଲା ଦୀକ୍ଷିତ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।

ଆଜି ଆସିଥିଲେ

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୮୭୦ ମସିହା ଆଜିର ଦିନରେ ମୟୂରଭଞ୍ଜ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଭଞ୍ଜ। ୧୮୯୨ ଅଗଷ୍ଟରେ ସେ ରାଜସିଂହାସନ ଆରୋହଣ କରିଥିଲେ ଏବଂ କ୍ରମେ ଜଣେ ପ୍ରଜାବତ୍ସଳ ରାଜା ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଜନ୍ମମାଟି ମୟୂରଭଞ୍ଜ ଓ ଉତ୍କଳମାତାର ସର୍ବାଙ୍ଗୀନ ଉନ୍ନତି ହିଁ ଥିଲା ତାଙ୍କ ଜୀବନର ମହାମନ୍ତ୍ର। ଶ୍ରୀରାମଚନ୍ଦ୍ର ଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ଶିକ୍ଷା, କୃଷି, ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିଥିଲେ। ତାଙ୍କର ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା। ମୟୂରଭଞ୍ଜରୁ ଶ୍ରୀରାମଚନ୍ଦ୍ର ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିବାବେଳେ ତାଙ୍କ ପିତା ପ୍ରାଣ ହରାଇଥିଲେ। ପିତାଙ୍କ ମୃତ୍ୟୁ ପରେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଛୋଟ ଲାଟସାହେବଙ୍କ ସହାୟତାରେ ସେ ବିଦ୍ୟା ଅଧ୍ୟୟନ କରିଥିଲେ। ଏହାପରେ ସେ କଟକ ଯାଇ ବ୍ରେଟାମ୍ କିଡେଲ୍ ସାହେବଙ୍କ ପାଖରେ ରହି ୧୨ ବର୍ଷ ଶିକ୍ଷାଲାଭ କରିବା ପରେ ୧୮୮୮ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ବି.ଏ. ପଢୁଥିବା ସମୟରେ ସେ ସାବାଳକ ହୋଇ ରାଜଗାଦିରେ ବସିବାରୁ ପରୀକ୍ଷା ଦେଇ ପାରି ନ ଥିଲେ। ୧୮୯୬ରେ ସେ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ। ତାଙ୍କ ଶାସନ କାଳରେ ମୟୂରଭଞ୍ଜର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୟୂରଭଞ୍ଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜର ଶ୍ରମ, ସମୟ ଓ ଅଜସ୍ର ଅର୍ଥରାଶିକୁ ବିନିଯୋଗ କରିଥିଲେ। ଏହି ସମୟରେ ରାଜ୍ୟର ପ୍ରଥମ ରେଳରାସ୍ତା ରୁପ୍ସାଠାରୁ ତାଳବନ୍ଧ ପର୍ଯ୍ୟନ୍ତ ନିର୍ମାଣ, ହଳଦିଆ ଓ ହଳଡିହଠାରେ ଦୁଇଟି ଜଳଭଣ୍ଡାର ନିର୍ମାଣ, ସ୍ୱଚ୍ଛ ଶାସନ ପାଇଁ ମୟୂରଭଞ୍ଜ ଷ୍ଟେଟ୍ କାଉନସିଲ୍ ଗଠନ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ପଦକ୍ଷେପ ସହ ପୋଲିସ୍ ବିଭାଗ ସୃଷ୍ଟି ତା'ର ଜ୍ୱଳନ୍ତ ଉଦାହରଣ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ କଟକର ଇଦ୍‌ଗା ମୈଦାନରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ରାଜକୋଷର ଅର୍ଥକୁ ସେ ନିଜର ବୋଲି ଭାବୁ ନ ଥିଲେ। ପିତା ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରି କଟକ ମେଡିକାଲ ସ୍କୁଲ ଓ ରେଭେନ୍ସା କଲେଜକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ପାଇଁ ସେ ବିପୁଳ ଅର୍ଥ ରାଶି ଦାନ କରିଥିଲେ। ଶ୍ରୀରାମଚନ୍ଦ୍ରଙ୍କ ଦାନରେ ହିଁ କଟକରେ ପ୍ରଥମ ମେଡିକାଲ ସ୍କୁଲ ସ୍ଥାପିତ ହୋଇଥିଲା। ଯାହା ଏବେ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ ହୋଇଛି। କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଥିଲା। ତାଙ୍କ ପୃଷ୍ଠପୋଷକତାରୁ ବାରିପଦାରୁ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ରେଭେନ୍ସା କଲେଜରେ ବିଜ୍ଞାନ ବିଭାଗ ଖୋଲିବାରେ ସେ ସାହାଯ୍ୟ କରିଥିଲେ। ମହାରାଜାଙ୍କ ଶାସନକାଳ ୧୮୯୨ରୁ ୧୯୧୨ ଥିଲା ଭଞ୍ଜବଂଶ ଶାସନର ସୁବର୍ଣ୍ଣଯୁଗ। ଶାସନ ବ୍ୟବସ୍ଥା ପାଇଁ ତତ୍କାଳୀନ ବ୍ରିଟିଶ୍ ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ। ୧୯୧୨ ମସିହା ଫେବୃଆରୀ ୨୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଭଳି ଜଣେ ଜନହିତୈଷୀ ରାଜା ଇତିହାସରେ ବିରଳ। ବାସ୍ତବିକ ସେ ଥିଲେ ମାନବିକତା, ପ୍ରଜାବତ୍ସଳତା, ଉଦାରତା ସର୍ବୋପରି ଆଦର୍ଶ ଓ ପାଣ୍ଡିତ୍ୟର ଅନନ୍ୟ ଉଦାହରଣ।

# ଫେସ୍‌ମାସ୍କରେ ଫର୍ଜି ଉପସ୍ଥିତି



ଟେକ୍ନୋଲୋଜି କ୍ଷେତ୍ରରେ ଚୀନ୍ ସର୍ବଦା ଆଗରେ ରହିଥାଏ। ଚୀନ୍‌ରେ ପ୍ରତିଦିନ ନୂଆ ନୂଆ କଥା ଦେଖିବାକୁ ମିଳିଥାଏ। ଚୀନ୍‌ରେ ୱେନ୍‌ଝୋଉରେ ଥିବା ଏକ ସମିତିରେ କାମ କରୁଥିବା ଜଣେ କର୍ମଚାରୀ ଅଫିସ୍‌ରେ ଅନୁପସ୍ଥିତ ଥିବା ସହକର୍ମୀଙ୍କ ଚେହେରାର ରଙ୍ଗୀନ ପ୍ରିଣ୍ଟ କାଢ଼ି ତାକୁ ମାସ୍କ ଭଳି ବ୍ୟବହାର କରି 'ଫେସ୍ ରିକଗିନିସନ୍' ପଦ୍ଧତିକୁ ଚକ୍‌ମା ଦେଉଥିବା କଥା ସାମ୍ନାକୁ ଆସିବା ପରେ ଏହା ସମସ୍ତଙ୍କୁ ଚକିତ କରିଛି। କେବଳ ସେତିକି ନୁହେଁ, ଏଭଳି ମାସ୍କ ପିନ୍ଧି ଅନୁପସ୍ଥିତ ଥିବା କର୍ମଚାରୀ ଜଣକ ଅଫିସ୍‌ରେ ଉପସ୍ଥିତ ଥିବା ଦର୍ଶାଯାଉଥିଲା। ତେବେ ଲି ନାମକ ଜଣେ ବ୍ୟକ୍ତି ଏନେଇ ଅଭିଯୋଗ କରିବା ପରେ ଏହି ତମାମ୍ ମାମଲା ଲୋକଲୋଚନକୁ ଆସିଥିଲା। ଏହି ପୂରା ଘଟଣା ଚେକ୍‌ଇନ୍ ମେସିନ୍ ଉପରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଲିଙ୍କ କହିବା କଥା, ସମିତି ସଚିବାଳୟର ଜଣେ ସଦସ୍ୟ ଅନେକ କର୍ମଚାରୀମାନଙ୍କର ଫେସ୍‌ମାସ୍କରେ ଏମିତି ଫର୍ଜି ଉପସ୍ଥିତି ଦର୍ଶାଉଥିଲେ। ଏଥିରେ ସମିତିର ସେକ୍ରେଟାରୀ ମଧ୍ୟ ସାମିଲ ଥିଲେ। ଏହି ସମିତି ଚୀନ୍‌ର ସବୁଠୁ ନିମ୍ନ ସ୍ତରର ଏକ ପ୍ରଶାସନିକ ସଂସ୍ଥା। ଏମାନେ ସରକାରୀ କର୍ମଚାରୀ ଭାବେ ପରିଗଣିତ ହୋଇ ନଥାନ୍ତି। ସେମାନଙ୍କୁ ଦରମା ବଦଳରେ ଭତ୍ତା ମିଳିଥାଏ। ତେବେ ଏହି ମାମଲାରେ କେତେଜଣ କର୍ମଚାରୀ ସାମିଲ ଅଛନ୍ତି ତାହା ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। ଏହି ମାମଲା ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସିକ୍ୟୁରିଟି ଓ ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏନେଇ ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ଡିସେମ୍ବର ଶେଷ ସୁଦ୍ଧା ଏନେଇ ବରିଷ୍ଠ ଅଧିକାରୀମାନେ କିଛି ନିଷ୍ପତ୍ତି ନେଇ ପାରନ୍ତି ବୋଲି ଜଣାପଡ଼ିଛି।

## 'ଟକ୍ସିକ୍', 'ଧୁରନ୍ଧର ୨'କୁ ଡରିଲେ ଅଜୟ

# ଘୁଞ୍ଚିଲା 'ଧମାଲ୍ ୪'



୨୦୨୬ ବର୍ଷ ସିନେପ୍ରେମୀଙ୍କ ପାଇଁ ବେଶ୍ ଖାସ୍ ହେବାକୁ ଯାଉଛି। ଆସନ୍ତା ବର୍ଷ ଆରମ୍ଭରେ ଅନେକ ବଡ଼ ତାରକାଙ୍କ ଦୀର୍ଘଦିନରୁ ବନ୍ଦ ହୋଇ ପଡ଼ି ରହିଥିବା ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ମାର୍ଚ୍ଚ ମାସରେ ମହାଲଢ଼େଇ ହେବାକୁ ଯାଉଛି। 'କେଜିଏଫ୍' ଫେମ୍ ଯଶ୍‌ଙ୍କ 'ଟକ୍ସିକ୍' ଇଦ୍ ଅବସରରେ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ। ଏହି ଦିନ ରଣବୀର ସିଂହଙ୍କ 'ଧୁରନ୍ଧର ପାର୍ଟ ୨' ମଧ୍ୟ ରିଲିଜ୍ ହେବ। ତେବେ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କରକୁ ଦେଖି ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ତାଙ୍କ କମେଡି ଫିଲ୍ମ 'ଧମାଲ୍ ୪'ର ରିଲିଜ୍‌କୁ ଆଗକୁ ଘୁଞ୍ଚାଇ ଦେଇଛନ୍ତି। ଏହା ମାର୍ଚ୍ଚ ୨୦ରେ ରିଲିଜ୍ ହେବାର ଥିଲା। ଅଜୟ ହିଁ ପ୍ରଥମ ବ୍ୟକ୍ତି ଯିଏ ତାଙ୍କ ଫିଲ୍ମକୁ ଇଦ୍ ଅବସରରେ ଘୋଷଣା କରିଥିଲେ। ଏବେ ଅଜୟ ଓ ତାଙ୍କ ଟିମ୍ ରିଲିଜ୍ ଡେଟ୍‌କୁ ଘୁଞ୍ଚାଇବା ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ମେ ମାସରେ ସେମାନେ ଏହି ଫିଲ୍ମକୁ ରିଲିଜ୍ କରିବା ପାଇଁ ଚିନ୍ତା କରୁଛନ୍ତି। ଏଠାରେ ପ୍ରକାଶ ଥାଉ କି, ଇଦ୍ ଅବସରରେ ଯଶ୍‌ଙ୍କ 'ଟକ୍ସିକ୍', ଅଦିବି ଶେଷଙ୍କ 'ଡକୈତ' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେବ। ଏଥିରେ ଯଶ୍‌ଙ୍କ ଫିଲ୍ମ ଭଲ ପ୍ରଦର୍ଶନ କରିବ ବୋଲି ଚର୍ଚ୍ଚା ହେଉଛି। କାରଣ ଏହା ହିନ୍ଦୀ, କନ୍ନଡ଼, ମଲାୟାଲମ୍, ତାମିଲ, ତେଲୁଗୁ ଭାଷାରେ ରିଲିଜ୍ ହେବ।

## ଆଜି ଚତୁର୍ଥ ଟି-୨୦

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ସୂର୍ଯ୍ୟ ସେନା

ଲକ୍ଷ୍ନୌ, ୧୬।୧୨ (ଏଜେନ୍ସି)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମୁକାବିଲା ବୁଧବାର ଖେଳାଯିବ। ସ୍ଥାନୀୟ ଏକାନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ରହିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏଠାରେ ବିଜୟୀ ହୋଇ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କିନ୍ତୁ ଏହି ମୁକାବିଲାକୁ ଜିତି ସିରିଜକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିବ। ପୂର୍ବରୁ ଟି-୨୦ ସିରିଜର ପ୍ରଥମ ଓ ୩ୟ ମ୍ୟାଚକୁ ଭାରତ ଯଥାକ୍ରମେ ୧୦୧ ରନ ଓ ୭ ୱିକେଟ୍‌ରେ ଜିତିଥିଲା। ଦ୍ୱିତୀୟ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୫୧ ରନରେ ବିଜୟୀ ହୋଇଥିଲା।

### ସଞ୍ଜୁଙ୍କ ମିଳିପାରେ ସୁଯୋଗ



ଘରୋଇ ଭାରତୀୟ ଦଳ ୨-୧ରେ ସିରିଜ ଅଗ୍ରଣୀ ରହିଥିଲେ ମଧ୍ୟ ଅଧିନାୟକ ସୂର୍ଯ୍ୟକୁମାର ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ ଚିନ୍ତାର କାରଣ ରହିଛି। ଗିଲ୍ ୩ଟି ଯାକ ମ୍ୟାଚରେ ଯଥାକ୍ରମେ ୪, ୦, ୨୮ ରନ କରିଛନ୍ତି। ସେହିଭଳି ସୂର୍ଯ୍ୟକୁମାର କଟକରେ ୧୨, ଚଣ୍ଡିଗଡ଼ରେ ୫ ଓ ତୃତୀୟ ଟି-୨୦ରେ ୧୨ ରନ କରିଥିଲେ। ତେଣୁ ଚତୁର୍ଥ ମୁକାବିଲାରେ ଗିଲ୍‌ଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଯଦି ଗିଲ୍‌ଙ୍କୁ ବିଶ୍ରାମ ଦିଆଯାଏ ତେବେ ଇନଫର୍ମ ୱିକେଟ୍‌କିପର ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ। ସଞ୍ଜୁ ଗତବର୍ଷ ଟି-୨୦ରେ ୩ଟି ଶତକ ମାରିଥିଲେ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

■ ଜାତୀୟ ସିନିଅର ହ୍ୟାଣ୍ଡବଲ୍

## ଓଡ଼ିଶା ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୧୬।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ମଙ୍ଗଳବାର ୨୮-୨୦ ସ୍କୋରରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଜାତୀୟସ୍ତରର ପ୍ରତିଯୋଗିତା ଲାଗି ଆଲୋକ କୁମାର ଭୋଇ ୧୮ ଜଣିଆ ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ସମ୍ବଲପୁରକୁ ହରାଇ ଫାଇନାଲ୍‌ରେ ସାଇ ଇଲେଭେନ




ଭାପୁର ତା୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଭୁବନେଶ୍ୱରର ସାଇ ଇଲେଭେନ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସାଇ ଇଲେଭେନ ୫୮ ରନରେ ଏମଏମସିସି ସମ୍ବଲପୁର ଦଳକୁ ହରାଇଥିଲା। ଟସ ଜିତି ସାଇ ଇଲେଭେନ ୨୦ ଓଭରରେ ୬ ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଆଦିତ୍ୟ ରାଉତ ୧୦୨ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ୫୫ ବଲର ଏହି ପାଳିରେ ସେ ୮ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ୨୩୦ ରନର ଲକ୍ଷ୍ୟକୁ ପିଛା କରିଥିବା ସମ୍ବଲପୁର ଦଳ ୧୭୧ ରନରେ ସିମୀତ ରହିଥିଲା। ଆଦିତ୍ୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜି ଖେଳିରେ ଦୁଇ ଆଇପିଏଲ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସର ଦୀପକ ପୁନିଆ ଓ ଓଡିଶା ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଦର୍ଶକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲେ। ଅଧ୍ୟାପକ ପ୍ରସନ୍ନ ମହାରଣା ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଗ୍ରୁପ-ବି'ର ପ୍ରଥମ କ୍ୱାର୍ଟର କଳାହାଣ୍ଡି କ୍ରିକେଟ ଏକାଡେମୀ ସହ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

● କୁଚ୍‌ବିହାର ଟ୍ରଫି

# ପ୍ରିୟାଂଶୁଙ୍କୁ ୭ ୱିକେଟ୍; ହିମାଚଳ ୧୮୧ରେ ସୀମିତ



ଭୁବନେଶ୍ୱର/ବଲାଙ୍ଗିର, ୧୬।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ହିମାଚଳ ପ୍ରଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ଭଲସ୍ଥିତିରେ ରହିଛି। ମ୍ୟାଚରେ ଭ୍ରମଣକାରୀ ହିମାଚଳ ପ୍ରଦେଶ ଟସ୍ ଜିତି ବ୍ୟାଟିଂ କରିଥିଲା। ତେବେ ଘରୋଇ ଦଳର ଦ୍ରୁତ ବୋଲର ପ୍ରିୟାଂଶୁ ମହାନ୍ତିଙ୍କ ବୋଲିଂକୁ ସାମ୍ନା କରି ନ ପାରି ଦଳ ପ୍ରଥମ ପାଳିରେ ୭୨.୩ ଓଭର ଖେଳି ୧୮୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ କଟରିୟା ସର୍ବାଧିକ ୫୭ ରନ କରିଥିଲେ। ବୋଲିଂରେ ପ୍ରିୟାଂଶୁ ୨୭.୩ ଓଭର ବୋଲିଂ କରି ୨ ମେଡେନ ସହ ୬୦ ରନ ବ୍ୟୟରେ ୭ଟି ୱିକେଟ୍ ନେଇ ହିମାଚଳ ପ୍ରଦେଶର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଷ୍ଟମ୍ପ ସୁଦ୍ଧା ୧୫ ଓଭରରେ କୌଣସି ୱିକେଟ୍ ନ ହରାଇ ୪୪ ରନ ସଂଗ୍ରହ କରିଛି। ସମ୍ବିତ ବେଜ ୨୫ ଓ ଅଭିରୂପ ଦାସ ୧୮ ରନ କରି ଖେଳୁଛନ୍ତି। ଇନିଂସ ଅଗ୍ରଣୀ ଲାଗି ଓଡ଼ିଶା ଆହୁରି ୧୩୮ ରନ ଆବଶ୍ୟକ କରୁଛି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ପଦକ ବିଜେତା କିଟ୍ ଖେଳାଳିଙ୍କୁ ଦିଆଗଲା ପ୍ରୋତ୍ସାହନ




ଭୁବନେଶ୍ୱର, ୧୬।୧୨ (ସମିସ)

ରାଜସ୍ଥାନରେ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ବିଶ୍ୱବିଦ୍ୟାଳୟ ଦମ୍‌ଦାର ପ୍ରଦର୍ଶନ କରି ୨୧ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଥିଲା। ଭାରତର ୨୨୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଟପ୍-୭ରେ ରହି ପୂର୍ବାଞ୍ଚଳର ଶ୍ରେଷ୍ଠ ପଦକ ବିଜେତା ଭାବେ ଅଭିଯାନ ଶେଷ କରିଥିଲା। ଏହି ଅବସରରେ ମଙ୍ଗଳବାର ପଦକ ବିଜେତା କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ଓ ଦଳଗତ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଟଙ୍କା ଓ କାଂସ୍ୟ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। 'ଏହା କେବଳ କିଟ୍ ଓ କିସ୍ ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶଶ ପାଇଁ ଗର୍ବ ଓ ଗୌରବର ବିଷୟ। ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ୍ୟ ପଦକ ହାସଲ କରିବେ' ବୋଲି ଶ୍ରୀ ସାମନ୍ତ ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫେନ୍‌ସିଙ୍ଗ୍ ପ୍ରଶିକ୍ଷଣ ଶିବିରରେ ୩୦ ଖେଳାଳି



ଭୁବନେଶ୍ୱର,୧୬।୧୨ (ସମିସ): ୩୩ତମ ଜାତୀୟ କନିଷ୍ଠ ଫେନସିଙ୍ଗ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୫-୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା କଟକ ରେ ଅନୁଷ୍ଠିତ ହେବ ଏନେଇ ଆଜି ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଫେନ୍‌ସିଙ୍ଗ୍ ହଲ୍‌ଠାରେ ଓଡିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୬ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ମୋଟ ୩୦ ଜଣ ଖେଳାଳି ପ୍ରଶିକ୍ଷଣ ଶିବିର ରେ ରହିବେ ଏବଂ ତାଙ୍କୁ ସାତ ଜଣ କୋଚ ତାଲିମ ପ୍ରଦାନ କରିବେ । ଏଥିରୁ କନିଷ୍ଠ ବର୍ଗରୁ ୨୪ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ବଛାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ବଲାଙ୍ଗିର ଅତିରିକ୍ତ ଏସ. ପି ଶ୍ରୀଯୁକ୍ତ ଗୁଣନିଧି ମଲ୍ଲିକ ,ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଅସିଚାଳନା କୋଚ୍ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁକାନ୍ତ ସେଠ, କରିଶ୍ମା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସୁଭଦ୍ରା ବେହେରା, ବୁଦ୍ଧିରାଜ ବିଶ୍ୱାଳ,ସସ୍ମିତା ଗଡତିଆ, ଜିତେନ୍ଦ୍ର ନାଏକ, କରୁଣା କର ନାଏକ, ବିଭୁତି ସ୍ୱାଇଁ ଉପସ୍ଥିତ ଥିଲେ।

## ଆଇପିଏଲ୍-୧୯ ମିନି ନିଲାମୀ: ସବୁଠୁ ଦାମି ବିଦେଶୀ ଖେଳାଳି ରେକର୍ଡ ଭାଙ୍ଗିଲା

# ୨୬ ବର୍ଷୀୟ ଗ୍ରୀନ୍ ୨୫.୨୦ କୋଟିରେ ବିକ୍ରି

ଆବୁଧାବି, ୧୬ ।୧୨ (ଏଜେନ୍ସି)

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆବୁଧାବିରେ ଅନୁଷ୍ଠିତ ହୋଇଥିବା ଏହି ଦିନିକିଆ ଖେଳାଳି କ୍ରୟ ପ୍ରକ୍ରିୟାରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କ୍ରିସ୍ ଗ୍ରୀନ ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗି ସବୁଠୁ ଦାମି ଖେଳାଳି ହେବାର ରେକର୍ଡ କରିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ୨୬ ବର୍ଷୀୟ ଗ୍ରୀନଙ୍କୁ ୨୫.୨୦ କୋଟି ଟଙ୍କାରେ କ୍ରୟ କରିଥିଲା। ନିଲାମୀ ସମୟରେ ଗ୍ରୀନଙ୍କୁ ନେବା ପାଇଁ କୋଲକାତା ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା। ସିଏସ୍‌କେ ୨୫ କୋଟି ପର୍ଯ୍ୟନ୍ତ ବାଜି ଲଗାଇଥିଲା।


କ୍ରିସ୍ ଗ୍ରୀନ


କାର୍ତ୍ତିକ ଶର୍ମା


ପ୍ରଶାନ୍ତ ବୀର

କିନ୍ତୁ ଶେଷରେ କୋଲକାତା ୨୫.୨୦ କୋଟି ସହ ବାଜିମାତ୍ କରିନେଇଥିଲା। ଗ୍ରୀନଙ୍କ ମୂଳ ଦର ୨ କୋଟି ରହିଥିବାବେଳେ ସେ ପାଖାପାଖି ୧୩ ଗୁଣା ମୂଲ୍ୟରେ ବିକ୍ରି ହୋଇଥିଲେ। ଫଳରେ ଆଇପିଏଲ୍ ଇତିହାସରେ ସର୍ବକାଳୀନ ଦାମି ବିଦେଶୀ ଖେଳାଳି ହୋଇଛନ୍ତି ଏହି ଅଷ୍ଟ୍ରେଲୀୟ କ୍ରିକେଟର୍। ପୂର୍ବରୁ ଦାମି ବିଦେଶୀ ଖେଳାଳି ରେକର୍ଡର ଟ୍ୟାଗ୍ ସମାନ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କଠାରେ ଲାଗିଥିଲା। ୨୦୨୪ ଖେଳାଳି ନିଲାମୀରେ କେକେଆର୍ ଫ୍ରାଞ୍ଚାଇଜ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଏଥିସହ ଗ୍ରୀନ ୩ୟ ଅଷ୍ଟ୍ରେଲୀୟ ଭାବେ ଆଇପିଏଲ୍‌ରେ ୨୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଗ୍ରୀନଙ୍କ ପୂର୍ବରୁ ଷ୍ଟାର୍କ ଓ କମିନ୍ସ (୨୦.୫ କୋଟି) ଏହି ୨୦ କୋଟି ଦର ଅତିକ୍ରମ କରିଥିଲେ। ଗ୍ରୀନ ୨୫.୨୦ କୋଟି ଟଙ୍କାରେ କ୍ରୟ ହୋଇଥିଲେ ମଧ୍ୟ ପ୍ରାପ୍ୟ ବାବଦକୁ ସେ ୧୮ କୋଟି ଟଙ୍କା ପାଇବେ। ଆଇପିଏଲ୍‌ର 'ମ୍ୟାକ୍ସିମମ୍ ଫି' ନିୟମ ଅନୁଯାୟୀ ବଳକା ୭.୨୦ କୋଟି ଟଙ୍କା ବିସିସିଆଇ ନିକଟକୁ ଯିବ। ଏଥିପୂର୍ବରୁ ଗ୍ରୀନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ମୋଟ୍ ୨୯ଟି ମ୍ୟାଚ୍ ଖେଳି ୭୦୭ ରନ ସଂଗ୍ରହ କରିଥିଲେ।

### ଦୁଇ ଖେଳାଳିଙ୍କ ପାଇଁ ୪୩.୨୦ କୋଟି

ମଙ୍ଗଳବାର ନିଲାମୀରେ ସବୁଠୁ ମହଙ୍ଗା ଖେଳାଳି ଦ୍ୱୟ ରହିଥିଲେ କାମେରନ ଗ୍ରୀନ ଓ ମଥିଶା ପତିରାଣା। ଏହି ଦୁଇ ଖେଳାଳିଙ୍କୁ କୋଲକାତା ଫ୍ରାଞ୍ଚାଇଜ ଯଥାକ୍ରମେ ୨୫.୨୦ କୋଟି ଓ ୧୮ କୋଟି ଟଙ୍କାରେ କ୍ରୟ କରିଥିଲେ। ଫଳରେ ଏହି ଦୁଇଜଣ ଖେଳାଳିଙ୍କୁ କ୍ରୟ କରିବା ଲାଗି ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ୪୩.୨୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସିଂହଳୀ ଦ୍ରୁତ ବୋଲର ପତିରାଣାଙ୍କୁ ନିଲାମୀରେ କ୍ରୟ କରିବା ଲାଗି ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ପ୍ରଥମେ ଲଢ଼େଇ ହୋଇଥିଲା। ଏହାପରେ ଲକ୍ଷ୍ନୌ ଓହରିଯିବା ପରେ କେକେଆର ରେସ୍‌ରେ ସାମିଲ ହୋଇ ଶେଷରେ ବାଜିମାତ୍ କରିଥିଲା।

### ଚମକିଲେ ପ୍ରଶାନ୍ତ, କାର୍ତ୍ତିକ

ସେହିଭଳି ଆଜି ନିଲାମୀରେ ସବୁଠୁ ଚର୍ଚ୍ଚାରେ ରହିଥିଲା ସର୍ବାଧିକଥରର ଟାଇଟଲ୍ ବିଜେତା ଚେନ୍ନାଇ ସୁପର କିଙ୍ଗ୍‌ସ। ଚେନ୍ନାଇ ଦୁଇଜଣ ଅପରିଚିତ ଖେଳାଳିଙ୍କୁ କ୍ରୟ କରିବା ଲାଗି ୨୮.୪୦ କୋଟି ଟଙ୍କା ବ୍ୟୟ କରିଥିଲା। ସେହି ଦୁଇଜଣ ଖେଳାଳି ହେଲେ ଉତ୍ତର ପ୍ରଦେଶ ଅଲ୍‌ରାଉଣ୍ଡର ପ୍ରଶାନ୍ତ ବୀର ଓ ରାଜସ୍ଥାନର ବ୍ୟାଟର୍ କାର୍ତ୍ତିକ ଶର୍ମା। ଉଭୟଙ୍କୁ ଚେନ୍ନାଇ ୧୪.୨୦ କୋଟି ଲେଖାଏରେ କିଣି ଦଳରେ ସାମିଲ କରିଛି। ଉଭୟଙ୍କ ମୂଳ ଦଳ ୩୦ ଲକ୍ଷ ଟଙ୍କା ରହିଥିଲା। ଅର୍ଥାତ୍ ଏମାନେ ମୂଳଦରରୁ ୪୯ ଗୁଣା ଅଧିକ ମୂଲ୍ୟରେ ନିଲାମୀରେ କ୍ରୟ ହୋଇଥିଲେ। ସେହିଭଳି ଆଇପିଏଲ୍ ଇତିହାସରେ ଅନକ୍ୟାପଡ୍ ଅର୍ଥାତ୍ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଉଭୟ ସର୍ବାଧିକ ମୂଲ୍ୟରେ ବିକ୍ରି ହେବାର ନୂଆ ରେକର୍ଡ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଅଭେସ ଖାନଙ୍କ ନାମେ ରହିଥିଲା। ୨୦୨୨ ନିଲାମୀରେ ଲକ୍ଷ୍ନୌ ଅଭେସଙ୍କୁ ୧୦ କୋଟି ଟଙ୍କାରେ ଦଳରେ ସାମିଲ କରିଥିଲା।

## ଚର୍ଚ୍ଚିତ କ୍ରୟ

| ଖେଳାଳି | ଟିମ୍ | ମୂଳଦର | କ୍ରୟମୂଲ୍ୟ (କୋଟି) |
|---|---|---|---|
| କାମେରନ ଗ୍ରୀନ | କୋଲକାତା | ୨ କୋଟି | ୨୫.୨୦ |
| ମଥିଶା ପତିରାଣା | କୋଲକାତା | ୨ କୋଟି | ୧୮.୦୦ |
| ପ୍ରଶାନ୍ତ ବୀର | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| କାର୍ତ୍ତିକ ଶର୍ମା | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| ଲିଆମ ଲିଭିଂଷ୍ଟୋନ | ହାଇଦରାବାଦ୍ | ୨ କୋଟି | ୧୩.୦୦ |
| ମୁସ୍ତାଫିଜୁର ରେହମାନ | କୋଲକାତା | ୨ କୋଟି | ୯.୨୦ |
| ଜୋଶ୍ ଇଂଲିଶ | ଏଲ୍ଏସ୍ଜି | ୨ କୋଟି | ୮.୬୦ |
| ଆକିବ ଦାର | ଦିଲ୍ଲୀ | ୩୦ ଲକ୍ଷ | ୮.୪୦ |
| ରବି ବିଷ୍ଣୋଇ | ରାଜସ୍ଥାନ | ୨ କୋଟି | ୭.୨୦ |
| ଜାସନ ହୋଲ୍ଡର | ଗୁଜରାଟ | ୨ କୋଟି | ୭.୦୦ |
| ଭେଙ୍କଟେଶ ଆୟର | ରାଜସ୍ଥାନ | ୨ କୋଟି | ୭.୦୦ |
| ରାହୁଲ ଚହର | ଚେନ୍ନାଇ | ୧ କୋଟି | ୫.୨୦ |
| ମଙ୍ଗେଶ ଯାଦବ | ବେଙ୍ଗାଲୁରୁ | ୩୦ ଲକ୍ଷ | ୫.୨୦ |
| ବେନ୍ ଡାରୱିସ | ପଞ୍ଜାବ | ୧ କୋଟି | ୪.୪୦ |
| ପାଥୁମ ନିଶାଙ୍କ | ଦିଲ୍ଲୀ | ୭୫ ଲକ୍ଷ | ୪ କୋଟି |

## ବେୟାରଷ୍ଟୋ, ପୃଥ୍ୱୀ ଅଲୋଡ଼ା ରହିଲେ


ଏହି ମିନି ନିଲାମୀରେ ଅନେକ ତାରକା ଖେଳାଳି ଅଲୋଡ଼ା ରହିଛନ୍ତି। ଅର୍ଥାତ୍ ସେମାନଙ୍କୁ ନେବାକୁ ଅଂଶଗ୍ରହଣକାରୀ ୧୦ଟି ଯାକ ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ। ଏହି ତାରକା ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ଜନ୍ନୀ ବେୟରଷ୍ଟୋ, ଆଲଜରୀ ଜୋସେଫ୍, ଜେକ ଫ୍ରେଜର-ମ୍ୟାକଗର୍କ, କାଏଲ ଜେମିସନ, ଡାରୀଲ ମିଚେଲ, ସିନ ଆବଟ, ମହୀଷ ଥିକସାନା, ଗେରାଲ୍ଡ କୋଏର୍ଜ, ଡେଭନ କନୱେ, ରହମନୁଲ୍ଲା ଗୁରବାଜ୍, ଝେ ରିଚାର୍ଡସନ ଏବଂ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୃଥ୍ୱୀ ଶ', ଦୀପକ ହୁଡା, କେଏସ୍ ଭରତ, ସର୍ଫରାଜ ଖାନ, ଯଶ ଧୁଲ, କରନ ଶର୍ମା, ବିଜୟ ଶଙ୍କର, ତନୁଷ କୋଟିଆନ ପ୍ରମୁଖ ରହିଛନ୍ତି। ସେହିଭଳି ଦୁଇ ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ଓ ସ୍ୱସ୍ତିକ ସାମଲଙ୍କୁ କ୍ରୟ କରିବାକୁ କୌଣସି ଫ୍ରାଞ୍ଚାଇଜ ଆଗ୍ରହ ଦେଖାଇ ନ ଥିଲେ।

## ଆସେସ୍ ସିରିଜ୍: ଆଜିଠୁ ୩ୟ ଟେଷ୍ଟ

ଆଡିଲେଡ୍, ୧୬ ।୧୨ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଆସେସ୍ ସିରିଜର ତୃତୀୟ ଟେଷ୍ଟ ମ୍ୟାଚ ବୁଧବାରଠାରୁ ଆଡିଲେଡ୍ ଓଭାଲରେ ଆରମ୍ଭ ହେବାକୁ ଯାଉଛି। ପର୍ଥ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୮ ୱିକେଟରେ ଜିତି ଅଷ୍ଟ୍ରେଲିଆ ଦମ୍‌ଦାର ଭାବେ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଗାବାରେ ଖେଳାଯାଇଥିବା ଦିବା-ରାତ୍ର ପିଙ୍କବଲ୍ ଟେଷ୍ଟରେ ମଧ୍ୟ ଇଂଲଣ୍ଡ ସମାନ ୮ ୱିକେଟରେ ପରାସ୍ତ ହୋଇଥିଲା। ଫଳରେ ପ୍ରଥମ ଦୁଇଟି ମ୍ୟାଚକୁ ଜିତି ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ୨-୦ରେ ସିରିଜ ଅଗ୍ରଣୀ ରହିଛି।.

## ଏକାଠି ବିଶ୍ୱକପ୍ ଖେଳିବେ ୩ ଭାଇ

ନୂଆଦିଲ୍ଲୀ, ୧୬ ।୧୨ (ଏଜେନ୍ସି): କ୍ରିକେଟ୍ ଇତିହାସରେ ଏପରି ଅନେକ ଭାଇ ଯୋଡ଼ି ରହିଛନ୍ତି ଯେଉଁମାନେ ଏକାଠି ନିଜ ଦେଶ ପକ୍ଷରୁ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। କିନ୍ତୁ କ୍ରିକେଟ୍ ବିଶ୍ୱକପ୍ କୌଣସି ଫର୍ମାଟ୍‌ରେ ଓ ବୟସବର୍ଗରେ ତିନି ଭାଇ ଏକାଠି ଖେଳିବା ଏହା ଦ୍ୱିତୀୟ ଘଟଣା। ଆସନ୍ତାବର୍ଷ ଜିମ୍ବାୱେ ଓ ନାମିବ୍ୟାରେ ମିଳିତ ଭାବେ ହେବାକୁ ଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଲାଗି ଜାପାନ ଦଳ ଘୋଷଣା କରାଯାଇଛି। ଜାପାନର ୧୫ ଜଣିଆ ଦଳରେ ୩ ଭାଇ ସ୍ଥାନ ପାଇଛନ୍ତି। ସେମାନେ ହେଲେ ମଣ୍ଟଗୋମେରୀ ହାରା ହେଞ୍ଜ, ଚାର୍ଲ୍ସ ହାରା ହେଞ୍ଜ ଓ ଗ୍ରାବିଏଲ୍ ହାରା ହେଞ୍ଜ। ଏଥିପୂର୍ବରୁ ୧୯୭୬ରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦଳରେ ହାଡଲୀ ବ୍ରଦର୍ସ ରିଚାର୍ଡ, ବାରୀ ଓ ଡେଲୀ ଏକାଠି ଖେଳି ଇତିହାସ ରଚିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS